ଭାରତୀୟ ଟ୍ୱେଣ୍ଟି-୨୦ ଦଳରେ ମୟଙ୍କ
ପୃଷ୍ଠା ୬

ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 191 | ଭାଗ ୩୨ | ସଂଖ୍ୟା୧୯୧ | Bhubaneswar | Monday 30 September 2024 | Page 8 Rs. 4.00 | ଭୁବନେଶ୍ୱର | ସୋମବାର ୩୦ ସେପ୍ଟେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

ଝାଡ଼ଖଣ୍ଡ ନିର୍ବାଚନରେ 'ମୋହନ' ମାନିଆ

ଭୁବନେଶ୍ୱର,୨୯।୯(ସଂଚାର ବ୍ୟୁରୋ): ଦେଶରେ ଏବେ ଝାଡ଼ଖଣ୍ଡ ନିର୍ବାଚନକୁ ନେଇ ଜୋର ଚର୍ଚ୍ଚା ଚାଲିଛି। ବିଜେପି ଏଠାରେ ସରକାର ଗଢ଼ିବାକୁ ଜୋରସୋରରେ ଲାଗିଛି। ପଡ଼ୋଶୀ ଓଡ଼ିଶାରେ ସରକାର ଦଖଲ କରିବା ପରେ ଦଳର ଆତ୍ମବିଶ୍ୱାସ ବେଶ ବଢ଼ିଯାଇଛି। ତେବେ ଓଡ଼ିଶା ନିର୍ବାଚନ ଫଳାଫଳର ପ୍ରଭାବ ଝାଡ଼ଖଣ୍ଡ ନିର୍ବାଚନ ଉପରେ ପଡ଼ିପାରେ। ଦଳର ରଣନୀତିକାରମାନେ ଏ ସମ୍ପର୍କରେ ବିଚାର କରୁଛନ୍ତି। ସେହି ଅନୁସାରେ, ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ମାଝି ଝାଡ଼ଖଣ୍ଡ ନିର୍ବାଚନରେ ଟ୍ରମ୍ପକାର୍ଡ ସାଜିପାରନ୍ତି। ଏହାକୁ ନେଇ ଓଡ଼ିଶା ଓ ଝାଡ଼ଖଣ୍ଡ ରାଜନୀତି ସରଗରମ ହୋଇଉଠିଛି।

ଦୀର୍ଘ ଦଶନ୍ଧିର ଅପେକ୍ଷା ପରେ ଓଡ଼ିଶାରେ ବିଜେପି କ୍ଷମତାକୁ ଆସିଛି। ୨୫ବର୍ଷର ବିଜେଡି ସରକାର ହଟିବାରେ ସଫଳ ହୋଇଛି। ଲକ୍ଷ ଲକ୍ଷ କାର୍ଯ୍ୟକର୍ତ୍ତାଙ୍କ ପରିଶ୍ରମ, ରାଜ୍ୟ ସଭାପତିଙ୍କ ଜିଦ୍ ଓ କେନ୍ଦ୍ରୀୟ ନେତୃତ୍ୱଙ୍କ ରଣନୀତି ସହ ଓଡ଼ିଶା ବିଜେପିର ପୋଷ୍ଟରବୟ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଘନଘନ ପ୍ରଚାର ରାଜ୍ୟ ରାଜନୀତିର ମୋଡ଼ ବଦଳାଇଥିଲା। ଫଳରେ ରାଜ୍ୟରେ ବିଜେପି ସରକାର ଗଢ଼ିବାରେ ସଫଳ ହୋଇଥିଲା। ତେବେ ଓଡ଼ିଶା ନିର୍ବାଚନରେ ବିଜେପି ଯେମିତି ଓଡ଼ିଆ ଅସ୍ମିତାକୁ ପ୍ରସଙ୍ଗ କରି ସରକାର ଗଢ଼ିବାକୁ ସକ୍ଷମ ହେଲା, ସେମିତି ଝାଡ଼ଖଣ୍ଡ ପାଇଁ ବି ରଣନୀତି ପ୍ରସ୍ତୁତ ହୋଇଛି। ଆଗାମୀ ଦୁର୍ଗାପୂଜା ପରେ ପରେ

ବିଜେପି ଏଠାରେ ନିର୍ବାଚନୀ ପ୍ରସଙ୍ଗ ଉଠାଇବ। ତେବେ ଆଦିବାସୀ ବହୁଳ ଝାଡ଼ଖଣ୍ଡରେ ଆଦିବାସୀଙ୍କ ସ୍ୱାଭିମାନ ପ୍ରସଙ୍ଗକୁ ନେଇ ବିଜେପି ମଇଦାନକୁ ଓହ୍ଲାଇବା ଏକପ୍ରକାର ସ୍ପଷ୍ଟ ହୋଇଛି।

୨୦୧୧ ଜନଗଣନା ଅନୁଯାୟୀ, ଝାଡ଼ଖଣ୍ଡରେ ୨୬.୨ ପ୍ରତିଶତ ଆଦିବାସୀ ଭୋଟର ଥିଲେ। ଯାହା ଏବେ ପ୍ରାୟ ୩୦ ପ୍ରତିଶତ ହେବ। ସେମାନଙ୍କ ମଧ୍ୟରେ ହୋ, ମୁଣ୍ଡା, ସାନ୍ତାଳ ଏବଂ ଓରାନ୍ ସମ୍ପ୍ରଦାୟର ଆଦିବାସୀ ଜନଜାତିଙ୍କ ସଂଖ୍ୟା ଅଧିକ। ଏପରିକି ୮୧ ଆସନରୁ ୨୭ ଆସନ ଆଦିବାସୀଙ୍କ ପାଇଁ ସଂରକ୍ଷିତ। ପ୍ରକାରାନ୍ତରେ କେଉଁ ଦଳ ସରକାର ଗଢ଼ିବ ତାହା ଆଦିବାସୀ ଭୋଟ୍ ହିଁ ନିର୍ଣ୍ଣୟ କରିଥାଏ। ଗତଥର ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା (ଜେଏମ୍ଏମ୍) ପଟକୁ ସଂଖ୍ୟାଧିକ ଆଦିବାସୀ ଭୋଟ୍ ଯାଇଥିଲା। ତେଣୁ ମେଂଟ ସରକାର ଗଢ଼ିବାରେ ଜେଏମ୍ଏମ୍ ନେତା ହେମନ୍ତ ସୋରେନ୍ ସଫଳ ହେଲେ। ତେଣୁ ଚଳିତ ନିର୍ବାଚନରେ ଆଦିବାସୀ ଭୋଟ୍ ବ୍ୟାଙ୍କକୁ ବିଜେପି ନିଜପଟକୁ ନେବାକୁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଛି। ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଦୁର୍ନୀତି ମାମଲାରେ ଜେଲ୍ ଯିବା ଝାଡ଼ଖଣ୍ଡ ରାଜନୀତିକୁ ରୋଚକ କରିଥିଲା। ଏହା ଏବେ ବିଜେପି ପାଖରେ ପ୍ରମୁଖ ପ୍ରସଙ୍ଗ ହୋଇଛି।

ଅନ୍ୟପଟେ ଓଡ଼ିଶା ନିର୍ବାଚନ ଫଳାଫଳର ପ୍ରଭାବ ପଡ଼ୋଶୀ ଝାଡ଼ଖଣ୍ଡ ଉପରେ ପଡ଼ିବାର ସମ୍ଭାବନା ଅଧିକ। କୁହାଯାଉଛି ରଣନୀତିରେ ବିଜେପି ବିଶ୍ୱାସ କରେ। ତେଣୁ ଝାଡ଼ଖଣ୍ଡ ନିର୍ବାଚନକୁ ପ୍ରଭାବିତ କଲାଭଳି ପୃଷ୍ଠା-୬

କମର କଷିଲେ ସରକାର
ଆସିଲେ ଦେବଦତ୍ତ, ହଟିଲେ ସଞ୍ଜୀବ

ଆର ପି କୋଚେ ଗୋଇନ୍ଦା ନିର୍ଦ୍ଦେଶକ
ବିନୟତୋଷ ମିଶ୍ର କ୍ରାଇମବ୍ରାଞ୍ଚ ଏଡିଜି

ଭୁବନେଶ୍ୱର, ୨୯।୯ (ସଂଚାର ବ୍ୟୁରୋ): ଆଇନଶୃଙ୍ଖଳା ପରିସ୍ଥିତିରେ ଅଧିକ ସୁଧାର ଆଣିବା ପାଇଁ କମର କଷିଛନ୍ତି ମୋହନ ସରକାର। ରବିବାର ବରିଷ୍ଠ ଆଇପିଏସ୍ ସ୍ତରରେ ଅଦଳ ବଦଳ କରିଥିବା ବେଳେ କିଛି ଓପିଏସ୍‌ଙ୍କୁ ଏସ୍‌ପି ଭାବେ ନିଯୁକ୍ତି ଦେଇଛନ୍ତି। ନୂଆ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ଦାୟିତ୍ୱ ଗ୍ରହଣ କରିବାର ପ୍ରାୟ ଦେଢ଼ ମାସ ପୃଷ୍ଠା-୬

ତଡ଼ିପାର ହେବେ ସନ୍ୟାସୀଙ୍କ ଶିଷ୍ୟ

ପୋଲିସ ବିଭାଗ ଭିତିରି କଥା
ଡିଜିପିଙ୍କ ହାତରେ ରେଜିଷ୍ଟର ଓ ସିସିଟିଭି

ଭୁବନେଶ୍ୱର,୨୯।୯(ସଂଚାର ବ୍ୟୁରୋ): ସେ କାମ କରିବାରେ ଯେତିକି ଦକ୍ଷ, ଆକ୍ସନ ନେବାରେ ବି ସେତିକି ପାରଙ୍ଗମ। ଭୁଲ କୁ ଭୁଲ ଓ ଠିକ୍‌କୁ ଠିକ୍ କୁହନ୍ତି ବୋଲି ଆଜିର ଦିନରେ ଓଡ଼ିଶାର ଗୁରୁ ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ। ଆମେ କହୁଛୁ ଡିଜିପି ୱାଇ. ବି.ଖୁରାନିଆଙ୍କ କଥା। ଡିଜିପି ଭାବେ ସରକାର ତାଙ୍କ କାର୍ଯ୍ୟକାଳ ବଢ଼ାଇବା ପରେ ଓଡ଼ିଶାର ବିଭିନ୍ନ ସ୍ଥାନରେ କ୍ରାଇମ ମ୍ୟାନେଜମେଣ୍ଟ ସ୍ପଷ୍ଟ ଭାବେ ବାରି ହୋଇପଡିଛି। ଖୋର୍ଦ୍ଧା ଗୋଷ୍ଠୀ ସଂଘର୍ଷ ହେଉ ବା ଭରତପୁର ଘଟଣା। ଅଭିଯୋଗର ୨୪ ଘଣ୍ଟା ଭିତରେ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇ ଖୁରାନିଆ ଅପରାଧୀଙ୍କ ମନରେ ଛନକା ପୁରାଇ ଦେଇଛନ୍ତି। ଘଟଣା ଯାହା ବି ହେଉ ନା କାହିଁକି, କ୍ରାଇମବ୍ରାଞ୍ଚ ତଦନ୍ତ ପରେ ପୁରା ଘଟଣାରେ ସ୍ୱଚ୍ଛତା ଆସିପାରିଛି। କିନ୍ତୁ ଏହାରି ଭିତରେ ପୁରୁଣା ବସଙ୍କ ପ୍ରେମ ଛାଡିପାରିନାହାନ୍ତି କିଛି ପୋଲିସ ଅଧିକାରୀ। ଯେଉଁମାନେ ପୋଲିସ ବିଭାଗରେ ରହି ଖୋଦ ପୋଲିସ ମୁଖିଆଙ୍କୁ ବଦନାମ କରିବାକୁ ଅଣ୍ଟା ଭିଡିଛନ୍ତି। କିନ୍ତୁ ଏଭଳି କୁଚକ୍ରିଙ୍କୁ ଦମନ କରିବାକୁ ଖୁରାନିଆ ନିଜେ ଏବେ ଆକ୍ସନ ମୋଡ୍‌କୁ ଆସିଛନ୍ତି। ଗତ ୨୧ ତାରିଖ ଭରତପୁର ଘଟଣାରେ ଅପରାହ୍ନରେ ରିଜର୍ଭ ଗ୍ରାଉଣ୍ଡରେ ୬ ଶହରୁ ଉର୍ଦ୍ଧ୍ୱ ପୋଲିସ କର୍ମଚାରୀ ରୁଣ୍ଡ ହୋଇ ନିଜ ବଳ ଦେଖାଇବାକୁ ଚେଷ୍ଟା କରିଥିଲେ। ଡିଜିପିଙ୍କ ବିନା ଅନୁମତିରେ ଏହି ମେଳି ହୋଇଥିଲା। ଗୋଟିଏ ପଟେ ପୋଲିସର ଏକତା ପ୍ରଦର୍ଶନ କରିବାକୁ ଯାଇ କିଛି ଅଫିସର ଏଭଳି ମେଳି ହେଉଥିବା କହୁଥିବା ବେଳେ ଆଉ କିଛି ପ୍ରି ପ୍ଲାନ ମୁତାବକ ସଂଗଠିତ ହୋଇଥିଲେ। ପ୍ରକୃତରେ ଉଦ୍ଦେଶ୍ୟ ଥିଲା ବିଜେପି ସରକାର ଏପରିକି ଡିଜିପିଙ୍କୁ ଅକଳରେ ପକାଇବା। ଏଭଳି ଖବର ପ୍ରଚାର ପରେ ନିଜେ ପୋଲିସ କମିଶନର ଯାଇ ଏହି ମେଳି ଭାଙ୍ଗିଥିଲେ। କିନ୍ତୁ ଏସବୁ ଜାଣି ପରେ ଖପ୍ପା ହୋଇଯାଇଥିଲେ ଡିଜିପି ଖୁରାନିଆ। ଯେଉଁଥିପାଇଁ ବିଭାଗ ଭିତରେ ଚାଲିଥିଲା ପୃଷ୍ଠା-୬

ବଣୁ ମଲ୍ଲିକଂକ ପରମବଂଧୁ ଏବେ ଭଦ୍ରକ ହିଂସାକାଣ୍ଡର ମୁଖ୍ୟ ଅଭିଯୁକ୍ତ
ଫିର୍ଦ୍ଦୋଷ ଖାଁକୁ ଖସେଇଦେଲା କିଏ ?

ଭୁବନେଶ୍ୱର,୨୯।୯(ସଂଚାର ବ୍ୟୁରୋ): ସାମ୍ପ୍ରଦାୟିକ ମନ୍ତବ୍ୟ ସୋସିଆଲ ମିଡିଆରେ ଭାଇରାଲ କରି ଭଦ୍ରକରେ ଘଟିଥିବା ଗୋଷ୍ଠିକନ୍ଦଳ ଘଟଣାରେ ମୋଟ ୧୮ ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି। ଜିଲ୍ଲାରେ ୪୮ ଘଣ୍ଟା ପାଇଁ ଇଣ୍ଟରନେଟ ସେବା ବନ୍ଦ କରି ଦିଆଯାଇଛି। ୧୬୩ ଧାରାରେ କର୍ଫ୍ୟୁ ଜାରି ରହିଛି। ଉତ୍ତେଜନା ଲାଗିଥିବାରୁ ବିଭିନ୍ନ ଭଦ୍ରକ ପୁରୁଣା ବଜାର, ଦୋବଲ, ଧାମନଗର ରେ ଫ୍ଲାଗ ମାର୍ଚ୍ଚ କରାଯାଇଛି। ତେବେ ଏସବୁ ଘଟଣାର ସୂତ୍ରଧର ଫିର୍ଦ୍ଦୋଷ ଖାଙ୍କ ଧରିବାରେ ଏଯାଏଁ ବିଫଳ ରହିଛି ପୋଲିସ। ବିଜେଡି ବିଧାୟକ ସଞ୍ଜୀବ ମଲ୍ଲିକ ଓରଫ ବଣୁଙ୍କ ଛତ୍ରଛାୟାରେ ରହି ଫିର୍ଦ୍ଦୋଷ ବାରମ୍ବାର ଆଇନକୁ ହାତକୁ ନେଉଥିବା ବେଳେ ପୋଲିସ ମଧ୍ୟ ବିଧାୟକ ଙ୍କ ଚାପରେ ଚେପା ହେଉଥିବା ଦେଖାଯାଇଛି।

କେବଳ ଏହି ଘଟଣା ନୁହେଁ, ନିର୍ବାଚନ ବେଳେ ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ନିରଞ୍ଜନ ପଟ୍ଟନାୟକଙ୍କ ଏକ ଗାଡି ସୋରୁମ ରେ ଟଙ୍କା ବଣ୍ଟାଯାଉଥିବା ଅଭିଯୋଗ ଆଣି ଜୋରଜବରଦସ୍ତ ପଶିବା ସହ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଭଙ୍ଗାରୁଜା ଓ ଷ୍ଟାଫଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ସେତବେଳେ ଗିରଫ ହୋଇଥିଲା ଫିର୍ଦ୍ଦୋଷ। ସଞ୍ଜୀବଙ୍କ ଇସାରାରେ ସେ ଏଭଳି କରିଥିଲେ ସୁଦ୍ଧା ନିରଞ୍ଜନଙ୍କ ପ୍ରବଳ ଚାପ ଯୋଗୁଁ ଗିରଫ ହୋଇଥିଲେ ଫିର୍ଦ୍ଦୋଷ। କିନ୍ତୁ ଏହି ଗିରଫଦାରୀକୁ ସହଜରେ ଗ୍ରହଣ କରିପାରିନଥିଲେ ସଞ୍ଜୀବ। ସେତବେଳେ ବିଜେଡି ସରକାରରେ ଥିବାରୁ ନିଜର ଏକାନ୍ତ ସହଯୋଗୀକୁ ଗିରଫ ଘଟଣାରେ କୁଆଡେ ପୋଲିସ ପ୍ରଶାସନ ଉପରେ ପ୍ରବଳ ବର୍ଷିଥିଲେ ସଞ୍ଜୀବ। ଏପରିକି ସିଟି ଡ଼ିଏସପି ଥିବା ଅଂଶୁମାନ ଦିବେଦୀଙ୍କୁ ବଦଳି ଧମକ ଦେଇଥିଲେ। ଯେଉଁ କଲ ରେକର୍ଡିଂ ଟିକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟିକୁ ଆଣିଥିଲେ ପୋଲିସ ଅଫିସର ଜଣଙ୍କ। ଏ ଘଟଣା ପରେ ତଥାକଥିତ ପାୱାର୍ କରିଡର ର ଜଣେ ଆଇପିଏସ ସଞ୍ଜୀବଙ୍କ ଉପରେ ପ୍ରବଳ ବର୍ଷିଥିଲେ।

ଏବେ ପୁଣି ବିଭିନ୍ନ ଅଫିସରଙ୍କ ଜରିଆରେ ଫିର୍ଦ୍ଦୋଷ କୁ ଖସାଇବାକୁ ସଞ୍ଜୀବ କୁଆଡେ ଯାକୁ ତାକୁ ୱାଟସ୍ ଅଫ କଲ କରୁଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଥାନା ଅଧିକାରୀଙ୍କ ଠାରୁ ଆରମ୍ଭ କରି ଡ଼ିଆଇଜି ଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ସଲାସୁତରା ପୃଷ୍ଠା-୬

ଅକ୍ଟୋବର ୯ରେ ଦ୍ୱିତୀୟ ପର୍ଯ୍ୟାୟ 'ସୁଭଦ୍ରା' ଟଙ୍କା

ଭୁବନେଶ୍ୱର, ୨୯।୯ (ସଂଚାର ବ୍ୟୁରୋ): ଦ୍ୱିତୀୟ ପର୍ଯ୍ୟାୟ 'ସୁଭଦ୍ରା' ଟଙ୍କା ପାଇଁ ଲାଗି ରହିଥିବା କଳ୍ପନା ଜଳ୍ପନାର ଏକ ପ୍ରକାର ଅନ୍ତ ଘଟିଛି। ଦ୍ୱିତୀୟ ପର୍ଯ୍ୟାୟ 'ସୁଭଦ୍ରା' ଟଙ୍କା ଅକ୍ଟୋବର ୯ରେ ଆସିବ। ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ ଟଙ୍କା ହିତାଧିକାରୀଙ୍କୁ ଦିଆଯିବ। ବାରିପଦାରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ ଏହି ଟଙ୍କା ପ୍ରଦାନ କରିବେ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ରବିବାର ସୂଚନା ଦେଇଛନ୍ତି।

ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ସେପ୍ଟେମ୍ବର ୭ ତାରିଖ ଯାଏ ଆବେଦନ କରିଥିବା ମହିଳା ୯ରେ ଟଙ୍କା ପାଇବେ। ସୁଭଦ୍ରା ପୃଷ୍ଠା-୬

ବିଜେଡିକୁ ବିକାଶର ବିକଳ ଚିତ୍ର ଦେଖାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୯।୯(ସଂଚାର ବ୍ୟୁରୋ): ଯାଜପୁର ବିଜେଡି ନେତାଙ୍କୁ ଆଜି ବିକାଶ ନେଇ ପ୍ରଶ୍ନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି। ସିଧା ସିଧା ପଚାରିଛନ୍ତି ୨୫ବର୍ଷ ଧରି ବିଜୁଙ୍କ ଅଧୁରା ସ୍ୱପ୍ନକୁ କିପରି ପୂରଣ କରୁଥିଲ ? ତିନି ପରିବାର ମିଳିମିଶି ଯାଜପୁରକୁ ଶାସନ କରୁଥିବାବେଳେ ଖଣି ଖାଦାନଭରା ଯାଜପୁରର ବିକାଶ କିଭଳି ହୋଇଛି ତାହା ନଗଡାକୁ ଦେଖିଲେ ଜଳ ଜଳ ହୋଇ ଦିଶୁଛି।

ଆଜି ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମରେ ଯାଜପୁର ଗସ୍ତରେ ଆସି ବିଜେଡି ନେତାଙ୍କ ଉପରେ ଏଭଳି ବର୍ଷିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି। ମୁଖ୍ୟମନ୍ତ୍ରୀ କହିଛନ୍ତି ତିନି ଟି ପରିବାର ହାତରେ ଦୀର୍ଘଦିନ ହେଲା ଯାଜପୁରର ଶାସନ ଥିଲା।

ବିଜୁଙ୍କ ସ୍ୱପ୍ନ ପୂରଣ ନାଁରେ ନିଜର ସ୍ୱପ୍ନ ପୂରଣ କରିଛନ୍ତି
ବାପ ପରେ ପୁଅ ନେତା ହେଉଥିବା ଜିଲ୍ଲା ଯାଜପୁର

ଖଣି ଖାଦାନ ଭରା ଏହି ଜିଲ୍ଲାରେ ବାପ ପରେ ପୁଅ ରାଜୁତି କରୁଥିଲେ। ନିଜକୁ କ୍ରୀତଦାସ ବୋଲି କହୁଥିଲେ। ହେଲେ

ଜିଲ୍ଲାର ବିକାଶ ବଦଳରେ ନିଜର ବିକାଶ କରିଛନ୍ତି। କାରଣ ଜିଲ୍ଲାର ବିକାଶ କିଭଳି ହୋଇଛି ତାହା ନଗଡାକୁ ଦେଖିଲେ ଜଣାପଡୁଛି। ଏଠାରେ ଆଜି ବି ଶିଶୁ ଅପପୁଷ୍ଟିର ଶିକାର ହେଉଛନ୍ତି। ଠିକଣା ଭାବେ ଖାଦ୍ୟ ଖାଇବାକୁ ପାଉ ନାହାନ୍ତି। ପୂର୍ବରୁ ସରକାର ଚଳାଉଥିବା ଜିଲ୍ଲାର ନେତାମାନେ ଏହା ଦେଖୁଥିଲେ କି ନାହିଁ ସେ ନେଇ ମୋହନ ପ୍ରଶ୍ନ କରିଛନ୍ତି।

ଏଥି ସହିତ ମୁଖ୍ୟମନ୍ତ୍ରୀ ଧର୍ମଶାଳା ପିଇଓ ସ୍ମିତାରାଣୀ ହତ୍ୟାକାଣ୍ଡ ପ୍ରସଙ୍ଗ ଉଠାଇଛନ୍ତି। ସେ କହିଛନ୍ତି ବିଜେଡି ସରକାର ସବୁବେଳେ ମା'କୁ ସମ୍ମାନ କଥା କହୁଥିଲା। ହେଲେ ଏଠାରେ ଜଣେ ମା'ଙ୍କୁ କାମରେ ଲଗାଇବା ପରେ ହତ୍ୟାକାରୀ ଫିଙ୍ଗିଦେଲେ। ହତ୍ୟାକାରୀ ଚିହ୍ନଟ ହୋଇପାରିଲା ନାହିଁ। ମା'ଟିକୁ ନ୍ୟାୟ ମିଳିଲା ନାହିଁ। ବିଜେପି ସରକାର କିନ୍ତୁ ପିଇଓ ସ୍ମିତାରାଣୀଙ୍କୁ ନ୍ୟାୟ ଦେବେ। ସ୍ମିତାରାଣୀଙ୍କ ସ୍ୱାମୀ ହତ୍ୟାକାଣ୍ଡର ତଦନ୍ତ ପାଇଁ ଦାବି କରିଛନ୍ତି। ଏହି ହତ୍ୟାକାଣ୍ଡର ଫାଇଲ ଖୋଲାଯିବା ସହିତ ଦୋଷୀଙ୍କୁ ଦଣ୍ଡ ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପୂର୍ବ ସରକାରର ମୁଖ୍ୟମନ୍ତ୍ରୀଙ୍କ ଦପ୍ତରର ଜଣେ କର୍ମଚାରୀ ବୁଲି ବୁଲି ଲୋକଙ୍କ ଦରଖାସ୍ତ ସଂଗ୍ରହ କରୁଥିଲେ। ବିଜୁଙ୍କ ସ୍ୱପ୍ନ ପୂରଣ କରିବାକୁ କହି ବୁଲୁଥିଲେ। ହେଲେ ସ୍ୱପ୍ନ କେତେ ମାତ୍ରାରେ ପୃଷ୍ଠା-୬

ପୂଜାରେ ଭିଜିବ ଓଡ଼ିଶା

ଭୁବନେଶ୍ୱର, ୨୯।୯ (ସଂଚାର ବ୍ୟୁରୋ): ପୂଜାରେ ଭିଜିବ ଓଡ଼ିଶା। ଅକ୍ଟୋବର ୬ ତାରିଖ ବେଳକୁ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଓ ସଂଲଗ୍ନ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ। ପାଣିପାଗ ବିଭାଗ ପକ୍ଷରୁ ୨୭ ସେପ୍ଟେମ୍ବରରୁ ୧୦ ଅକ୍ଟୋବର ପର୍ଯ୍ୟନ୍ତ ରାଜ୍ୟର ପାଣିପାଗକୁ ନେଇ କରାଯାଇଥିବା ବିସ୍ତାରିତ ପରିସର ଆକଳନରେ ଏହି ସୂଚନା ଦିଆଯାଇଛି।

ଏହା ପ୍ରଭାବରେ ଆସନ୍ତା ୪ ଅକ୍ଟୋବରରୁ ୧୦ ଅକ୍ଟୋବର ଯାଏଁ ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ସେହି ସମୟରେ ଦୁର୍ଗାପୂଜା ପଡୁଥିବାରୁ ପାର୍ବଣକୁ ବର୍ଷା ଫିକା କରିପାରେ ବୋଲି କୁହାଯାଉଛି। ଭାରତୀୟ ପାଣିପାଗ ବିଭାଗର ଜାରି କରିଥିବା ସୂଚନାରେ, ଅକ୍ଟୋବର ୩ ତାରିଖ ଯାଏଁ ବଡ ବର୍ଷା ନାହିଁ। କିଛି କିଛି ସ୍ଥାନରେ ବିଜୁଳି ଘଡଘଡି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ୪ ତାରିଖ ପରେ ପୁଣି ବର୍ଷା ପୃଷ୍ଠା-୬

ଟ୍ରେଣ୍ଡିଂ ନ୍ୟୁଜ୍

- ଭଦ୍ରକରେ ଆଉ ୪୮ ଘଣ୍ଟା ବଢ଼ିଲା ମୋବାଇଲ୍ ଇଣ୍ଟରନେଟ୍ କଟକଣା। ପୂର୍ବପରି ଧାର୍ଯ୍ୟ ଅଞ୍ଚଳରେ ୧୬୩ ଧାରା ଅନିର୍ଦ୍ଦିଷ୍ଟ କାଳ ପାଇଁ ବଳବତ୍ତର ରହିବ।
- ହିଜବୁଲ୍ଲା ମୁଖ୍ୟ ହାସନ ନସ୍ରଲ୍ଲାର ଗୁପ୍ତ ଠିକଣା ସମ୍ପର୍କରେ ଇରାନର ଜଣେ ଗୁପ୍ତଚର ଇସ୍ରାଏଲକୁ ସୂଚନା ଦେଇଥିଲେ।
- ଜମ୍ମୁ-କଶ୍ମୀରର କଠୁଆରେ ଆୟୋଜିତ ନିର୍ବାଚନ ସଭାରେ ଭାଷଣ ଦେବା ବେଳେ ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡଗେ ଅସୁସ୍ଥ।
- ଛତିଶଗଡ଼ର ବିଜାପୁରରେ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ୧୫୩ ସିଆର୍‌ପିଏଫ୍‌ର ୫ ଯବାନ ଆହତ।
- ଝାଡ଼ଖଣ୍ଡରେ ବିଜେପି ସହିତ ଆଲୋଚନା ଫଳାଫଳ ସକାରାତ୍ମକ ନ ହେଲେ ଲୋକ ଜନଶକ୍ତି ପାର୍ଟି (ରାମବିଳାସ) ଏକୁଟିଆ ନିର୍ବାଚନ ଲଢ଼ିବ।
- ଦଳବିରୋଧୀ କାର୍ଯ୍ୟପାଇଁ ହରିୟାଣା ବିଜେପି ଶାଖା ମୁଖ୍ୟ ପୂର୍ବତନ ମନ୍ତ୍ରୀ ରଣଜିତ ଚୌଟାଲା, ପୂର୍ବତନ ବିଧାୟକ ଦେବେନ୍ଦ୍ର କାଦୟାନଙ୍କ ସମେତ ୮ ଜଣଙ୍କୁ ୬ ବର୍ଷ ପାଇଁ ବହିଷ୍କାର କଲେ।
- ପୁରୀରୁ ଯାଇଥିବା ତିନି ରଥର ତିନି ଚକ ଭବାନୀପାଟଣାର ଭବାନୀଶଙ୍କର ମନ୍ଦିରରେ ସ୍ଥାପନ ହେଲା।
- ଲଞ୍ଚ ହେଲା ନାସା ମହାକାଶଚାରୀ ସୁନୀତା ୱିଲିୟମ୍ସଙ୍କ ରେସ୍କ୍ୟୁ ମିଶନ କ୍ରୁ-୯ ମିଶନ। ଫ୍ଲୋରିଡାର କେପ୍ କାନଭେରାଲ ସ୍ପେଶ ଫୋର୍ସ ଷ୍ଟେସନରୁ ଶନିବାର ଭାରତୀୟ ସମୟ ରାତି ପ୍ରାୟ ୧୦.୪୭ରେ ରେସ୍କ୍ୟୁ ମିଶନ ଲଞ୍ଚ।

ଦରବୃଦ୍ଧି ଚାପରେ ଗରିବ ଚେପା

ଆଳୁ ବେଳେ ମହାଭାରତ : ପିଁଆଜ ବେଳକୁ ନିରବ

ଭୁବନେଶ୍ୱର,୨୯।୯(ସଂଚାର ବ୍ୟୁରୋ): ରାଜ୍ୟରେ ଆଳୁର ଦରବୃଦ୍ଧି ବେଳେ ମହାଭାରତ ସୃଷ୍ଟି କରିଥିବା ରାଜନୈତିକଦଳଗୁଡିକ କିନ୍ତୁ ଏବେ ପିଆଜ ଦରବୃଦ୍ଧି ବେଳକୁ ଏକଦମ୍ ଚୁପ୍। କେବଳ ପିଆଜ ନୁହେଁ, ଅନ୍ୟାନ୍ୟ ଖାଉଟି ସାମଗ୍ରୀର ଅହେତୁକ ଦରବୃଦ୍ଧିରେ ରାଜ୍ୟର ଖାଉଟିମାନେ ଚାପି ହୋଇଯାଉଥିବାବେଳେ ଉଭୟ ବିରୋଧି ଓ ଶାସକଦଳର ନିରବତା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ଅଳ୍ପଦିନ ତଳେ ଆଳୁର ଅହେତୁକ ଦରବୃଦ୍ଧି ହୋଇଥିଲା। କିଲୋ ପିଛା ୫୦ଟଙ୍କା ଟପିଲା ବେଳକୁ ବିରୋଧିଦଳ ଏହାକୁ ପ୍ରସଙ୍ଗ କରିଥିଲା। ଶାସକଦଳ ମଧ୍ୟ ଆଳୁର ଦରବୃଦ୍ଧି ହ୍ରାସ ଲାଗି ପଶ୍ଚିମବଙ୍ଗ ଠାରୁ ଉତ୍ତରପ୍ରଦେଶ ପର୍ଯ୍ୟନ୍ତ ଖେଦି ଯାଇଥିଲା। ରାଜଧାନୀ ଠାରୁ ଆରମ୍ଭକରି ଗାଁ ଗହଳର ହାଟରେ ଯୋଗାଣ ବିଭାଗ ଅଧିକାରୀମାନେ ଚଢଉ କରିଥିଲେ। କିଲୋ ୩୦ ଟଙ୍କାରୁ ଅଧିକ ଦରରେ ଆଳୁ ବିକିଲେ ଫାଇନ୍ କାଟିଥିଲେ। ଖୋଦ୍ ଯୋଗାଣ ମନ୍ତ୍ରୀ ଆଳୁର ସ୍ଥିତି ନେଇ ଦିନକୁ ଦୁଇ ତିନି ଥର ଗଣମାଧ୍ୟକୁ ବାଇଟ୍ ଦେଉଥିଲେ। ପଶ୍ଚିମବଙ୍ଗ ସରକାର ଓଡ଼ିଶାକୁ ଆଳୁ ନଛାଡିବାରୁ ଓଡ଼ିଶାରେ ଆଳୁ ପାଇଁ ହା ହା କାର ସ୍ଥିତି ଉପୁଜିବା ପରେ ବିରୋଧିଦଳ ନେତା ନବୀନ ପଟ୍ଟନାୟକ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ତାହାକୁ ଗଣମାଧ୍ୟମରେ ଖବର କରିଥିଲେ। ବିଧାନସଭା ଚାଲିଥିବାରୁ ବିରୋଧିଦଳକୁ ମୁକାବିଲା ଲାଗି ସରକାର ଉତ୍ତରପ୍ରଦେଶରୁ ଆଳୁ ଆଣିବାକୁ ଘୋଷଣା କରିବା ସହ ସେଠାକାର ସରକାରଙ୍କ ସହ ଯୋଗାଯୋଗ କରିଥିଲେ। ଏପରିକି ଉତ୍ତରପ୍ରଦେଶରୁ କେଉଁଦିନ କେତେ ଆଳୁ ଆସିଲା, ଟ୍ରକ କେଉଁଠାରେ ପହଞ୍ଚିଲା, ଟ୍ରେନ ଯୋଗେ କେତେ ଆଳୁ ଆସୁଛି ତାହାର ଟିକିନିଖି ଖବର ସ୍ୱୟଂ ଯୋଗାଣମନ୍ତ୍ରୀ ଦେଉଥିଲେ। ବିଧାନସଭାରେ ବି ରାଜ୍ୟର ଆଳୁ ଦର ଓ ଉତ୍ପାଦନ ସ୍ଥିତିକୁ ନେଇ ବିରୋଧି ଶାସକ ମୁହାଁମୁହିଁ ହୋଇଥିଲେ। ଓଡ଼ିଶାର ଆଳୁର ତିରୋଟ ସ୍ଥିତି ପାଇଁ ଶାସକଦଳ ବିରୋଧିଦଳକୁ ଦାୟୀ କରିଥିଲେ। କଂଗ୍ରେସ ବି ଉଭୟ ଦଳକୁ କଡା ସମାଲୋଚନା କରିବା ସହିତ ରାସ୍ତାକୁ ଓହ୍ଲାଇଥିଲା।



ଘର ସଜାଡିବା ଘାଟ ଜଗିବାରେ ତିନି ଦଳ ବ୍ୟସ୍ତ: ଲୋକଙ୍କ ସ୍ୱାର୍ଥ ଚୁଲିକୁ ଗଲାଣି

ହେଲେ ବଜାରରେ ଏବେ ପିଆଜ କିଲୋ ୭୦ ଟଙ୍କା ଛୁଇଁଥିଲେ ବି ସମସ୍ତେ ନିରବ। ଯୋଗାଣମନ୍ତ୍ରୀ ଏହି ପ୍ରସଙ୍ଗରେ ପାଟି ଖୋଲୁ ନାହାନ୍ତି। ବିରୋଧିଦଳ ମଧ୍ୟ ପିଆଜର ଦରବୃଦ୍ଧି ନହେଲା ଭଳି ଆଚରଣ ପ୍ରଦର୍ଶନ କରୁଛନ୍ତି। ପିଆଜ ମହଜୁଦ ଓ ବିକ୍ରୟ ନେଇ କେଉଁଠାରେ ଚଢଉର ଖବର ଆସୁନାହିଁ। ଫଳରେ ବ୍ୟବସାୟୀମାନେ ବେଫିକର ହୋଇ ମୁନାଫା ଉଠାଇବାରେ ଲାଗିଛନ୍ତି। ଆଳୁ ଦରବୃଦ୍ଧି ବେଳେ ଯେଭଳି କେଉଁ ରାଜ୍ୟରେ କେତେ ଦର ଓ ଓଡ଼ିଶାର କେଉଁ ମଣ୍ଡିରେ ଦର କେତେ ରହୁଛି ତାହା ଘନ ଘନ ପ୍ରସାରଣ ହେଉଥିଲା ପିଆଜ ବେଳକୁ ତାହା ଦେଖିବାକୁ ମିଳୁନାହିଁ।

କେବଳ ପିଆଜ ନୁହେଁ ଖାଇବା ତେଲର ଦର ସବୁ ସୀମା ଅତିକ୍ରମ କରିଗଲାଣି। ଲିଟର ପିଛା ୨୦ ରୁ ୨୫ ଟଙ୍କା ବଢ଼ିଛି। ଗାଁ ଗହଳର ଲୋକେ ଏକକାଳୀନ ତେଲ ଲିଟରେ ଟିକେ କିଣିବାକୁ ସାହସ ଜୁଟାଇ ପାରୁନାହାନ୍ତି। ଡାଲି ଠାରୁ ଆରମ୍ଭ ଚୁଡା ର ବି ବଢ଼ିବାରେ ଲାଗିଛି। ପ୍ରାୟ ସମସ୍ତ ପ୍ରକାର ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରବୃଦ୍ଧି ଘଟୁଛି। ବଜାର ଦର ଧିରେ ଧିରେ ଗରିବ ଲୋକଙ୍କ ହିସାବ ବାହାରକୁ ଚାଲି ଯାଉଛି।

ହେଲେ ସାଧାରଣ ଲୋକଙ୍କ ଏଭଳି ସ୍ଥିତି ନେଇ ବିରୋଧି ବିଜେଡି, କଂଗ୍ରେସ କିମ୍ବା ଶାସକ ବିଜେପି କେହି ମୁହଁ ଖୋଲୁ ନାହାନ୍ତି। ସମସ୍ତେ ଏବେ ନିଜ ଘର ସଜାଡିବା ସହିତ କର୍ମୀ ଗୋଟାଇବାରେ ଲାଗିଛନ୍ତି। ବିଜେପି ଓ ବିଜେଡି ପଦଯାତ୍ରା, ସଭ୍ୟ ସଂଗ୍ରହ, ଆଦିରେ ମାତିବା ସହିତ ପରସ୍ପରର ନେତା ଓ କର୍ମୀଙ୍କୁ କିଭଳି ନିଜ ଦଳକୁ ଆଣିବେ ସେଥିରେ ବ୍ୟସ୍ତ। ଶାସକ ଓ ବିରୋଧି ଉଭୟ ଏବେ ପୌରସଂସ୍ଥା ଭାଙ୍ଗିବା ଓ ଗଢିବାରେ ବ୍ୟସ୍ତ ଥିବାବେଳେ କଂଗ୍ରେସ ତାହାର ଘର ସଜାଡିବାରେ ଲାଗିଛି। ତେଣୁ ରାଜ୍ୟରେ କୌଣସି ଦଳ ଏବେ ସାଧାରଣ ଲୋକଟିକର ଆବଶ୍ୟକତା କିମ୍ବା ତାହାକୁ ବାଧୁଥିବା ବିଷୟ ଉପରେ ଧ୍ୟାନ ଦେଉନାହାନ୍ତି।

ସ୍ମୃତି
ତ୍ରିଲୋଚନ ମହାନ୍ତି

ସ୍ମୃତି....
ତମେ ତ ଜୀବନର
ଛଳଛଳ ଛନ୍ଦମୟ ଶବ୍ଦ
ସାଙ୍କେତିକ ସାବଲୀଳ ପଦ
ଚିର ଚିତ୍ରିତ ରଙ୍ଗ
ଓ
ଅସାମାନ୍ୟ ଅବିଚ୍ଛେଦ୍ୟ ଅଙ୍ଗ !

ସ୍ମୃତି....
ତମେ ତ ଜୀବନର
ତାରକସି ତାତ୍ତ୍ୱିକ ଛବି
ଉଦୟ ଅସ୍ତର ରବି
ସୁମଧୁର ନାନାବାୟା ଗୀତ
ଓ
କଳକଳ ଅମୃତର ସ୍ରୋତ !

ସ୍ମୃତି...
ତମେ ତ ଜୀବନର
ପୁନେଇଁ ଜୋସ୍ନାର ବିଧୌତ ରାତି
ପ୍ରେମମୟ ହୃଦୟର କଳାକୃତି
ଗୋଲାପ ବେଳର ଅନୁଭୂତି
ଓ
କର୍ମଫଳର ଶ୍ରୁତିମଧୁର ସ୍ତୁତି !

ସ୍ମୃତିରେ ସ୍ମୃତିରେ...
ଭରିଥାଏ ଜୀବନର
ସେଇସବୁ ନିଗୂଢ଼ ପାଦଚିହ୍ନ
ସମୟେ ସମୟେ
ଆନ୍ଦୋଳିତ କରେ ତନୁ-ମନ
ନିଚ୍ଛକ ହୃଦୟେ
ସୃଷ୍ଟି କରେ ପୀୟୂଷର ଆଲୋଡନ !

ସ୍ମୃତିରେ ସ୍ମୃତିରେ...
ଦୂର ଦିଗବଳୟେ
ଝଲସି ଉଠେ ଅଦିନିଆ ଇନ୍ଦ୍ରଧନୁ
ଜାଗି ଉଠେ ଈଶ୍ୱରୀୟ ସତ୍ତା
ହସି ଉଠେ ମାନବିକତାର ବାର୍ତ୍ତା
ଭରି ଉଠେ ଜୀବନର ପ୍ରତିଟି ରାସ୍ତା
ଭାରି ମଧୁମୟ ଲାଗେ
ସେଇସବୁ ଅଭୁଲା କ୍ଷଣର ଆତ୍ମୀୟତା !!

ଭାର୍ଗବୀ ଡାକୁଛି ଆ'ରେ ଗୋପ

ଡଃ ନାରାୟଣ ଚନ୍ଦ୍ର ସେନାପତି

ଆଜିବି ଭାର୍ଗବୀ କାନରେ ଶୁଭୁଛି
ଗୋପର ସେଦିନର କୁଆଁ କୁଆଁ ଡାକ,
ବୁଲି ବୁଲି ଥକିଲା ବେଳେ
ତା କେଇ ଆଞ୍ଜୁଳା ଜଳ
ମେଣ୍ଟାଉଥିଲା ତା ଶୋଷ ଆଉ ଭୋକ,
ତା ବନ୍ୟା ରେ ସଢୁଥିବା ମଣିଷଙ୍କ
ସେବା କରୁଥିଲା ଗୋପ ର ହାତ,
ଦୁଃଖୀ ରଙ୍କଙ୍କ ଓଠର ହସ ଟିକେ ଦେଖିଦେଲେ
ଖୁସିରେ ନାଚି ଉଠୁଥିଲା ତା ଚିତ୍ତ।

ଅଦିନ ରେ ଗୋପ ଚାଲିଗଲା ସିନା
ହେଲେ ସେଇଦିନୁ କଇଁ କଇଁ ହୋଇ କାନ୍ଦୁଛି ଭାର୍ଗବୀ,
ତା ଆଖିରେ ନାଚୁଛି
ଗୋପର ମଣିଷ ପଣିଆର ପ୍ରତିଛବି,
ଆଉ ଦେଖିନି ତା ପରି ନିଜେ ନ ଖାଇ ଅନ୍ୟକୁ ଦେବା,
ଆଉ ଅନୁଭବ କରୁନି ନିଜ ପୁଅକୁ ଛାଡ଼ି
ସହସ୍ର ପୁଅଙ୍କ ସେବା କରିବା,
ଗୋପର ଅହିଂସ ମହାନତା ବଡପଣ
ଯେତେ ଖୋଜିଲେ ବି ସିଏ ପାଉନି ,
ଗୋପର ସଚ୍ଚା ସ୍ୱାଭିମାନ ଶକ୍ତି
ଆଉ କାହା ହୃଦରେ ଖଞ୍ଜା ହୋଇନି,
ଭାବୁଛି ଏ କଣ ଈଶ୍ୱରଙ୍କ ଅଭିଶାପ...
କୋହ ଥରା କଣ୍ଠରେ ଭାର୍ଗବୀ ଡାକୁଛି
କୋଳକୁ ତୁ ଆ ' ରେ ଗୋପ।

ଆଜିର ବିଦ୍ୟାଳୟଗୁଡିକରେ
ଭାର୍ଗବୀ ପାଉନି ସତ୍ୟବାଦୀ ର ଛିଟା,
ସମାଜସେବୀ ବୋଲାଉଥିବା ଆଜିର ମଣିଷର
ଲାଗୁନି କାଦୁଅ କି ଭିଜୁନି ଜୋତା,
ଭାଷଣ ଆଉ ବଚନରେ ତାରତମ୍ୟ ଦେଖି,
ସେ ଲୁହରେ ଲେଖୁଛି ଭେଦଭାବର ଗୀତି,
ଓଡ଼ିଆମି ଶୂନ୍ୟ ମଣିଷଙ୍କୁ ଦେଖି,
ହଲି ଯାଉଛି ତା ନିଜର ସ୍ଥିତି
ଉତ୍କଳର ହିତ ପାଇଁ ପ୍ରଭୁଙ୍କୁ କରୁଛି ଜପ ଆଉ ତପ,
ସତେ ଯେମିତି ଲାଗୁଛି
ଭାର୍ଗବୀ ଡାକୁଛି ଆ'ରେ ଗୋପ।
ଜମ୍ପରା,କେନ୍ଦୁଝର

ଦୁଇଟି ଏକପଦୀ
ବିବୁଧ ମହାନ୍ତି

ପ୍ରେମ
ନିରବତା ଭାଙ୍ଗି ଖୋଲ ନାହିଁ ପାଟି
ନିଶବ୍ଦରେ ରହିବାକୁ ଦିଅ,
ମୁଁ ବି ଆଖିରେ ଶୁଣିପାରେ ସବୁ
ତୁମେ ବି ଆଖିରେ କହିଦିଅ।

ବିରହ
ଝଡ଼ ଭାଙ୍ଗି ଦେଲା ପୀରତିର ନୀଡ଼
ଛିଡ଼ିଗଲା ପ୍ରେମ ଶୃଙ୍ଖଳ ଯେତେ,
ତଥାପି ଦୁନିଆ କାହିଁକି କେଜାଣି
ମୋ ଭିତରେ ଖୋଜେ ଏବେ ବି ତତେ!
ମୁଣ୍ଡହତା, କାକଟପୁର, ପୁରୀ

ରେବତୀର ଲୁହ
ଆର୍ଯ୍ୟାଧାତ୍ରୀ ପାଇକରାୟ

ବହୁ ବର୍ଷ ପରେ ଗାଁ ଦୋଳଯାତ ଦେଖିବାକୁ ବାହାରିଛି ରେବତୀ। ବୋଧହୁଏ ୧୫ ବର୍ଷ ସରିକି ହବ ସେ ଗାଁ ଦୋଳଯାତ ଦେଖିନି। ଏହା ଭିତରେ ତ ସେ ପ୍ରାୟ ପ୍ରତିବର୍ଷ ଥରେ ଅଧେ ଗାଁକୁ ଯାଇଛି, କିନ୍ତୁ ଅଦିନିଆ। ଯେଉଁଦିନ ଯାଏ, ସେହିଦିନ ଫେରିବାକୁ ପଡ଼େ। ନିଜ ଘର ସଂସାରର ଜଞ୍ଜାଳ ଛାଡ଼ି ବାପଘରେ କୋଉ ରହିହେଉଛି! ବାପା ବୋଉ ଯିବା ପରଠୁ ତା'ର ଗାଁକୁ ଯିବା ବାଟ ଯେମିତି ଏକପ୍ରକାର ପଡ଼ିଯାଇଛି। କେବଳ ଭାଇ ସୁନନ୍ଦ ଭଲରେ ମନ୍ଦରେ ପଚାରୁଛି ବୋଲି କାମ ନିମିରେ ଯିବା କଥା। ଏତେଦିନ ପରେ ଗାଁ ଦୋଳକୁ ଯିବା ମଉକା ପାଇଥିବାରୁ ରେବତୀର ଗୋଡ଼ ତଳେ ଲାଗୁନଥିଲା। କିନ୍ତୁ ସୁନନ୍ଦର ସେଇ କଥା ପଦକ ତା' ମନକୁ ଗୋଳେଇ ଘାଣ୍ଟି ଦେଉଥିଲା। ସେ ମନେମନେ ତା' ଗାଁର ଦିଅଁ ନୀଳକଣ୍ଠେଶ୍ୱର ମହାଦେବଙ୍କୁ ଡାକିଲା, "ପ୍ରଭୁ ଆପଣଙ୍କ ମନ୍ଦିର ସିଏ, ତାକୁ ରକ୍ଷା କର!"

ଏ ସନ ଗାଁକୁ ବଡ଼ ଯାତ୍ରାପାର୍ଟି ଆସୁଛି। ଖଣ୍ଡଗିରିରେ ଯେଉଁ ବଡ଼ ପାର୍ଟି ସବୁ ଟିକଟ ବିକି ଯାତ୍ରା କରନ୍ତି, ସେଇଥିରୁ ଗୋଟିଏ ଯାତ୍ରା ଦଳ ଆସୁଛି। ତିନି ରାତି ଯାତ୍ରା ହେବ। ସୁନନ୍ଦ କହିବା ଅନୁସାରେ ପାର୍ଟି କୁଆଡ଼େ ରାତିକ ୩ ଲକ୍ଷ ଟଙ୍କା ହିସାବରେ ୯ ଲକ୍ଷ ଟଙ୍କା ନବ। ମନେମନେ ହସିଲା ରେବତୀ। ତା' ପିଲାଦିନେ ଛୋଟ ଛୋଟ ଅପେରା ଦଳ ଆସୁଥିଲେ। ଗାଁ ଲୋକେ ପଇସା ଦେଇପାରନ୍ତିନି ବୋଲି ବର୍ଷେ ବର୍ଷେ ଅପେରା ପାର୍ଟି ଆସିପାରେନି। ମେଳଣ ପଡ଼ିଆର ଘନ ଅନ୍ଧାର ଭିତରେ ଆଖପାଖ ଗାଁରୁ ଆସିଥିବା ବିମାନ ସବୁ ପିଣ୍ଡି ଉପରେ ବସିରହନ୍ତି। ଅବଶ୍ୟ ମନ୍ଦିର ପୂଜକ ଓ ମେଳଣ ବୁଝାସୁଝା କରୁଥିବା କେଇଜଣ ମନ୍ଦିର ବେଢ଼ାରେ ଲଣ୍ଠନ ଜାଳି ଜଗି ରହନ୍ତି। ପୁଣି ବର୍ଷେ ବର୍ଷେ ଏମିତି ଛୋଟ ଯାତ୍ରା ଦଳ ଆସନ୍ତି ଯେ ଦୁଇ ରାତିର ପଇସା ନିଅନ୍ତି ଏବଂ ଅନ୍ୟ ଜାଗାରୁ ଡାକରା ନ ମିଳିବା ଯାଏଁ ଘରଘର ବୁଲି ପଖାଳ ଖାଇ ମାଗଣାରେ ରାତିଏ ଦି'ରାତି ନାଟକ କରନ୍ତି। ଆଜି ସେ ଦିନ ନାହିଁ। ଗାଁକୁ ଭୁବନେଶ୍ୱର ମାଡ଼ିଯାଇଛି। ଚାନ୍ଦା ବହୁତ ମିଳୁଛି। ତେଣୁ କିଛି ବର୍ଷ ହେଲା ଗାଁକୁ ବଡ଼ବଡ଼ ଯାତ୍ରା ପାର୍ଟି ଆସୁଛନ୍ତି। କିନ୍ତୁ ମନେମନେ ରେବତୀ ଗାଁ ଲୋକଙ୍କୁ ଗାଳି ଦେଉଥିଲା। ଯାତ୍ରା କରୁଛନ୍ତି, ରଜକୁ ଗାଁ ଟୋକାଗୁଡ଼ା ତିନି ତିନିଟି ଡ୍ରାମା କରୁଛନ୍ତି, ଅଥଚ ଯୋଉଟା ଗାଁର ମାନ ମହତ, ଯେଉଁଟି ଗାଁର ଅସଲ ମନ୍ଦିର ତା' ପ୍ରତି କାହାର ନିଘା ନାହିଁ। କେଡ଼େ କଷ୍ଟରେ ସେତେବେଳର ଗାଁ ଲୋକେ ତାକୁ ଗଢ଼ିଥିଲେ। ଆଖି ଆଗରେ ସେଦିନର କଥା ସବୁ ଝଲସିଗଲା। ଗାଁରେ ହାଇସ୍କୁଲ୍ ହେବ। ଜୟୀବାବୁ ଗାଁକୁ ଆସିଛନ୍ତି। ଆଜି ଶେଷ ସଭା ହେବ। ବହୁ କଷ୍ଟରେ ଗାଁ ଲୋକେ ରାଜି ହୋଇଛନ୍ତି। ଯେମିତି ହେଉ ହାଇସ୍କୁଲ ହେବ। ତେଣୁ ରେବତୀର ମନ ଉଛନ। ତା' ବୋଉ ଛିଗୁଲେଇ ହୋଇ କହୁଥିଲା, "ତୁ କାଇଁ ଏତେ ଖୁସି ହଉଛୁ! ବୁଢ଼ୀ ହେଲୁଣି ପରା! ସପ୍ତମ ପାସ କରି ୩ ବର୍ଷ ଘରେ ରହିଲାଣୁ! ଆଉ କି ପାଠ! ହାତକୁ ଦି' ହାତ କରି ଆମେ ଜଞ୍ଜାଳ ଛିଣ୍ଡେଇବୁ ନା!" ରେବତୀ ବାପା କହିଲେ, "ହଉ, ପିଲାଟା ଯଦି ମନ କରୁଛି, ଆଉ ଗୋଟିଏ ବରଷ ପଢ଼ୁ।

ଆର ସନକୁ ୧୬ ପୂରିଯିବ। ପ୍ରସ୍ତାବ ତ ଆସିଲାଣି।" ରେବତୀ ମନାକଲା ରୋକ୍‌ଠୋକ। "ଗାଁରେ ସିନା ସ୍କୁଲ୍ ନଥିଲା ବୋଲି ମୁଁ ପଢ଼ିଲିନି। ଏବେ ତ ଗାଁରେ ସ୍କୁଲ ହବ, ମୁଁ ପଢ଼ିବି।" ହୁଣ୍ଡି ରେବତୀର କଥା ବାପାମା' ଭାଙ୍ଗିବା କେବେ ହେଇନି। ତେଣୁ ବାପା କହିଲେ, "ହଉ, ରହିଲା ତୋ କଥା, ସ୍କୁଲ ହେଲେ ତୁ ପଢ଼ିବୁ। ସ୍କୁଲ ଠିଆ କରିବା କ'ଣ ଛୋଟିଆ କଥା ଯେ ତୁ ଭାବିଛୁ ସହଜରେ ହେଇଯିବ!" ରାତିରେ ଗାଁ ଦାଣ୍ଡ ମଝିରେ ବିହାରୀ ପାଇକରାଙ୍କ ଚାନ୍ଦିନୀରେ ସଭା ବସିଲା। ସବୁବେଳେ ସେଇଠି ନିଶାପ ବସେ। ଜାନିଯାତ୍ରା ପାଇଁ ବୈଠକ ବସେ। ଜୟୀ ବାବୁଙ୍କ ସହ ଗାଁ ମୁରବିମାନେ ବସିଲେ। ମଝିରେ ଦି'ଟା ଲଣ୍ଠନ ଜଳୁଥିଲା। ଆଖପାଖ ବାରଣ୍ଡାରେ ଭେଣ୍ଡିଆମାନେ ବସିଥିଲେ। ସଭା ଆରମ୍ଭ ହେବା ପୂର୍ବରୁ ଜୟୀ ବାବୁ ଗୋଟି ଗୋଟି କରି ନାଁ ନେଲେ, ସମସ୍ତେ ଆସିଛନ୍ତି କି ନାହିଁ। ପ୍ରଥମେ ଯୁବକ କେଦାର ଜଗଦେବଙ୍କୁ ଖୋଜା ପଡ଼ିଲା। ସେ ବିଧାୟକଙ୍କ କର୍ମୀ ତ ନୁହେଁ ପୂରା ପାଖ ଲୋକ। ଜୟୀ ବାବୁଙ୍କୁ ସମ୍ବୋଧନ କରି ସେ କହିଲେ, "ବଡ଼ବାପା, ଆପଣ ଗାଁ କଥା ବୁଝନ୍ତୁ, ପୁରୀ ସିଆଇଙ୍କ କଥା ବିଧାୟକଙ୍କୁ ଧରି ମୁଁ ବୁଝିବି।" ବଳିଆରସିଂ ଘର ବାରଣ୍ଡାରୁ ହରି ବିଧାର କହିଲେ, "ଜୟୀ ଭାଇ, ଠାକୁରଙ୍କ ବିଲ ସ୍କୁଲ୍ ନାଁରେ କରିଦେଲେ କ'ଣ ହେଇଯିବ! ସ୍କୁଲ ଘର ତିଆରିଠାରୁ ଆରମ୍ଭ କରି ଦରମା ଦେଇ ଆଠ ଆଠ ଜଣ ଶିକ୍ଷକ ଓ ପିଅନ ରଖିବା ପାଇଁ ଟଙ୍କା କେଉଁଠୁ ଆସିବ? ପ୍ରଭାକର ମଙ୍ଗରାଜ କହିଲେ, ଗାଁ ଲୋକ ସମସ୍ତେ ମିଶିବେ ଘର ତିଆରିରେ। ମୂଲ ମଜୁରି କାହାକୁ ଦେବାର ନାହିଁ। ମେଣ୍ଟଶାଳ ଜଙ୍ଗଲରୁ କାଠ ଆସିବ। ଗାଁରେ ଶହେ ଶଗଡ଼ ଅଛିଟି! କବାଟ, ଝରକା, ଓରା, ଶେଣି ସବୁ ହେଇଯିବ। କାହା ବାଡ଼ିରେ ନଡ଼ା ନାହିଁ ଯେ ଛପର କରିବାରେ ଅସୁବିଧା ଅଛି। ଚାନ୍ଦିନୀ ତଳକୁ ବସିଥିଲେ ଦୁଇ ହରିଜନ ସାହିର ଲୋକେ। ସେମାନେ କହିଲେ, ଆମେ ମୂଲ ନବୁନି, ମାଟି ଚକଟାଠାରୁ ଘର ଛାଆଣି ଯାଏ ସବୁ ଆମ ଦୁଇ ସାହି ଉପରେ ଛାଡ଼ିଦିଅନ୍ତୁ। ଲକ୍ଷ୍ମଣ ଛୋଟରାୟ କହିଲେ, "ସବୁ ଗୋଟା ପଟେ, ପିଲା ଗୋଟା ପଟେ। ନୂଆ ସ୍କୁଲ୍ କରିବା, ଆମ ଗାଁର ଯେତିକି ପିଲା ସେତିକିରେ ତ ହବନି। ମହୀପୁରବାଲା ତାଙ୍କ ପିଲାଙ୍କୁ କାଇଁ ଛାଡ଼ିବା ଭଳି ଲାଗୁନି। ଆମ ଗାଁ ସହିତ ସବୁବେଳେ ଗଣ୍ଡଗୋଳ।" ଜୟୀବାବୁ କହିଲେ, " ହେଲେ ବି ସେ ଗାଁ ପିଲା ଆସିବେ। ଘର ପାଖରେ ନ ପଢ଼ି କିଏ ୬ କିଲୋମିଟର ଯିବ! ଆମ ଅଞ୍ଚଳର ପିଲା ୬ କିଲୋମିଟର ଯାଇ ହରିପୁରରେ ପଢ଼ୁଛନ୍ତି। ଆମେ ସମସ୍ତଙ୍କୁ ବୁଝାଇବା। ମହୀପୁର ଓ ଆମ ଗାଁର ବହୁ ଝିଅ ଛୁଆ ପାଠ ପଢ଼ିପାରୁନାହାନ୍ତି। ସେମାନେ ପଢ଼ିବେ। ସବୁ ପିଲା ଏଠି ମାଗଣାରେ ପଢ଼ିବେ। କାହାଠାରୁ କିଛି ପଇସା ରଖିବା ନାହିଁ। ଗରିବ ପିଲା ଇଛା ଥିଲେ ବି ପଢ଼ି ପାରୁନାହାନ୍ତି। ସେମାନେ ସମସ୍ତେ ନାଁ ଲେଖାଇବେ।" ଘର ବାରଣ୍ଡାରୁ ସଭାର ସବୁ କଥା ଶୁଣୁଥିଲା ରେବତୀ। ମନେମନେ ବହୁତ ଖୁସି ହେଲା। ହରିପୁରରେ ଏକାଦଶ ଶ୍ରେଣୀରେ ପଢ଼ୁଥିବା ନୃସିଂହ କହିଲା, "ଭଲ ଶିକ୍ଷକ ନ ରଖିଲେ, ପିଲା ନୂଆ ସ୍କୁଲ୍‌କୁ ଆସିବେନି। ତେଣୁ ଭଲ ଶିକ୍ଷକ ରଖିଲେ ହେବ।" ମୁହଁ ଛିଞ୍ଚାଡ଼ି ଛକଡ଼ି ମାନସିଂ କହିଲେ, " ହଁ ଭଲ ଶିକ୍ଷକ ଏଇଲାଗେ ଚକରେ ଗଡ଼ାହେବେ। କେତେ ଦରମା ଦବା ଯେ ଭଲ ମାଷ୍ଟ୍ର ମିଳିବେ! କାମ ଚଳୁ ଆଗ!!" ସତକୁ ସତ ମାସକ ଭିତରେ ସ୍କୁଲ୍ ପାଇଁ ୫ ବଖରା ଚାଳ ଛପର ଘର ଠିଆ ହୋଇଗଲା। ମାଇନର ସ୍କୁଲକୁ ଲାଗି ତିଆରି ହେଲା ହାଇସ୍କୁଲ। ମାଇନର ସ୍କୁଲ୍‌ର ସାର୍‌ମାନେ ଶିକ୍ଷକ ଆଣିବାରେ ସହଯୋଗ କଲେ। ସେଇ ସନ ହିଁ ଅଷ୍ଟମ ଶ୍ରେଣୀ ଖୋଲିଲା ଏବଂ ସ୍କୁଲ ଚାଲିଲା। ଗାଁ ଠାକୁରଙ୍କ ନାଁରେ ସ୍କୁଲ ନାଁ ହେଲା ନୀଳକଣ୍ଠ ହାଇସ୍କୁଲ। ସ୍କୁଲ୍ ଗଢ଼ିବାରେ ଗାଁ ଲୋକଙ୍କ ସହ ରେବତୀର ନାଁ ମଧ୍ୟ ଯୋଡ଼ି ହେଲା। ତିନି ଚାରି ବର୍ଷ ଆଗରୁ ସପ୍ତମରୁ ପାଠ ଛାଡ଼ିଥିବା ତା ବୟସର ଝିଅମାନଙ୍କୁ ଡାକିହାକି ସ୍କୁଲରେ ନାଁ ଲେଖାଇଲା। ସପ୍ତମରୁ ପଢ଼ା ଛାଡ଼ିଥିବା ଗାଁରେ କୌଣସି ଜଣେ ବି ଝିଅଙ୍କୁ ରେବତୀ ଛାଡ଼ିଲା ନାହିଁ। ଘରକୁ ଘର ବୁଲି ଡାକିଲା। ଥରେଅଧେ ନୁହେଁ, ଚାରି ଚାରି ଥର ଯାଇ ଡାକିଲା। ରେବତୀ ପାଇଁ ପ୍ରଥମ ବର୍ଷ ଅଷ୍ଟମ ଶ୍ରେଣୀରେ ପିଲା ସଂଖ୍ୟା ଚାଳିଶ ଟପିଗଲା। ନୀଳକଣ୍ଠ ହାଇସ୍କୁଲ ନାଁ ସାଙ୍ଗକୁ ଆଖପାଖ ଗାଁରେ ରେବତୀ ନାଁ ବି ପ୍ରଚାର ହୋଇଗଲା। ପରବର୍ଷ ସବୁ ଗାଁରୁ ସାତ ଆଠ ଝିଅ ନାଁ ଲେଖାଇଲେ। ଲାଗୁଥିଲା ଯେମିତି ନୀଳକଣ୍ଠ ହାଇସ୍କୁଲ ଏକ ବାଳିକା ଉଚ୍ଚ ବିଦ୍ୟାଳୟ। ରେବତୀ ମାଟ୍ରିକ ପାସ୍ କଲା। ବାପା ବୋଉ ବାହାଘର କରିବାକୁ ବ୍ୟସ୍ତ ହୋଇପଡ଼ିଲେ। କିନ୍ତୁ ରେବତୀ ଅଧିକ ପଢ଼ିବାକୁ ଇଚ୍ଛା କରୁଥିଲା। ହାଇସ୍କୁଲ ନାରଣ ସାର୍, ତା ବାପାଙ୍କୁ ବୁଝାଇ ସୁଝାଇ ସରକାରୀ ସିଟି ଟ୍ରେନିଂରେ ରେବତୀକୁ ଭର୍ତ୍ତି କରାଇଦେଲେ। ସେଠୁ ପାସ୍ କରିବା ପରେ ରେବତୀ ସରକାରୀ ସ୍କୁଲ୍‌ର ମାଷ୍ଟ୍ରାଣୀ ହୋଇଗଲା। ଏହାପରେ ସେ ଘରସଂସାର କଲା ଏବଂ ଗାଁଠୁ ଦୂରରେ ରହିଲା। କିଛି ବର୍ଷ ପରେ ନୀଳକଣ୍ଠ ସ୍କୁଲ ସରକାରୀ ହୋଇଗଲା। ରେବତୀ ଖୁସି ହେଲା। କିନ୍ତୁ ଆଜି ତା ମନ ଦୁଃଖୀ। ବହୁତ ଦୁଃଖୀ। ନୀଳକଣ୍ଠ ହାଇସ୍କୁଲ ଭାଙ୍ଗିଯିବ। ପିଲା ହଉନାହାନ୍ତି ବୋଲି ସରକାର ଭାଙ୍ଗିଦେବାକୁ ନୋଟିସ୍ କରିସାରିଛନ୍ତି। ୩ ଶ୍ରେଣୀରେ ବି ମିଶିକି ୩୦ ପିଲା ହଉନାହାନ୍ତି। ସୁନନ୍ଦ କହୁଥିଲା, " ପିଲା ତ ସବୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟକୁ ଗଲେ। ବାକି କିଛି ପିଲା ଘରୋଇ ସ୍କୁଲକୁ ଗଲେ। ଆଜିକାଲି କାହା ପାଖରେ ପଇସା ନାହିଁ ଯେ! ତେଣୁ ମାଗଣା ପୋଷାକ, ମଧ୍ୟାହ୍ନ ଭୋଜନ ଓ ଅଣ୍ଡା ଖାଇବାକୁ କିଏ ମନ କରୁଛି! ଲୋକେ ତ ଚାଷ ଭାଙ୍ଗିସାରିଲେଣି। ମୂଳିଆ ମିଳୁନାହାନ୍ତି। କୋଠାବାଡ଼ି କାମ କଲେ, ଦିନକୁ ହଜାରେ। ବିଲକୁ ଯାଇ କିଏ ପଙ୍କ କାଦୁଅ ହଉଛି! ତେଣୁ ମୂଳ ଲାଗୁଥିବା ଲୋକର ପିଲା ବି ଘରୋଇ ସ୍କୁଲ ଯାଉଛି।"

ରେବତୀର ମନେପଡ଼ିଲା ପିଲାଦିନର ଗାଁ କଥା। କି ଅଭାବରେ ଲୋକେ ଚଳୁ ନଥିଲେ! ପେଟରେ ଓଦା କନା ପକାଇ ଶୋଇପଡୁଥିଲେ। ପଖାଳ ତୋରାଣି ବଡ଼ କଥା ଥିଲା। ହରିଜନ ସାହି କଥା କ'ଣ, ସବର୍ଣ୍ଣ ସାହିରେ ବି କିଛି ଲୋକଙ୍କ ଘରେ ସଞ୍ଜ ବେଳା ଚୁଲି ଜଳୁଥିଲା। ବାସି ପଖାଳ ସାଙ୍ଗକୁ ପିଆଜ କଞ୍ଚାଲଙ୍କା କଇଁଆ ଆଚାରରେ ଦିନ କଟୁଥିଲା। ପୁଅ ପିଲା ହଳେ ପ୍ୟାଣ୍ଟ ସାର୍ଟରେ ଓ ଝିଅମାନେ ଗୋଟିଏ ଫ୍ରକ୍‌ରେ ବର୍ଷ ସାରା ସ୍କୁଲ ଯାଉଥିଲେ। ପୁଅ ପିଲାଙ୍କ ପ୍ୟାଣ୍ଟରେ ବୋତାମ ନଥିବାରୁ ଅଣ୍ଟାରେ ଗଣ୍ଠି ପଡୁଥିଲା। ବହୁ ଝିଅଙ୍କ ଫ୍ରକ୍‌ରେ ବୋତାମ ନଥିବାରୁ ପିଠି ମେଲା ରହୁଥିଲା। ବହୁ ପିଲାଙ୍କ ପାଦରେ ଚପଲ ନଥିଲା। ଆଜି ସେଦିନ ନାହିଁ। ଭଲ କଥା। ସମସ୍ତେ ଭଲରେ ରହିଲେ ଭଲ। କିନ୍ତୁ ତା ସ୍କୁଲ ଏଥିପାଇଁ ବଳିପଡ଼ିବାକୁ ଯାଉଛି! ସେ ଏହାକୁ ସହଜରେ ଗ୍ରହଣ କରିପାରୁନଥିଲା। ଗାଁ ରେ ପହଞ୍ଚିଲା ରେବତୀ। ଦୋଳଯାତ ପାଇଁ ଗହଳଚହଳରେ ଗାଁ ଫାଟିପଡୁଛି। ବଡ଼ ଯାତ୍ରା ପାର୍ଟିର ମାଇକ୍ ବାଜୁଛି ଯେ କାନ ଫଟାଇଦେଉଛି। ଘରେ ଘରେ କୁଣିଆ ଭର୍ତ୍ତି। ରେବତୀ ଆସିଥିବା ଖବର ପାଇ ତା ପିଲା ଦିନର ସାଙ୍ଗ ମନୋରମା ଧାଇଁ ଆସିଲା। ସେ ବି ଗାଁକୁ ଆସିଛି ବହୁତ ଦିନ ପରେ। ବଡ଼ ଯାତ୍ରା ପାର୍ଟି ଆସିଛି ବୋଲି ତା ଭାଇ ପରଶୁ ତାକୁ ଡାକି ଆଣିଛି। ମନୋରମାକୁ ଦେଖି ରେବତୀ ବହୁତ ଖୁସି ହେଲା। ମନୋରମା କହିଲା, "ରେବ ଲୋ, ଚାଲ ଗାଁ ବୁଲିଆସିବା। ବହୁତ ଦିନ ହେଲା ଗାଁ ଦେଖିନି।" ସୁନନ୍ଦ କହିଲା, "ମନି ଅପା ଗାଁ ବୁଲିବାକୁ ଯାଆ ଯେ ସ୍କୁଲ ଆଡ଼େ ଯିବନି। ମନ ଦୁଃଖ ହେବ। ଆଜି ସ୍କୁଲରେ ତାଲା ପଡୁଛି ସବୁଦିନ ପାଇଁ! " ଚମକି ପଡ଼ିଲା ରେବତୀ। ମନୋରମା ବି। ସେ ମଧ୍ୟ ଜାଣିନଥିଲା ଯେ ହାଇସ୍କୁଲ ବନ୍ଦ ହେଉଛି। ସମ୍ଭାଳି ପାରିଲାନି ରେବତୀ। ମନୋରମାକୁ ସାଙ୍ଗରେ ଧରି ହାଇସ୍କୁଲ ପାଖକୁ ଗଲା। ତା ପଢ଼ିବା ବେଳର ଚାଳ ଘର କେବେଠୁ କୋଠା ହୋଇସାରିଥିଲା।

ସ୍କୁଲ କୋଠାଘର ସେ ପୂର୍ବରୁ ଦେଖିଥିଲା। ସରକାର କେଡ଼େ ସୁନ୍ଦର ରଙ୍ଗିନ କୋଠା ଘର କରିଥିଲେ। ପାଖିକୁ ଯାଇ ସେମାନେ ଦେଖିଲେ କି ଦୁଇଟା ଟ୍ରକ୍‌ରେ ଜିନିଷପତ୍ର ଲଦା ହେଉଛି। ପଚାରି ବୁଝିଲେ ଯେ ପାଖ ସ୍କୁଲ ସହ ନୀଳକଣ୍ଠ ହାଇସ୍କୁଲ ମିଶିଗଲା। ତେଣୁ ଏସବୁ ସରକାରୀ ସମ୍ପତ୍ତି ସେ ସ୍କୁଲକୁ ଯାଉଛି। କୋଠା ଘର ନେଇହବନି, ନ ହେଲେ ସରକାର ତାକୁ ବି ଉଠାଇ ନେଇଥାଆନ୍ତେ। ଏବେ ଏ କୋଠାଘର ଗାଁ ଲୋକେ ତାଙ୍କ ଇଚ୍ଛା ଅନୁସାରେ ଯେମିତି ବ୍ୟବହାର କରିବେ। ରେବତୀ ଓ ମନୋରମାଙ୍କ ଆଖିରୁ ଧାରଧାର ହୋଇ ଅଶ୍ରୁ ନିଗିଡ଼ିଗଲା। ସେମାନେ ଘରମୁହାଁ ଫେରିବାକୁ ବାହାରିବା ବେଳେ ବସ୍‌ଟିଏ ଅଟକିଲା ସେଠି। ଯାତ୍ରାପାର୍ଟିର ବସ୍। ଯାତ୍ରା ପାର୍ଟିର ଲୋକେ ବସ୍‌ରୁ ଓହ୍ଲାଉଥିଲେ। ଖୁସିରେ ବଡ଼ ପାଟି କରି ଗାଁର ଜଣେ ଯୁବକ କହୁଥିଲା, "ଯାହା ହେଉ, ଏଣିକି ଯାତ୍ରା ପାର୍ଟି ଲୋକ ରହିବାକୁ ଘର ଅଭାବ ହେବନି।" ରେବତୀ କାନରେ ପଡ଼ିଲା କଥାଟି। ହାତଠାରି ଡାକିଲା ତାକୁ। ଟୋକାଟା ଆସୁଆସୁ ରେବତୀ ପଚାରିଲା, "ତୁ କାହା ପୁଅ କିରେ!" ସେ କହିଲା, "ମୁଁ କୈଳାସ ମାନସିଂଙ୍କ ପୁଅ।" "ତୁ ତେବେ ଛକଡ଼ି ବଡ଼ବାପାଙ୍କ ନାତି?" ପଚାରିଲା ରେବତୀ। ଟୋକାଟା ମୁଣ୍ଡ ହଲାଇ ସମ୍ମତି ଜଣାଇଲା। କିନ୍ତୁ ସେ ଯେତେବେଳେ ଲକ୍ଷ୍ୟ କଲା କି ରେବତୀ ଓ ମନୋରମାଙ୍କ ଆଖି ଭିଜିଯାଇଛି, ସେ ଟିକିଏ ଅଶ୍ୱସ୍ତ ଅନୁଭବ କଲା। ଧୀରେ କି ପଚାରିଲା, "କ'ଣ କହୁଥିଲେ କି?" ରେବତୀ କହିଲା, "ତୁ କ'ଣ ଜାଣିବୁ, ଏଇ ସ୍କୁଲ ଗଢ଼ିବାକୁ ତୋ ଜେଜେ କେତେ କଷ୍ଟ କରିଥିଲେ।" ଟୋକାଟା କିଛି ବୁଝିପାରିଲାନି। ରେବତୀ ଓ ମନୋରମା ଫେରିଆସିଲେ। ସଞ୍ଜ ବୁଡ଼କୁ ସୁନନ୍ଦ କହିଲା, "ଅପା ତୁମେ ସବୁ ଶୀଘ୍ର ଖିଆପିଆ କରି ଟିକିଏ ଟିକିଏ ଶୋଇପଡ଼। ମୁଁ ଯାତ୍ରା ଆରମ୍ଭ ହେବା ପୂର୍ବରୁ ଡାକିନେବି।" ରେବତୀ କହିଲା, "ନା ରେ ମୁଁ ଯାତ୍ରା ଦେଖିବିନି। ଦିନରୁ ଦିନରୁ ତ ବଡ଼ ତାମସା ଦେଖିସାରିଛି। ତୁମେ ସବୁ ଦେଖ। ମୋତେ ସକାଳେ ଷ୍ଟେସନରେ ଛାଡ଼ିଦବୁ ମୁଁ ପଳାଇବି।" କିଛି ଉତ୍ତର ନଥିଲା ସୁନନ୍ଦର। ସେ ବୁଝିପାରୁଥିଲା ବଡ଼ ଭଉଣୀ ରେବତୀ ମନର ବ୍ୟଥା। ରାତି ସାରା ଶୋଇପାରିଲାନି ରେବତୀ। ତା' ଆଖିରେ କେବଳ ଭାସିଯାଉଥିଲା ସେଦିନର ଗାଁ ସଭା। ସଭା ମଝିରେ ଦିକ୍‌ଦିକ୍ ହୋଇ ଜଳୁଥିବା ଲଣ୍ଠନ ଦୁଇଟି ଯେମିତି ତାକୁ ଝିଙ୍ଗାସୁଥିଲେ।

ଉତ୍ତରମୁଣ୍ଡମୁହାଣ, ଖୋର୍ଦ୍ଧା
ମୋବାଇଲ: ୯୩୪୮୪୩୭୯୭୮

ନିଜ ପୁଅ ନିଜର ନୁହଁ
ଦିପ୍ତିମୟୀ ନାୟକ

ଗୋଟେ ଗାଁରେ ଦୁଇଜଣ ବୁଢ଼ା ବୁଢ଼ୀ ରହୁଥିଲେ। ସେମାନଙ୍କର ଗୋଟିଏ ବୋଲି ପୁଅ କିନ୍ତୁ ସେହି ପୁଅ ବାପ-ମା'ଙ୍କ ବୃଦ୍ଧାବସ୍ଥାରେ ଘରୁ ବାହାରକୁ ବାହାର କରିଦେଲା। ଅବଶ୍ୟ ନାତିନାତୁଣୀ ଜେଜେବାପା ଜେଜିମା'ଙ୍କୁ ବହୁତ ଭଲ ପାଆନ୍ତି କିନ୍ତୁ ମଦୁଆ ବାପାର ମାଡକୁ ଡରି ସେଦିନ ବୁଢ଼ା ଜେଜେବାପା ବୁଢ଼ୀ ଜେଜିମା'କୁ ଅଟକେଇ ରଖିପାରନ୍ତିନି କାରଣ ନାତିନାତୁଣୀ ଜାଣନ୍ତି ତାଙ୍କ ବାପା ଯେତିକି ତାଙ୍କ ନିଜ ବାପ-ମା'କୁ ମାରପିଟି କରୁଛନ୍ତି କୌଣସି ପୁଅ କୌଣସି ବାପ-ମା'କୁ ହାତ ଉଠାଉ ନଥିବେ ହେଲେ ତାଙ୍କ ବାପା ମଦୁଆ ବାପା। ସେମାନେ ଏହି ମଦୁଆ ବାପା ହାତରୁ ମାଡ଼ ଖାଇବା ଅପେକ୍ଷା ବାହାରେ ରୁହନ୍ତୁ ଭଲରେ ରୁହନ୍ତୁ ଆଉ ଶାନ୍ତିରେ ରୁହନ୍ତୁ ବୋଲି ନାତିନାତୁଣୀ ଚାହିଁଲେ।

ସେଦିନ ମଦୁଆ ପୁଅ ବାପ-ମା'କୁ ଘରୁ ବାହାର କରିଦେଲା। ବୁଢ଼ାବୁଢ଼ୀ ଦୁଇଜଣ ଗଛ ମୂଳରେ ରହିଲେ ଗାଁରୁ ତେଲ ଲୁହ କିଣି ଚଳିଲେ। ରୋଷେଇ କରିବାକୁ କୌଣସି ବାସନ ନଥାଏ। ଗଛ ମୂଳରେ ପଡ଼ିଥିବା ଭଙ୍ଗା ମାଠିଆ ସେମାନଙ୍କୁ ରୋଷେଇ କରିବାରେ ବେଶ ସହାୟକ ହେଲା। କିଛି ଲୋକ ଏମିତି ଅବସ୍ଥାରେ ବୁଢ଼ାବୁଢ଼ୀ ଦୁଇଜଣଙ୍କୁ ଦେଖି ଦୟା କରିବାକୁ ଚାହୁଁଥାଆନ୍ତି କିନ୍ତୁ ତାଙ୍କ ମଦୁଆ ପୁଅର ଗୁଣ୍ଡାଭଳି ଆଚାରଣକୁ ଡରି ତାଙ୍କୁ କେହି ଘରକୁ ନେଇ ରଖିବା କଥା କହିପାରୁନଥାନ୍ତି କିନ୍ତୁ ହଁ କିଛି ଦିନ ପରେ ବୁଢ଼ାବୁଢ଼ୀଙ୍କୁ ପେନସନ ମିଳିଲା ଗୋଟେ ଡିଗିଚି ଗୋଟେ କଡେଇ ଆଉ ଗୋଟେ ଚଟୁ କିଣିଲେ ତାପରେ ସେମାନେ ରହୁଥିବା ଗଛ ମୂଳକୁ ଚାଲି ଆସିଲେ। ରୋଷେଇ ଚାଲିଥାଏ ବାପ-ମା'ଙ୍କର ପେନସନ ଟଙ୍କା ମିଳିଛି ବୋଲି ପୁଅ ବାପ-ମା'କୁ ଖୋଜି ଖୋଜି ଠିକଣା ଜାଗାରେ ପାଇଗଲେ। ବାପ-ମା' ପୁଅକୁ ଦେଖି ହଠାତ ଭାବିଲେ ଆମ ପୁଅ ଆମକୁ ଘରକୁ ନେବାକୁ ଆସିଛି କିନ୍ତୁ ନା ପୁଅ ପେନସନ ଟଙ୍କା ଆଣିବାକୁ ଯାଇଥିଲା। ବାପ-ମା'କୁ ଧମକେଇ ସବୁ ଟଙ୍କା ନେଇଗଲା। ସ୍ଥାନୀୟ ଲୋକ ଏହା ଦେଖି ଗୋଟେ ନିଛାଟିଆ ଜାଗାରେ ଅଧା ଗଢ଼ା ଘରଟିଏ ଥିବାର କହିଥିଲେ ଏହି ଗଛ ମୂଳରେ ରହିବା ଅପେକ୍ଷା ସେହି ଘରେ ରହିବାକୁ ସେମାନଙ୍କୁ ପରାମର୍ଶ ଦେଇଥିଲେ। ବୁଢ଼ାବୁଢ଼ୀ ଦୁଇଜଣ ଲୋକଙ୍କ କଥା ମାନି ସେହି ଭଙ୍ଗା ଘରେ ରହିଲେ। ଦୁଃଖେ ସୁଖେ ଚଳିଲେ। କୁହାଯାଏ ବୟସର ଅପରାହ୍ନରେ ପହଂଚି ସରିଲା ପରେ କେବେ ନା କେବେ ଏହି ଦୁନିଆ ଛାଡି କାହାକୁ ନା କାହାକୁ ଏକା ଯିବାକୁ ପଡିବ କାରଣ ଏ ମଣିଷ ଆସିଛି ଏକା ଯିବବି ଏକା। ଏଠି କେହି ନୁହେଁ କାହାର ନିଜ ନିଶ୍ୱାସ ଯେବେ ହୁଏ ପର ସେଠି ମଶାଣି ହୋଇଥାଏ ଏ ଶରୀରର ଘର। ତେବେ ବୁଢ଼ାଟିର ମୃତ୍ୟୁ ହୋଇଗଲା ବୁଢ଼ୀଟି ଡହଳ ବିକଳ ହୋଇ କାନ୍ଦୁଥାଏ। ତୁମେ ଥିଲ ବୋଲି ତୁମ ସାଥିରେ ରହିଥିଲି ଆଜି ତୁମେ ଦୂରେଇ ଗଲ ମୁଁ କେମିତି ବଞ୍ଚିବି। ବୁଢ଼ାଟିର ମୃତ୍ୟୁ ଖବର ଗାଁ ସାରା ଚର୍ଚ୍ଚା ହେଲା କିନ୍ତୁ ନିଜ ପୁଅ ନିଜ ବାପର ମୁହଁ ଚାହିଁବାକୁ ଆସିଲାନି କି ମୁଖାଗ୍ନି ଟିକେ ଦେଲାନି।

ବୁଢ଼ୀଟି ଯେଉଁଠି ରହୁଥିଲା ସେ ଜାଗାରୁ ଚାଲି ଆସିଲା ଗୋଟେ ପକ୍କା ଘରକୁ ସେଠି ଜଣକର ଫସଲ ଜଗେ ଯାହା ଦୁଇପଇସା ମିଳେ। ସେଥିରେ ସେ ଓଳିଏ ଖାଇଲେ ଆଉ ଓଳିଟେ ଉପାସ ରୁହେ। ହେଲେ ପୁଅ ପ୍ରତି ଭଲପାଇବା କେବେ କମ ରଖିନଥାଏ। କେବଳ କହୁଥାଏ ଯାହା ଭାଗ୍ୟରେ ଥିବ ସେୟା ଘଟିବ। ସମୟକ୍ରମେ ବୁଢ଼ୀଟିର ମୃତ୍ୟୁ ମଧ୍ୟ ହେଲା କିନ୍ତୁ ଜନ୍ମକଲା ପୁଅ ନା ନିଜ ମଲା ବାପ ମୁହଁ ଚାହିଁଲା ନା ନିଜ ମଲା ମା' ମୁହଁ ଚାହିଁଲା ବାସ ନିଜ ଆତ୍ମଗର୍ବରେ ନିଜ ଜନ୍ମକଲା ବାପ-ମା'ଙ୍କ ପ୍ରତି ଏମିତି ଅନ୍ୟାୟ କଲା। ହେଲେ ଏତିକି କହିବି ଏମିତି ପୁଅ କାହାକୁ ନମିଳୁ ବୃଦ୍ଧାବସ୍ଥାରେ ତା ପିଲା ତା ପ୍ରତି ଏମିତି ଅନ୍ୟାୟ କରୁ। ନଚେତ ଏମାନେ ଜାଣିବେନି ବାପ-ମା'କୁ କଷ୍ଟ ଦେଲେ କେମିତି ଲାଗେ। ଯେତେବେଳେ ନିଜ ପିଲା ବାପ-ମା'କୁ କଷ୍ଟ ଦେଓ୍ୱେ ସେତେବେଳେ ହୁଏତ ଏମାନେ ଏମାନଙ୍କ ଭୁଲ ବୁଝି ପାରିବେ। ବାପ-ମା କୌଣସି ଖେଳନା ନୁହଁନ୍ତି। ଆଉ ଯେଉଁମାନେ ବାପ-ମା'କୁ ଖେଳନା ସଜାନ୍ତି ସେମାନେ ଅମଣିଷ ହୋଇଥାଆନ୍ତି। ତେବେ ବାପ-ମା'ଙ୍କର ସେବା କରନ୍ତୁ ହସଖୁସିରେ ଜୀବନ ବିତାନ୍ତୁ।
ଅନ୍ଧାରୁଆ, ଭୁବନେଶ୍ୱର, ମୋବାଇଲ୍: ୯୦୯୦୬୬୧୫୮୬

ଜୀବନ ଗୋଟିଏ ଦିନ



ଏଇତ ଜୀବନ
ଶ୍ୱେତା ରାଉତ

ସମାଜରେ ଏମିତି ଅନେକ ଅଛନ୍ତି,ଯେଉଁମାନେ ନିଜେ ପରିଶ୍ରମ ନକରି ଅନ୍ୟର ଦୟାକୁ ଅପେକ୍ଷା କରିଥାନ୍ତି।ଅପମାନିତ ହୁଅନ୍ତୁ ପଛେ କଷ୍ଟ କରିବାକୁ ଚାହିଁନଥାନ୍ତି।ସଦାସର୍ବଦା ଅନ୍ୟ କାନ୍ଧରେ ପାଦ ରଖି ଉପରକୁ ଉଠିବାକୁ ଚାହାନ୍ତି।ଅନ୍ୟ ଉପରେ ବୋଝ ଲଦି ନିଜେ ଆରାମ କରନ୍ତି।ଅନ୍ୟର ନିନ୍ଦା କରି ନିଜେ ପ୍ରଶଂସା ସାଉଣ୍ଟୁଥାନ୍ତି ,ଅନ୍ୟକୁ ଉପହାସ କରି ନିଜେ ଭଲ ବୋଲି ଦେଖେଇ ହୁଅନ୍ତି।ଅନ୍ୟକୁ ପ୍ରଶଂସା ବା ସାହାଯ୍ୟ କରି ଖୁସି ହେଉଥିବା ଲୋକ ଖୁବ୍ କମ୍ ମିଳନ୍ତି।ସେଥିମଧ୍ୟରୁ କେତେଜଣ ମୁହଁରେ ପ୍ରଶଂସା ତ କରନ୍ତି ହେଲେ ହୃଦୟରୁ ନୁହେଁ,କେବଳ ଛଳନାରେ।ଏମିତି କେତେଜଣ ମଧ୍ୟ ଅଛନ୍ତି ଆପଣ ତାଙ୍କୁ ଟିକେ ଆଦର ବା ଉଦାର ଭାବ ଦେଖାନ୍ତୁ ସଙ୍ଗେ ସଙ୍ଗେ ସାହାଯ୍ୟ ମାଗିବେ।ଅନେକ ପ୍ରକାରର ସାହାଯ୍ୟ -ଯଥା "ମୋ ପୁଅକୁ ଟିକେ ଭଲ ଚାକିରିରେ ରଖେଇ ଦିଅନ୍ତୁ, ମୋତେ କିଛି ଆର୍ଥିକ ସହାୟତା କରନ୍ତୁ, ମୋ ଲେଖା ଟିକେ ମେଗଜିନ୍‌ରେ ବାହାର କରେଇ ଦିଅନ୍ତୁ, ଆପଣଙ୍କ ଚିହ୍ନାଜଣାଙ୍କୁ କହି ହସପିଟାଲ ଖର୍ଚ୍ଚ ଟିକେ କମ୍ କରେଇ ଦିଅନ୍ତୁ,ମୋତେ ଗୋଟେ କାମର କଣ୍ଟ୍ରାକ୍ଟ ଦିଅନ୍ତୁ, ମୋ ପାଇଁ ଗୋଟେ ଫ୍ଲାଟ୍ ଖୋଜିଦିଅନ୍ତୁ,ମୋ ପିଲାର ଲୋକାଲ୍ ଗ୍ରାଡିଆନ ହୁଅନ୍ତୁ, ମୋତେ ଅନୁଷ୍ଠାନରୁ ଆୱାର୍ଡ୍ କରାଇ ଦିଅନ୍ତୁ ଇତ୍ୟାଦି କେତେ କଣ!

ଯାହାକୁ ଆପଣ ସାହାଯ୍ୟ ସହଯୋଗ କରିଥିବେ ସେଇ ବ୍ୟକ୍ତି ଆପଣଙ୍କ ଅସୁବିଧା ସମୟରେ ଧରାଛୁଆଁ ଦେବେ ନାହିଁ।ଏମିତି ସମୟ ବି ବେଳେ ବେଳେ ଆସିଥାଏ ,ଆପଣଙ୍କ ଦ୍ୱାରା ଉପକୃତ ଚାରିକଡର ଲୋକମାନେ ଦିନେ ଆପଣଙ୍କ ଦୁଃସମୟରେ ଛତ୍ରଭଙ୍ଗ ଦିଅନ୍ତି।ସମବେଦନା ତ ସମସ୍ତେ ଜଣାନ୍ତି କିନ୍ତୁ ସହଯୋଗ କରନ୍ତି ନାହିଁ।ବେଳେବେଳେ ଏମିତି ବି ପରିସ୍ଥିତି ଆସେ ମଣିଷ ଉପାୟଶୂନ୍ୟ ହୋଇ ଆତ୍ମହତ୍ୟା କରିଦିଏ,ଅଥଚ ତା ପରିସ୍ଥିତିର ସମାଧାନ ହୁଏନାହିଁ।ଜୀବନର ଏମିତି କ୍ଷଣଟିଏ ବହିର ଗୋଟିଏ ପୃଷ୍ଠା ଭଳି।ଯେମିତି 100 ପୃଷ୍ଠା ବହିର ଗୋଟିଏ ପୃଷ୍ଠା ଚିରିଗଲେ ଆଉ 99 ପୃଷ୍ଠାର ଉପଯୋଗିତା ନଷ୍ଟ ହୁଏନାହିଁ,ଠିକ୍ ସେମିତି ଜୀବନ ବହିର ଗୋଟିଏ ପୃଷ୍ଠା ଚିରିଗଲେ ଅର୍ଥାତ୍ ଆମର ଗୋଟିଏ ଦୁଃସମୟରେ ଭୟଭୀତ ହୋଇ ଆମେ ଆଦୌ ଭୟଭୀତ ହେବା ଉଚିତ୍ ନୁହେଁ।

ଜୀବନ ସବୁବେଳେ ଗୋଟେ ଆଶ୍ଚର୍ଯ୍ୟ ଆଗନ୍ତୁକ।କେହି ଜାଣିନଥାଏ ଆସନ୍ତା ସମୟରେ କିଭଳି ଚମତ୍କାର,ଜୀବନର ମୋଡ ବଦଳେଇଥାଏ।ଯେମିତି ଆମେ ଜାଣିନଥାନ୍ତି କେବେ ଆଉ କେମିତି ଆମର ମୃତ୍ୟୁ ଶିରୋଧାର୍ଯ୍ୟ ହୋଇଛି।ଜୀବନର ଏ ରଙ୍ଗମଞ୍ଚରେ ଅଭିନୟ କଲାବେଳେ ଆମେ ଭାବିବା ଉଚିତ୍ ଆମେ କିଭଳି ଅଭିନୟ(କର୍ମ) କରୁଛନ୍ତି,ଏହା ଆମ ଅପେକ୍ଷା ଆମ ନିର୍ଦ୍ଦେଶକ(ପରମାତ୍ମା) ଭଲଭାବେ ଜାଣନ୍ତି ଏବଂ ନାଟକ ସଫଳ ହେବାର ଦାୟିତ୍ୱ ସବୁବେଳେ ନିର୍ଦ୍ଦେଶକଙ୍କ ଉପରେ ଥାଏ।

ଆପଣଙ୍କ ଭିତରେ ଯଦି ଖୁବ୍ ଦୁଃଖ ଅଛି,ଜୀବନକୁ ନ୍ୟୁନ ଭାବୁଛନ୍ତି ଏବଂ କୌଣସି ଅସାଧୁ,ଅସାମାଜିକ,ଅସଂସ୍କାରୀ ନିର୍ଯ୍ଯାତନାର ଶୀକାର ହେଉଛନ୍ତି,ତେବେ ହତୋତ୍ସାହ ହୁଅନ୍ତୁ ନାହିଁ,ଜୀବନକୁ କେବଳ 'ଗୋଟିଏ ଦିନ' ଭାବନ୍ତୁ।ସେଇ ଦିନଟି ଖୁବ୍ ଖୁସିରେ ରହିବାକୁ ଚେଷ୍ଟା କରନ୍ତୁ,ମନ ଭରି ଖାଆନ୍ତୁ,ନିଜ କକ୍ଷକୁ ପରିଷ୍କାର, ପରିଚ୍ଛନ୍ନ କରି ସଜାନ୍ତୁ,ପରିବାରରେ ସମସ୍ତଙ୍କ ସହିତ ଭଲରେ କଥା ହୁଅନ୍ତୁ କାରଣ "ଜୀବନ ଗୋଟିଏ ଦିନ"।ତେଣୁ କାଲି କଣ ହୋଇଯାଇଛି କିମ୍ବା ଆସନ୍ତା କାଲି କଣ ହେବ ଭାବନ୍ତୁ ନାହିଁ।ଆଜି ଉପରେ ଗୁରୁତ୍ୱ ଦିଅନ୍ତୁ, ଆଜି ପାଇଁ ବଞ୍ଚନ୍ତୁ,ଆଜିକୁ ସ୍ମରଣୀୟ କରନ୍ତୁ।ଆଜି ଆପଣଙ୍କ ସହିତ ଯିଏ ଅନ୍ୟାୟ କରିଛନ୍ତି ତାଙ୍କୁ କ୍ଷମା କରିଦିଅନ୍ତୁ ଅଥବା ଆପଣ କାହାପ୍ରତି ଅନ୍ୟାୟ କରିଛନ୍ତି କ୍ଷମା ମାଗି ନିଅନ୍ତୁ।ପ୍ରତିଦିନ ସକାଳୁ ଏହି ଭାବନା ରଖନ୍ତୁ ଯେ"ଜୀବନ ଆଜି ଗୋଟିଏ ଦିନ"ତାକୁ ମନଭରି ଜିଇଁବା ଉଚିତ୍।ଆମର ପ୍ରତିଟି ଦିନ ଆମ ନିୟନ୍ତ୍ରଣରେ ରହିଲେ ଜୀବନ ବି ଧିରେ ଧିରେ ସୁନ୍ଦର ପାଲଟିଯିବ।

ରାଉତ୍ କମ୍ପ୍ଲେକ୍ସ, କଟକ ରୋଡ୍, ଭୁବନେଶ୍ୱର-୬

ସ୍ୱାସ୍ଥ୍ୟକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ

ଅଚ୍ୟୁତ ସାମନ୍ତ ଜାତୀୟସ୍ତରରେ ସମ୍ମାନୀତ

ଭୁବନେଶ୍ୱର,୨୯।୯ (ସଂଚାର ବ୍ୟୁରୋ): କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଆସୋସିଏସନ୍ ଅଫ୍ ହେଲ୍ଥକେୟାର ପ୍ରୋଭାଇଡର୍ସ (ଏଏଚ୍‌ପିଆଇ) ଇଣ୍ଡିଆ ପକ୍ଷରୁ ସମ୍ମାନଜନକ ଆଇକନିକ ହେଲଥକେୟାର ଲିଡର୍ ସମ୍ମାନ ପ୍ରଦାନ କରାଯାଇଛି। ରବିବାର ଚେନ୍ନଇଠାରେ ଅନୁଷ୍ଠିତ ଦ୍ୱିତୀୟ ଏଏଚ୍‌ପିଆଇ ଲିଡରସିପ୍ ଅଧିବେଶନରେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି।

ଏଏଚ୍‌ପିଆଇ ପକ୍ଷରୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉଦାହରଣୀୟ କାର୍ଯ୍ୟ କରିଥିବା ଭାରତୀୟ ବ୍ୟକ୍ତି ବିଶେଷଙ୍କୁ ଏହି ସମ୍ମାନ ପ୍ରତିବର୍ଷ ପ୍ରଦାନ କରାଯାଇଥାଏ। ଚଳିତବର୍ଷ ଏଏଚ୍‌ପିଆଇ ପକ୍ଷରୁ ଦୁଇ ଜଣଙ୍କୁ ସମ୍ମାନୀତ କରାଯାଇଛି। ଅଚ୍ୟୁତ ସାମନ୍ତଙ୍କ ବ୍ୟତୀତ ଆପୋଲୋ ଗ୍ରୁପ୍ ଅଧ୍ୟକ୍ଷ ଡା. ପ୍ରତାପ ରେଡ୍ଡୀଙ୍କୁ ଆଇକନିକ ଲିଡର ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ସମ୍ମାନ ପାଇବା ପରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଆହୁରି ଅଧିକ କାର୍ଯ୍ୟ କରିବାକୁ ଉତ୍ସାହ ମିଳିଥାଏ ବୋଲି ଶ୍ରୀ ସାମନ୍ତ କହିବା ସହ ଏଏଚ୍‌ପିଆଇକୁ ଧନ୍ୟବାଦ ଜଣାଇଛନ୍ତି। ଏହା ସହିତ ତାଙ୍କୁ ଏହି ସମ୍ମାନ ପାଇଁ ଚୟନ କରାଯାଇଥିବାରୁ ଚୟନ କମିଟି ମୁଖ୍ୟ ଡା ବିଜୟ ଅଗ୍ରୱାଲ ଓ ଏଏଚ୍‌ପିଆଇ ମହାନିର୍ଦ୍ଦେଶକ ଡା. ଗିରିଧର ଜ୍ଞାନୀଙ୍କୁ ଶ୍ରୀ ସାମନ୍ତ ନିଜର କୃତଜ୍ଞତା ଜଣାଇଛନ୍ତି।

ଆଶଙ୍କାରେ ସାଧାରଣ ବର୍ଗର କର୍ମଚାରୀ ଓ ଚାକିରି ଆଶାୟୀ

ଭୁବନେଶ୍ୱର, ୨୯।୯ (ସଂଚାର ବ୍ୟୁରୋ): ଓଡିଶା ସରକାରଙ୍କ ତଫସିଲ ଭୁକ୍ତ ଜନଜାତି ଓ ତଫସିଲ ଭୁକ୍ତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଜାରି କରାଯାଇଥିବା ସ୍ପଷ୍ଟୀକରଣକୁ ନେଇ ସାଧାରଣ ବର୍ଗର କର୍ମଚାରୀ ଏବଂ ବିଭିନ୍ନ ସରକାରୀ ଚାକିରି ପାଇଁ ଆବେଦନ ଓ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ମେଧାବୀ ଛାତ୍ର/ଛାତ୍ରୀ ତଥା ସେମାନଙ୍କ ଅଭିଭାବକଙ୍କ ମନରେ ଭବିଷ୍ୟତକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି ।

ଏହା ଦ୍ୱାରା ବିଭିନ୍ନ କ୍ୟାଡରରେ ପଦୋନ୍ନତି ପାଇଁ ଉଦ୍ଦିଷ୍ଟ ଅଣସଂରକ୍ଷିତ ପଦବୀ ଗୁଡିକରେ ସଂରକ୍ଷଣ ବ୍ୟବସ୍ଥା ଦ୍ୱାରା ସରକାରୀ ଚାକିରୀକୁ ଆସିଥିବା ତଫସିଲ ଭୁକ୍ତ ଜନଜାତି ଓ ଜାତି ର କର୍ମଚାରୀ ମାନଙ୍କୁ ପଦୋନ୍ନତି ଦିଆଯାଇପାରିବ । ମାନ୍ୟବର ସୁପ୍ରିମ କୋର୍ଟଙ୍କ ଦ୍ୱାରା ଇନ୍ଦ୍ର ସାହାଣୀ (୧୯୯୧), ଆର କେ ସଭରୱାଲ (୧୯୯୫), ଏମ ନାଗରାଜ (୨୦୦୬) ଏବଂ ଜର୍ନେଲ ସିଂହ (ଆନ୍ତରୀଣ ରାୟ ୨୦୨୨) ଅଦାଲତି ମାମଲାରେ ଦିଆଯାଇଥିବା ପଦବୀ ଭିତ୍ତିକ ପଦୋନ୍ନତି ରାୟ ଗୁଡିକର ସିଧା ସଳଖ ଉଲ୍ଲଘନ ହୋଇଥିବା ଅଭିଯୋଗ ହୋଇଛି ।

ମାନ୍ୟବର ସୁପ୍ରିମ କୋର୍ଟ ଜର୍ନେଲ ସିଂହ ମାମଲା ରେ ୨୦୨୨ରେ ଦେଇଥିବା ଆନ୍ତରୀଣ ରାୟ ରେ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି ଯେ ରାଜ୍ୟ ନିଜର ଚାକିରୀରେ ଥିବା ତଫସିଲ ଭୁକ୍ତ ଜନଜାତି ଏବଂ ଜାତି ବର୍ଗ ର କର୍ମଚାରୀ ମାନଙ୍କ ପରିମାଣତ୍ମକ ତଥ୍ୟ ଆଧାରରେ ପଦୋନ୍ନତି ରେ ଆରକ୍ଷଣ ବ୍ୟବସ୍ଥା ଲାଗୁକରିବେ । ହେଲେ ଏହି ତଥ୍ୟ ଉପଲବ୍ଧ ନଥାଇ ସମ୍ପର୍କିତ ବିଭାଗ ଦ୍ୱାରା ଚଞ୍ଚକତା କରି ସରକାରୀ ଚାକିରୀରେ ସାଧାରଣ ବର୍ଗର କର୍ମଚାରୀ ଓ ଛାତ୍ର /ଛାତ୍ରୀଙ୍କ ଭବିଷ୍ୟତକୁ ଅନ୍ଧାରକୁ ଠେଲି ଦେବା ପାଇଁ ମସୁଧା କରୁଥିବା ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି ।

ନିକଟରେ ଏହାକୁ ବିରୋଧ କରି ଶତାଧିକ ସାଧାରଣ ବର୍ଗର କର୍ମଚାରୀମାନେ ଏକାଠି ହୋଇ ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଏଯାବତ କୌଣସି ସୁଫଳ ମିଳିନଥିବା ସୂଚନା ରହିଛି । ଯଦି ଏପରି ସ୍ଥିତି ଲାଗି ରହେ, ତେବେ ସମସ୍ତ ଅଣସଂରକ୍ଷିତ ପଦବୀରେ ଅନୁସୂଚିତ ଜନଜାତି ଓ ଜାତି ବର୍ଗର କର୍ମଚାରୀମାନେ ପଦୋନ୍ନତି ପାଇବେ ଏବଂ ଭବିଷ୍ୟତରେ ମଧ୍ୟ ଏହି ବର୍ଗର ପଦବୀ ନିଯୁକ୍ତି ପାଇଁ ଖାଲି ପଡିବ ।

ତେଣୁ ନିଯୁକ୍ତି ମଧ୍ୟ ଏହି ବର୍ଗରେ ହିଁ ହେବ ଯଦ୍ୱାରା କି ସାଧାରଣ ବର୍ଗର ଛାତ୍ରଛାତ୍ରୀ ମାନେ ନିଯୁକ୍ତିରେ ସୁଯୋଗ ହାତଛଡା କରିବେ ଏବଂ ସମ୍ବିଧାନର ଅନୁଚ୍ଛେଦ ୧୪ ଥିବା ସରକାରୀ ଚାକିରିରେ ସମସ୍ତଙ୍କୁ ସମାନ ସୁଯୋଗ ପ୍ରଦାନ ପ୍ରବଧାନର ମଧ୍ୟ ଘୋର ଉଲ୍ଲଙ୍ଘନ ହେବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି । ସାଧାରଣ ବର୍ଗର କର୍ମଚାରୀ ମାନଙ୍କୁ ଉଚିତ ନ୍ୟାୟ ନମିଳିଲେ ଆସନ୍ତା ଦିନରେ ଆନ୍ଦୋଳନତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି ।

ମୋରମ ଚାଲାଣରେ ସମ୍ପୃକ୍ତ ୩ ଗାଡ଼ି ଜବତ

ଟାଙ୍ଗୀ-ଚୌଦ୍ୱାର, ୨୯।୯ (ସଂଚାର ବ୍ୟୁରୋ): ସ୍ଥାନୀୟ ବାଧୀ ପଡ଼ିଆରେ ବେଆଇନ୍ ଭାବେ ମୋରମ୍ ଖୋଳୁଥିବା ଓ ଚାଲାଣ କରୁଥିବା ଗୋଟିଏ ଜେସିବି ମେସିନ୍ ଓ ୩ଟି ହାଇୱା ଟ୍ରକ୍‌କୁ ପୋଲିସ୍ ଜବତ କରିଛି। ପୋଲିସ୍ ସୂଚନା ଅନୁଯାୟୀ ଇମ୍ଫା କାରଖାନା ପଛପଟେ ବଧୀ ପଡ଼ିଆରେ ମୋରମ ଖୋଳା ଚାଲିଥିବା ଖବରପାଇ ପୋଲିସ୍ ତରଫରୁ ଶନିବାର ବିଳମ୍ବିତ ରାତିରେ ଘଟରାସ୍ଥଳରେ ଚଢ଼ଉ କରାଯାଇ ଘଟଣାସ୍ଥଳରୁ ଗାଡ଼ି ଗୁଡ଼ିକୁ ଜବତ କରିଥିଲେ।ଗାଡ଼ି ଗୁଡ଼ିକୁ ଥାନାକୁ ଅଣାଯାଇ କାର୍ଯ୍ୟାନୁଷ୍ଠାନ ପାଇଁ କଟକସ୍ଥିତ ଖଣି ବିଭାଗକୁ ଜଣାଇ ଦିଆଯାଇଥିବା ଆଇଆଇସି ବିଶ୍ୱରଞ୍ଜନ ସାହୁ ସୂଚନା ଦେଇଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ୧୧୪ତମ 'ମନ୍ କି ବାତ୍' କାର୍ଯ୍ୟକ୍ରମ

ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆଣିବା ପାଇଁ ନିରନ୍ତର ପ୍ରୟାସ

ଭୁବନେଶ୍ୱର, ୨୯।୯ (ସଂଚାର ବ୍ୟୁରୋ): ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ "ମନ କି ବାତ" କାର୍ଯ୍ୟକ୍ରମ ଆଜି ୧୦ ବର୍ଷ ପୂରଣ କରିଛି। ମୋଦିଜୀଙ୍କ "ମନ କି ବାତ" କାର୍ଯ୍ୟକ୍ରମ ଏବେ ସମସ୍ତଙ୍କ ପ୍ରେରଣାର କେନ୍ଦ୍ରବିନ୍ଦୁ ସାଜିଛି। ସାଧାରଣ ଲୋକଙ୍କ ଅସାଧାରଣ କାର୍ଯ୍ୟ ଓ ସାମର୍ଥ୍ୟକୁ ଲୋକଲୋଚନକୁ ଆଣିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ସେ ତାଙ୍କ ୧୧୪ ତମ "ମନ୍ କି ବାତ" ସଂସ୍କରଣରେ ସାନ୍ତାଳୀ ଭାଷାର ପ୍ରଚାର ଓ ପ୍ରସାର ପାଇଁ ମୟୂରଭଞ୍ଜର ଯୁବକ ରାମଜିତ୍ ଟୁଡୁଙ୍କ ପ୍ରୟାସକୁ ପ୍ରଶଂସା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶ୍ରୀ ସାମଲ ନିଜ ମାତୃଭାଷା ସାନ୍ତାଳୀ ଭାଷାକୁ ଡିଜିଟାଲ ପ୍ଲାଟଫର୍ମ ଜରିଆରେ ଲୋକଙ୍କ ପାଖକୁ ଆଣିଥିବା ରାମଜିତ୍ ଟୁଡୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଆଦିବାସୀଙ୍କ କଲ୍ୟାଣ ପାଇଁ ମୋଦୀ ସରକାର ବଦ୍ଧପରିକର ବୋଲି କହିଛନ୍ତି। ଭୁବନେଶ୍ୱରସ୍ଥିତ ନାଳନ୍ଦା ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମ

ଶୁଣିଥିଲେ। "ମାଁ ପାଇଁ ଗଛଟିଏ" ଅଭିଯାନ ପରିପ୍ରେକ୍ଷୀରେ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗ ଦେଇ ରାଜ୍ୟ ସଭାପତି ଶ୍ରୀ ସାମଲ ବୃକ୍ଷରୋପଣ କରିଥିଲେ। ଏହି ଅବସରରେ ରାଜ୍ୟ ମୁଖପାତ୍ର ଡ.ତପନ ଚାନ୍ଦଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

ଓଡ଼ିଶାର ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀ ନିରନ୍ତର ପ୍ରୟାସ ଜାରୀ ରଖିଛନ୍ତି। ତାଙ୍କ ଉଦ୍ୟମ ଯୋଗୁଁ ଦେଶ ତଥା ଆମ ରାଜ୍ୟର ଐତିହ୍ୟ, ସଂସ୍କୃତି, ପରମ୍ପରା, ଅସ୍ମିତା ବିଶ୍ୱ ଦରବାରରେ ପହଁଚିବାରେ ସହାୟକ ହୋଇଛି। ଏହା ଲୋକଙ୍କ ମନରେ ଅଧିକ ଆତ୍ମବିଶ୍ୱାସ ଆଣିଦେଇଛି। ମୋଦିଜୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଆଜି ଜନଆନ୍ଦୋଳନରେ ପରିଣତ ହୋଇଛି। ମନ୍ କି ବାତ୍ କାର୍ଯ୍ୟକ୍ରମ ଜରିଆରେ ଏନେଇ ସଚେତନତା ସୃଷ୍ଟି ହୋଇଛି। ଆମେରିକାରୁ ୩୦୦ ପ୍ରାଚୀନ ଓ ଦୁର୍ଲଭ କଳାକୃତି ଫେରାଇ ଆଣିବା ଆମ ସମସ୍ତଙ୍କ ପାଇଁ ଖୁସି ଓ ଗର୍ବର ବିଷୟ। ଶ୍ରୀ ସାମଲ ଏନେଇ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଜୀଙ୍କୁ ଆନ୍ତରିକ ଧନ୍ୟବାଦ୍ ଜଣାଇଛନ୍ତି।

ଆଜି ରାଜ୍ୟର ପ୍ରତ୍ୟେକ ନିର୍ବାଚନମଣ୍ଡଳୀ ଓ ବୁଥ୍‌ରେ ଦଳର ନେତୃମଣ୍ଡଳୀ ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଏହି "ମନ୍ କି ବାତ୍" କାର୍ଯ୍ୟକ୍ରମ ଶୁଣିଥିଲେ। ଏଥି ସହ ପାର୍ଟିର ସାଂଗଠନିକ ମହାପର୍ବ "ସଦସ୍ୟତା ଅଭିଯାନ - ୨୦୨୪" ସାମିଲ ହୋଇ ନୂତନ ସଦସ୍ୟ ସଂଗ୍ରହ ଓ ପଂଜୀକରଣ କରିଥିଲେ।

ଧର୍ମ ଜାଗରଣ ସୃଷ୍ଟିରେ ସଂକୀର୍ତ୍ତନ ବଳିଷ୍ଠ ମାଧ୍ୟମ

ଖୋର୍ଦ୍ଧା, ୨୯।୯ (ସଂଚାର ବ୍ୟୁରୋ): ଖୋର୍ଦ୍ଧା, ବେଗୁନିଆ ଓ ବୋଲଗଡ଼ ବ୍ଲକର ୨୪ଟି ସଂକୀର୍ତନ ମଣ୍ଡଳୀରୁ ନେଇ ଗଠିତ ନିଖିଳ ଉତ୍କଳ ଆଞ୍ଚଳିକ ସଂକୀର୍ତ୍ତନ ସଂଘ, ହଟ୍ଟକେଶ୍ୱର ମଣ୍ଡଳ ପକ୍ଷରୁ ଜରିପୁଟ ବାଲୁଙ୍କେଶ୍ୱର ଦେବ ପୀଠରେ ଏକ ସ୍ୱତନ୍ତ୍ର ଅଧିବେଶନ ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ତଥା ଜରିପୁଟ ଶାଖା ସମ୍ପାଦକ ସୁଶାନ୍ତ ହରିଚନ୍ଦନଙ୍କ ସଂଯୋଜନାରେ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ପାଲା ଗାୟକ ହାଡ଼ିବନ୍ଧୁ ପଣ୍ଡା, ହଟ୍ଟକେଶ୍ୱର ମଣ୍ଡଳର ସଭାପତି ମାଧବ ଚନ୍ଦ୍ର ବେହେରା, ବୟୋଜ୍ୟେଷ୍ଠ ସମାଜ ସେବୀ କବିରାଜ ସାମନ୍ତରାୟ, ନୟାଗଡ଼ ମଣ୍ଡଳ ସଭାପତି ତ୍ରିଲୋଚନ ପରିଡ଼ା, ଉପେନ୍ଦ୍ର ଶ୍ରୀଚନ୍ଦନ ଓ ଜରିପୁଟ ସଭାପତି ବେଣୁଧର ରାଉତରାୟ, ଅତିଥି ଭାବେ ଯୋଗଦେଇ ଥିଲେ। ନୈତିକ ଚେତନା ଜାଗ୍ରତ ଓ ଧର୍ମ ଜାଗରଣ ସୃଷ୍ଟି ପାଇଁ ସଂକୀର୍ତନ ଏକ ବଳିଷ୍ଠ ମାଧ୍ୟମ ବୋଲି ଅତିଥିମାନେ ମତ ଦେଇଥିଲେ। ସଭା ପୂର୍ବରୁ ୩ଟି ଦଳର ସଂକୀର୍ତନ ଓ ଗୁରୁ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜରିପୁଟ ଶାଖା ପକ୍ଷରୁ ସର୍ବଶ୍ରୀ ଲକ୍ଷ୍ମଣ ମାର୍ଥୀ, ନିଳାଦ୍ରିନାଥ ଜଗଦେବ, ଦୈତାରୀ ସେନାପତି, ତ୍ରିଲୋଚନ ମହାପାତ୍ର, ଦୁର୍ଗାଚରଣ ବଳିଆରସିଂହ, ବଂଶୀଧର ସୁନ୍ଦରାୟ, ନନ୍ଦପୁର ସରପଞ୍ଚ ବିକଳ୍ପ କେଶରୀ ବଳିଆରସିଂହ, ଦୁର୍ଗାପୁର ସରପଞ୍ଚ ଦେବାଶିଡଷ ବେହେରା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜରିପୁଟ ବାଲୁଙ୍କେଶ୍ୱର ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ସମ୍ପାଦକ ସୁଶାନ୍ତ ହରିଚନ୍ଦନ ଧନ୍ୟବାଦ ଦେଇଥିଲେ।

ବାରହା ମାଂସ ବିକ୍ରି ଅଭିଯୋଗରେ ୨ ଅଭିଯୁକ୍ତଙ୍କୁ ଧରିଲା ବନ ବିଭାଗ

ଯୋଡା, ୨୯।୯ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ବଡ଼ବିଲ ରେଞ୍ଜ ଗୁଆଲି ସେକ୍ସନର ଟନ୍ତ୍ରୋ ଠାରେ ବାରହା ମାଂସ ବିକ୍ରି ଓ ଚାଲାଣ ସମୟରେ ବନ ବିଭାଗ ଦୁଇ ଅଭିଯୁକ୍ତଙ୍କୁ ଅଟକ ରଖିଛି। ଅଭିଯୁକ୍ତ ମାନେ ହେଲେ ଟନ୍ତ୍ରୋ ଗ୍ରାମର ଭାଗ ମୁଣ୍ଡା ଓ ସବିର ମୁଣ୍ଡା । ଅଭିଯୁକ୍ତ ଦ୍ୱୟ ଜଙ୍ଗଲି ବାରହାର ପ୍ରାୟ ୫କେଜି କଞ୍ଚା ମାଂସ ବିକ୍ରି ଓ ଚୋରା ଚାଲାଣ କରୁଥିଲେ। ଖବର ପାଇ ବନ ବିଭାଗ ଦୁଇ ଜଣକୁ ଅଟକ ରଖିବା ସହିତ ମାଂସ ଜବତ କରି ଏହାର ଯାଞ୍ଚ ପାଇଁ ଓୟୁଏଟିକୁ ପଠାଇ ଥିବା ବନ ବିଭାଗ ସୂଚନା ଦେଇଛି ।

କର୍ମଚାରୀ ନେତା ବସନ୍ତ କୁମାର ରାୟଙ୍କ ଶ୍ରାଦ୍ଧବାର୍ଷିକୀରେ ରକ୍ତଦାନ ଶିବିର

କଟକ, ୨୯।୯ (ସଂଚାର ବ୍ୟୁରୋ): ଗୁଳୁଗୁଳି ଆଉ ବର୍ଷାର ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ରକ୍ତଦାନକୁ ନେଇ ଯୁବଗୋଷ୍ଠୀଙ୍କ ମଧ୍ୟରେ ଦେଖିବାକୁ ମିଳିଥିଲା ବିପୁଳ ଉତ୍ସାହ। ବିଶେଷକରି ପ୍ରଥମଥର ପାଇଁ ରକ୍ତଦାନର ସ୍ୱର୍ଗୀୟ ଅନୁଭବ ଉପଲବ୍ଧି ନିମନ୍ତେ ନୂତନ ଜୀବନଦାତାଙ୍କ ଆଗ୍ରହ ଥିଲା ଅନୁକରଣୀୟ। ଅବସର ଥିଲା ବିଶିଷ୍ଟ କର୍ମଚାରୀ ନେତା ତଥା କଟକ କଲେକ୍ଟୋରେଟ୍ ଏମ୍ପ୍ଲୟିଜ୍ ଗ୍ରୁପ୍ ହାଉସିଂ ସୋସାଇଟି ସିଡିଏ ସେକ୍ଟର-୯ ଏବଂ ୧୦ର ପ୍ରତିଷ୍ଠାତା ସ୍ୱର୍ଗତ ବସନ୍ତ କୁମାର ରାୟଙ୍କ ୨୦ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଆୟୋଜିତ ବିଶାଳ ରକ୍ତଦାନ ଶିବିର। ଆଜି ସିଡିଏ ସେକ୍ଟର-୯ ସ୍ଥିତ ରାମେଶ୍ୱର ମନ୍ଦିର ସଭାଗୃହରେ ପ୍ରଗତୀ ଯୁବ କେନ୍ଦ୍ର ପକ୍ଷରୁ ଆୟୋଜିତ ଏହି ଶିବିରରୁ ମୋଟ ୧୨୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ମହିଳା, ଯୁବଗୋଷ୍ଠୀଙ୍କ ମଧ୍ୟରେ ଏହି ଶିବିରକୁ ନେଇ ବିଶେଷ ଉତ୍ସାହ ପରିଲକ୍ଷିତ ହୋଇଥଲା।

ବିଶିଷ୍ଟ ସ୍ୱାସ୍ଥ୍ୟ ବିଶେଷଜ୍ଞ ତଥା ଏମ୍ସ ଭୁବନେଶ୍ୱର ଆନାଟୋମୀ ବିଭାଗର ପ୍ରଫେସର୍ ପ୍ରଭାସ ରଂଜନ ତ୍ରିପାଠୀ ଏବଂ କଟକ କମିଶନରେଟ ପୋଲିସର ଅତିରିକ୍ତ ଡିସିପି ଅନୀଲ କୁମାର ମିଶ୍ର ଏହି ଶିବିରରେ ଅତିଥି ଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ହାଉସିଂ ସୋସାଇଟିର ସଭାପତି ଦେବେନ୍ଦ୍ର କୁମାର ଖଟୁଆ, ସଂପାଦକ ଗୋଲକ ମହାନ୍ତି, ବରିଷ୍ଠ ସଭ୍ୟ ପ୍ରଫୁଲ୍ଲ କୁମାର ଜେନା, ହରେକୃଷ୍ଣ ଦାସ, ଗଙ୍ଗାଧର ସ୍ୱାଇଁ, ରବିନ୍ଦ୍ର ରଣା, ରବିନ୍ଦ୍ର କୁମାର ରାୟ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ପ୍ରଗତୀ ଯୁବ କେନ୍ଦ୍ରର ସଭ୍ୟମାନେ ଶିବିର ପରିଚାଳନା କରିଥିଲେ। କଟକ ରେଡକ୍ରସର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ।

ମହିଳାଙ୍କ ଉପରେ କାର ଚଢ଼ିଗଲା

ବ୍ରହ୍ମପୁର, ୨୯।୯ (ସଂଚାର ବ୍ୟୁରୋ): ସ୍ଥାନୀୟ ବିଜିପୁର ସନ୍ତୋଷୀମା ମନ୍ଦିର ନିକଟରେ ଏକ ଦୁର୍ଘଟଣା ଘଟି ଯାଇଛି। ମୁଖ୍ୟ ରାସ୍ତାରେ ଏହି ଘଟଣା ଘଟିଛି । ନଡ଼ିଆ, ଫୁଲ ଓ ପୂଜା ସାମଗ୍ରୀ ବିକ୍ରି କରୁଥିବା ମହିଳାଙ୍କ ସେଠାରେ ହିଁ ମୃତ୍ୟୁ ଘଟିଛି । ଦୋକାନ ଉପରକୁ କାର ଚଢ଼ିଗଲା । ମହିଳାଙ୍କ ମୃତ୍ୟୁ ପରେ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ଖବର ପାଇ ଘଟଣା ସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ କରିଛି । ମହିଳାଙ୍କ ଶବ ବ୍ୟବଚ୍ଛେଦ କରାଯାଇଛି । ମୃତ ମହିଳା ଜଣଙ୍କ ଭୈରବୀ ପାଲୁର ଅଂଚଳର ବୋଲି କୁହାଯାଇଛି । ପ୍ରତି ଦିନ ଭଳି ପୂଜା ସାମଗ୍ରୀ ସେ ବିକ୍ରି କରୁଥିଲେ । ଏହି ସମୟରେ କାର ଓଡି ୦୨ ଏଜେ ୩୪୭୭ରେ ଆସି ବୁଲାଣିରେ ମହିଳାଙ୍କୁ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ହିଁ ମହିଳାଙ୍କ ମୃତ୍ୟୁ ଘଟିଛି।

ଆମେରିକା ରାଷ୍ଟ୍ରଦୂତଙ୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ

କୋଣାର୍କ, ୨୯।୯ (ସଂଚାର ବ୍ୟୁରୋ): ଭାରତରେ ଅବସ୍ଥାପିତ ଆମେରିକା ରାଷ୍ଟ୍ରଦୂତ ଏରିକ୍ ମାଇକେଲ ଗର୍ସେଟି ଦୁଇ ଦିନିଆ ଓଡିଶା ଗ୍ରସ୍ତରେ ଆସିଥିବା ବେଳେ ରବିବାର ପୂର୍ବାହ୍ନରେ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିଛନ୍ତି। ଶନିବାର ଅପରାହ୍ନରେ ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ଚାରିପଟେ ବୁଲି ଦର୍ଶନ କରିଥିଲେ। ରବିବାର ସକାଳୁ ପୁରୀ ବେଳାଭୂମିରେ ସମୟ ଅତିବାହିତ କରି କୋଣାର୍କ ଅଭିମୁଖେ ଆସିଥିଲେ। କୋଣାର୍କରେ ନିଜ ଧର୍ମ ପତ୍ନୀ ଓ ଦୁଇ ନାବାଳିକା କନ୍ୟାଙ୍କ ସହ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରି କୋଣାର୍କର ଐତିହ୍ୟ, କଳା ଓ ଭାସ୍କର୍ଯ୍ୟ ଉପରେ ଜାଣିଥିଲେ। ଗାଇଡ ବିଶ୍ୱେଶ୍ୱର ଦାଶ ରାଷ୍ଟ୍ରଦୂତଙ୍କ ମନ୍ଦିର ବିଷୟରେ ଉତ୍ତମ ଭାବରେ ବୁଝାଇଥିଲେ। ଶ୍ରୀଯୁକ୍ତ ଗର୍ସେଟି ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରି ସେ ଅତ୍ୟନ୍ତ ଖୁସିବ୍ୟକ୍ତ ହୋଇଥିଲେ। ଏନେଇ ଜିଲ୍ଲା ପ୍ରଶାସନ ଓ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ନିମାପଡ଼ା ଏସଡିପିଓ ପ୍ରଭାତ କୁମାର ମଲ୍ଲିକ, କୋଣାର୍କ ଥାନା ଅଧୀକାରୀ ମହେଶ୍ୱର ସେଠୀ ଓ ଏସଆଇ ସଂଘମିତ୍ରା ଚାନ୍ଦ ପ୍ରମୁଖଙ୍କ ସହ ଜିଲ୍ଲା ବମ୍ ସ୍କ୍ୱାର୍ଡ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

କଲମପୁର ଅଞ୍ଚଳରେ ବେଧଡକରେ ଚାଲିଛି ବାଲି ଚୋରା ଚାଲାଣ

କଳାହାଣ୍ଡି, ୨୯।୯ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା କଲମପୁର ଅଂଚଳରେ ବାଲି ଚୋରା ଚାଲାଣ ବେଧଡ ଭାବେ ଚାଲୁଛି । ରାଜସ୍ୱ ହାନିହେବା ସହିତ ପୋଲ ଗୁଡିକ ଅସୁରକ୍ଷିତ ହୋଇପଡିଛନ୍ତି। ହେଲେ ବିଭାଗର କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗି ପାରୁନାହିଁ । ଏହି ଅଂଚଳରେ ପ୍ରବାହିତ ହାତିନଦୀ ଓ କମଳନଦୀରୁ ଦିନ ଦ୍ୱିପହରରେ ବାଲି ଚୋରା ଚାଲାଣ ହେଉଛି ହେଲେ କେହି ଏହାକୁ ରୋକ ଲଗାଉ ନାହାନ୍ତି । କମଳନଦୀର ସାନକୁଟୁ ଘାଟ ହାତୀନଦୀର ବଙ୍କାପଲା, କଳାପଡା ଭାଟି ଗାଁ, ପାତ୍ରବସା, ବଡକୁଟୁ, ତେନ୍ତୁଳିଖୁଣ୍ଟି, ପରୁଆଗୁଡା, ଟେମରା ଆଦି ଘାଟରୁ ଦୈନିକ ଶହ ଶହ ଟ୍ରିପ ଚାଲାଣ କରି ଲୋକେ ମାଲେମାଲ ହେବାରେ ଲାଗିଛନ୍ତି । ବାଲିଘାଟ ପାଇଁ ବିଭିନ୍ନ ସ୍ଥାନରେ ନିଲାମ ଗ୍ରହଣ କରାଯାଇଥିଲା । ନିଲାମ ନେଇ କିଛି ଲୋକ ବିଭିନ୍ନ ଆଳକରି ତାହାକୁ କାର୍ଯ୍ୟକାରୀ କରୁନାହାନ୍ତି । ଫଳରେ ମଣ୍ଡଳ, କର୍ମେଳ ଓ ଦେପୁର ଘାଟ କାଗଜପତ୍ରରେ ଚାଲୁଥିବା ବେଳେ, ଖଣ୍ଡି ଡଙ୍ଗରିଗୁଡା ଘାଟ ବିବାଦୀୟ ହୋଇ ନ୍ୟାୟାଳୟରେ ବିଚାରାଧୀନ ରହିଛି ।

ରାଜସ୍ୱ ବିଭାଗ ଅଧୀନରେ ଏହି ପ୍ରକ୍ରିୟା ନିୟନ୍ତ୍ରଣାଧିନ ରହିଥିଲା ବେଳେ, ତହସିଲଦାର ଧରପକଡ କରୁଥିଲେ । ଏବେ ଏହା ମାଇନ୍ସ ବିଭାଗ ଅଧିନକୁ ଚାଲିଯିବା ପରେ କୌଣସି ଲୋକ ନିୟମକୁ ମାନୁ ନାହାନ୍ତି । କାରଣ ହେଲା ମାଇନ୍ସ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ । ଯଦ୍‌ୱାରା ପାତ୍ରବସା ପୋଲ ନିକଟରୁ ବାଲି ଉଠାଣ କରାଯାଉଛି । ତେନ୍ତୁଳିଖୁଣ୍ଟି ଓ ବଡକୁଟୁ ଠାରେ ଦିବାରାତ୍ର ଜେସିବି ଦ୍ୱାରା ବାଲି ଉତ୍ତୋଳନ କରାଯାଉଛି । ଏ ଅଂଚଳରୁ ବିପୁଳ ପରିମାଣର ବାଲି ନିକଟବର୍ତ୍ତୀ ବ୍ଲକ ଅଂଚଳକୁ ଯୋଗାଇ ଦେଇ ବ୍ୟବସାୟୀ ମାନେ ଲକ୍ଷଲକ୍ଷ ଟଙ୍କା ଉପାର୍ଜନ କରୁଛନ୍ତି । ତେବେ କିଏ ଏହି ବେନିୟମ କାର୍ଯ୍ୟ ଉପରେ ଅଙ୍କୁଶ ଲଗାଇବ ତା ହା ହିଁ ବଡପ୍ରଶ୍ନ ? ଏନେଇ ଭବାନୀପାଟଣା ମାଇନ୍ସ କର୍ମଚାରୀ ମାନଙ୍କ ସହିତ ଯୋଗାଯୋଗ କରିଆସୁଥିଲେ ମଧ୍ୟ ଯୋଗାଯୋଗ ନ ହେବାରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ । ତେବେ ଆମ ଖବର ପ୍ରସାରଣ ପରେ କିଭଳି ପଦକ୍ଷେପ ଗ୍ରହଣ କରିବ ତାହା ଆଗାମୀ ଦିନରେ ଜଣା ପଡ଼ିବ ।

ସଡ଼କ ପରିବହନ ନିଗମ - ଦେଉଳକୁ ବଳିଲାଣି ମୁଖଶାଳା

ଭୁବନେଶ୍ୱର, ୨୯।୯ (ତଥ୍ୟ): ରାଜ୍ୟ ସଡକ ପରିବହନ ନିଗମର ଅବସ୍ଥା ଏବେ ଦେଉଳକୁ ମୁଖଶାଳା ବଳିଯିବା ଭଳି। ଏହି ସରକାରୀ ନିଗମ ୨୦୧୯-୨୦ ମସିହାରୁ କ୍ରମାଗତ ଭାବେ କ୍ଷତି କରିଆସୁଛି। ବିଭିନ୍ନ ସୂତ୍ରରୁ ନିଗମ ଯେତିକି ଆୟ କରୁଛନ୍ତି ବ୍ୟୟ ପରିମାଣ ତାହାଠାରୁ ଅଧିକ ହେଉଛି।

ଓଡ଼ିଶା ରାଜ୍ୟ ସଡକ ପରିବହନ ନିଗମ ୨୦୧୮-୧୯ ବର୍ଷରେ ଲାଭ କରିଥିଲା। ଏହା ପରଠାରୁ କ୍ଷତିରେ ଚାଲିଛି। ସେହିବର୍ଷ ପନଗମ ୧୧୭ କୋଟି ୩୧ଲକ୍ଷ ଟଙ୍କାରୁ ଅଧିକ ଆୟ କରିଥିବାବେଳେ ବ୍ୟୟ ପରିମାଣ ଥିଲା ୧୧୩ କୋଟି ୭୭ଲକ୍ଷରୁ ଅଧିକ। ଏହିବର୍ଷ ନିଗମ ୩, ୫୩, ୭୮, ୩୪୯ କୋଟି ଟଙ୍କା ଲାଭ କରିଥିଲା

୨୦୧୯-୨୦ବର୍ଷରେ ନିଗମର କ୍ଷତି ପରିମାଣ ୯କୋଟି ଟଙ୍କାରୁ ଅଧିକ ରହିଥିଲା। ଏହିବର୍ଷ ନିଗମ ଯାତ୍ରୀଙ୍କ ଠାରୁ ଟିକଟ ବାବଦରେ ମିଳିଥିବା ଅର୍ଥ, ଚୁକ୍ତିନାମା ସେବା, ଯାତ୍ରୀଙ୍କ ସାମଗ୍ରୀ ପରିବହନ ଓ ଆସନ ସଂରକ୍ଷଣ ବାବଦରୁ ୧୧୬ କୋଟିରୁ ଅଧିକ ଟଙ୍କା ଆୟ କରିଥିବାବେଳେ ବ୍ୟୟ ପରିମାଣ କିନ୍ତୁ ୧୨୫ କୋଟି ଟଙ୍କାକୁ ଟପି ଯାଇଥିଲା। ସେହିବର୍ଷ ଗାଡି ଚଳାଚଳ ବାବଦରେ ନିଗମ ୭୨କୋଟି ୪୧ଲକ୍ଷ ଟଙ୍କାରୁ ଅଧିକ ଅର୍ଥ ବ୍ୟୟ କରିଥିଲା।

୨୦୨୦-୨୧ ବର୍ଷରେ ନିଗମର ଆୟ ୫୨କୋଟି ୨୯ଲକ୍ଷ ୫୯ହଜାର ଟଙ୍କା ରହିଥିଲା। କରୋନା ମହାମାରୀ ଯୋଗୁଁ ଆୟରେ ବ୍ୟାପକ ହ୍ରାସ ପାଇଥିଲା। ତେବେ ସେହିବର୍ଷ ବ୍ୟୟ ପରିମାଣ ୬୨କୋଟି ୮୪ଲକ୍ଷ ଟଙ୍କାକୁ ଟପିଯିବାରୁ କ୍ଷତି ପରିମାଣ ୧୦କୋଟି ଟଙ୍କାରୁ ଅଧିକ ହୋଇଥିଲା। ୨୦୨୧-୨୨ବର୍ଷରେ ନିଗମର କ୍ଷତି ପରିମାଣ ୨କୋଟି ୫୨ ଲକ୍ଷ ଟଙ୍କା ରହିଥିଲା। ଯାହା ପୂର୍ବବର୍ଷ ତୁଳନାରେ ଢେର କମ୍ ଥିଲା। ତେବେ ୨୦୨୨-୨୩ ବର୍ଷରେ ନିଗମର କ୍ଷତି ପରିମାଣ ପାଖାପାଖି ୧୮ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ସେହିବର୍ଷ ନିଗମର ଆୟ ୧୪୬ କୋଟି ୧୪ଲକ୍ଷ ଟଙ୍କାରୁ ଅଧିକ ହୋଇଥିବାବେଳେ ବ୍ୟୟ ପରିମାଣ ୧୬୪ କୋଟି ୬୪ଲକ୍ଷ ଟଙ୍କାକୁ ଟପିଥିଲା। ଏହିବର୍ଷ କେବଳ ଗାଡି ଚଳାଚଳ ବାବଦରେ ପ୍ରାୟ ୧୦୮ କୋଟି ଟଙ୍କା ବ୍ୟୟ ହୋଇଥିଲା। ଲଗାତାର କ୍ଷତି ସତ୍ତ୍ୱେ ପରିବହନ ନିଗମ କିନ୍ତୁ ଗତ ୫ବର୍ଷ ମଧ୍ୟରେ ୩୨୦ଟି ନୂତନ ବସ୍ ଖରିଦ କରିଛି। ଏହି ବସ୍‌ଗୁଡିକ ଟାଟା ମୋଟର୍ସ, ଅଶୋକ ଲେଲ୍ୟାଣ୍ଡ, ଭିଇ କମର୍ସିଆଲ ଆଦିରୁ ୨୪୩ କୋଟି ୪୧ଲକ୍ଷ ଟଙ୍କା ବ୍ୟୟରେ ଖରିଦ କରାଯାଇଛି। ଏହିସବୁ ବସ୍ ମଧ୍ୟରୁ ବର୍ତ୍ତମାନ ୨୯୧ଟି ବସ୍ ରାସ୍ତାରେ ଚଳାଚଳ ପାଇଁ ଉପଯୁକ୍ତ ଥିବାବେଳେ ବିଭିନ୍ନ କାରଣରୁ ଖରାପ ହୋଇଥିବା ୨୯ଟି ବସ୍‌କୁ ମରାମତି କରାଯାଉଥିବା ଜଣାଯାଇଛି।

ସପ୍ତମ ରାଷ୍ଟ୍ରୀୟ ପୋଷଣ ମାସ -୨୦୨୪ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ

ବଲାଙ୍ଗିର, ୨୯।୯ (ସଂଚାର ବ୍ୟୁରୋ): ଓଡିଶା ରାଜ୍ୟ ମହିଳା ଆୟୋଗଙ୍କ ଦ୍ୱାରା ଆୟୋଜିତ, ଜିଲ୍ଲା ପ୍ରଶାସନ ଓ ସମାଜ ମଙ୍ଗଳ ବିଭାଗ ମିଳିତ ସହଯୋଗ ତଥା ରାଷ୍ଟ୍ରୀୟ ମହିଳା ଆୟୋଗଙ୍କ ସହାୟତାରେ ସପ୍ତମ ରାଷ୍ଟ୍ରୀୟ ପୋଷଣ ମାସ-୨୦୨୪ ଭୀମ ଭୋଇ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ମହିଳା ଆୟୋଗର ଅଧ୍ୟକ୍ଷା ଡ. ମିନତୀ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଡ଼ ବିଜୟାନନ୍ଦ ସେଠୀ ସମ୍ମାନୀତ ଅତିଥିଭାବେ ଯୋଗଦାନ କରିଥିଲେ । ଶ୍ରୀମତୀ ରୀତାଞ୍ଜଳି ପ୍ରଧାନ, ଅଧ୍ୟାପିକ, ଫୁଡ ଓ ନିଉଟ୍ରିଶନ ବିଭାଗ, ହାଇ-ଟେକ ମେଡିକାଲ କଲେଜ ଓ ହସ୍ପିଟାଲ, ଭୁବନେଶ୍ୱର, ଡ. ବର୍ଷା ରାନୀ ନାୟକ, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ, ଡ. ଏନ ଟୁନା ସାହୁ, ପରାମର୍ଶଦାତା, ଓଡିଶା ରାଜ୍ୟ ମହିଳା ଆୟୋଗ ପ୍ରଭୃତି ବକ୍ତାଭାବେ ଯୋଗଦାନ କରିଥିଲେ । ଡ. ମିନତୀ ବେହେରା ନିଜ ଅଭିଭାଷଣରେ ଆୟୋଗଙ୍କ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ କୁପୋଷଣ ଦୂର କରି ମହିଳା, କିଶୋରୀ ଓ ଶିଶୁମାନଙ୍କ ସୁସ୍ଥ ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ସଚେତନତା କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ସୁଷମା ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ବକ୍ତାମାନେ ନିଜ ନିଜର ବକ୍ତବ୍ୟ ମାଧ୍ୟମରେ ଗର୍ଭବତୀ ମହିଳା, ସ୍ତନ୍ୟପାନ କରାଉଥିବା ମହିଳା, କିଶୋରୀ ଓ ଶିଶୁମାନେ ଶିକାର ହେଉଥିବା କୁପୋଷଣ ଦୂର କରିବା ପାଇଁ ସଚେତନତା ବାର୍ତ୍ତା ପ୍ରଚାର କରିବା ସହ ଏନେମିଆ ମୁକ୍ତ ଭାରତ ନିର୍ମାଣ ପାଇଁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପୋଷଣ ସଂଯୋଜକ ଶ୍ରୀ ଶାଶ୍ୱତ ପାଣିଗ୍ରାହୀ ଉପସ୍ଥିତ ରହି ଜିଲ୍ଲାରୁ କୁପୋଷଣ ଦୂର କରି ରକ୍ତହୀନତା ରୋଗ ଦୂର କରିବା ନିମିତ୍ତ ସଚେତନତା କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ।

ହେଜବୁଲ୍ଲାର ମେରୁଦଣ୍ଡ ଭାଙ୍ଗିଲା

ଗତ ବର୍ଷ ଅକ୍ଟୋବରରେ ଆତଙ୍କୀ ସଙ୍ଗଠନ ହମାସ ଇସ୍ରାଏଲ ସୀମାରେ ପ୍ରବେଶ କରି ନରସଂହାର ଏବଂ ଅପହରଣ କରିବା ପରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଆରମ୍ଭ ହୋଇଛି। ଏମିତି ମଧ୍ୟପ୍ରାଚ୍ୟ ସବୁ ବେଳେ ଉତ୍ତେଜନା ପ୍ରବଣ ଅଞ୍ଚଳ ଭାବେ ପରିଚିତ। ଏହି ଅଞ୍ଚଳ ତୈଳସମୃଦ୍ଧ ଏବଂ ଅନେକ ଦେଶ ଏଠାରେ ତେଲ ବିକି ଧନୀ ହୋଇଛନ୍ତି। ଏହା ସତ୍ତ୍ୱେ ସେଠାରେ ଶିକ୍ଷା ଏବଂ ସଂସ୍କାର ବିକଶିତ ହୋଇନାହିଁ। ମଧ୍ୟଯୁଗୀୟ ଚିନ୍ତାଧାରା ନେଇ ଅନେକ ଆତଙ୍କରାଜ ଚଳାଇଛନ୍ତି। ଧାର୍ମିକ ମୌଳବାଦୀ ଗୋଷ୍ଠୀ ଏଠାରେ ସକ୍ରିୟ। ବିଶ୍ୱର ସବୁଠାରୁ ଦୁର୍ଦ୍ଧାନ୍ତ ଆତଙ୍କବାଦୀ ସଙ୍ଗଠନ ଏହି ଅଞ୍ଚଳରୁ ସୃଷ୍ଟି ହୋଇଛନ୍ତି। ହମାସ ଏଭଳି ଏକ ସଙ୍ଗଠନ। ଏହାର ଟାର୍ଗେଟରେ ସବୁ ବେଳେ ଇସ୍ରାଏଲ ରହିଆସିଛି। ଇସ୍ରାଏଲର ସମୃଦ୍ଧି ଏବଂ ସଫଳତାକୁ ହମାସ ସହ୍ୟ କରିପାରେନି। ଏହାକୁ ବରବାଦ କରିବା ଏବଂ ଶୁଟ କରିବା ପାଇଁ ହମାସ ଜନ୍ମ ନେଇଛି। ଗତ ବର୍ଷ ହମାସ ବିନା କାରଣରେ ଇସ୍ରାଏଲରେ ପ୍ରବେଶ କରି ନିରୀହ ଲୋକଙ୍କୁ ହତ୍ୟା କରିବା ପରେ ଇସ୍ରାଏଲ ଏହାର ପ୍ରତିଶୋଧ ନେବାକୁ ଗାଜା ଷ୍ଟ୍ରିପ ଉପରେ ଆକ୍ରମଣ କଲା। ଏବେ ବି ଏହି ଆକ୍ରମଣ ଜାରି ରହିଛି। ଗାଜା ଷ୍ଟ୍ରିପ ଏକ ପ୍ରକାର ଧ୍ୱଂସସ୍ତୁପରେ ପରିଣତ ହୋଇଛି। ଅନେକ ଗାଜା ଉପରେ ଇସ୍ରାଏଲର ଆକ୍ରମଣ ପାଇଁ ଏହାକୁ ନିନ୍ଦା କରୁଛନ୍ତି। କିନ୍ତୁ ସେମାନେ ହମାସର ବର୍ବରତା ନେଇ ନିରବ। ଗାଜା ଉପରେ ଇସ୍ରାଏଲ ଆକ୍ରମଣ ପରେ ହମାସ ସମର୍ଥନରେ ଅନେକ ମୌଳବାଦୀ ସଙ୍ଗଠନ ବାହାରିଲେ। ଇରାନ ଖୋଲାଖୋଲି ଭାବେ ହମାସକୁ ସମର୍ଥନ କରୁଥିବା ବେଳେ ଏହାର ସମର୍ଥନରେ ଚାଲିଥିବା ହେଜବୁଲ୍ଲା ଇସ୍ରାଏଲ ଉପରେ ଆକ୍ରମଣ କରିଛି। ଲେବାନନ ହେଉଛି ହେଜବୁଲ୍ଲାର ମୁଖ୍ୟ କେନ୍ଦ୍ର ଯାହା ଇସ୍ରାଏଲ ସେନାକୁ ଲାଗିଛି। ଗାଜା ଉପରେ ଇସ୍ରାଏଲ ଆକ୍ରମଣ ପରେ ହେଜବୁଲ୍ଲା ପକ୍ଷରୁ ଲେବାନନରୁ ଇସ୍ରାଏଲ ଉପରେ ରକେଟ ମାଡ଼ ଆରମ୍ଭ ହେଲା। ଏବେ ଇସ୍ରାଏଲ ଏବଂ ହେଜବୁଲ୍ଲା ମଧ୍ୟରେ ଯୁଦ୍ଧ କେନ୍ଦ୍ରୀଭୂତ ହୋଇଛି। ଗତ ସପ୍ତାହକ ମଧ୍ୟରେ ଇସ୍ରାଏଲର ରକେଟ ମାଡ଼ରେ ଲେବାନନରେ ୬୦୦ରୁ ଅଧିକ ପ୍ରାଣ ହରାଇଛନ୍ତି। ସେମାନଙ୍କ ମଧ୍ୟରେ ହେଜବୁଲ୍ଲାର ଅନେକ ଟପ କମାଣ୍ଡର ଅଛନ୍ତି। ହେବୁଲ୍ଲାର ଅନେକ ଗୁପ୍ତ ଆଡ୍ଡା ଏବଂ ଅସ୍ତ୍ରାଗାର ଧ୍ୱଂସ ପାଇଛି। ଗତ ଶୁକ୍ରବାର ରାତିରେ ବିରୁଟ ଉପରେ ଇସ୍ରାଏଲ ସେନାର ରକେଟ ମାଡ଼ରେ ହେଜବୁଲ୍ଲା ସଙ୍ଗଠନର ମୁଖ୍ୟ ହସନ ନସରଲ୍ଲା ନିହତ ହୋଇଛି। ୬୪ ବର୍ଷ ବୟସ୍କ ନସରଲ୍ଲା ଗତ ୩୨ ବର୍ଷ ହେବ ଏହି ସଙ୍ଗଠନର ମୁଖ୍ୟ ଥିଲା ଏବଂ ଆତଙ୍କରାଜ ଚଳାଇଥିଲା। ଇସ୍ରାଏଲ ଆକ୍ରମଣରେ ହେଜବୁଲ୍ଲାର ଅନେକ ଟପ ନେତା ପ୍ରାଣ ହରାଇଛନ୍ତି। ସଙ୍ଗଠନ ଏକପ୍ରକାର ନେତୃତ୍ୱ ହୀନ ହୋଇଯାଇଛି। ଇସ୍ରାଏଲର ଗୁପ୍ତଚର ବାହିନୀ ବିଶ୍ୱରେ ସର୍ବଶ୍ରେଷ୍ଠ। ଟେକ୍ନୋଲୋଜି ପ୍ରୟୋଗରେ ମଧ୍ୟ ଏହା ବିଶ୍ୱରେ ସର୍ବଶ୍ରେଷ୍ଠ। ହେଜବୁଲ୍ଲାର ଗୁପ୍ତ ଆଡ୍ଡା, ଅସ୍ତ୍ରାଗାର କେଉଁଠି ରହିଛି, ଏହାର ଟପ ନେତାମାନେ କେଉଁଠି ଲୁଚି ରହିଛନ୍ତି ସେଥିନେଇ ସଠିକ ତଥ୍ୟ ସଂଗ୍ରହ କରିବା ପରେ ଇସ୍ରାଏଲ ଜଣ ଜଣ କରି ସବୁ ଟପ ନେତାଙ୍କୁ ଖଲାସ କରିଛି। ହେଜବୁଲ୍ଲାର ମେରୁଦଣ୍ଡ ଭାଙ୍ଗି ଦେଇଛି। କିନ୍ତୁ ଜଣେ ନେତା ବା ସଙ୍ଗଠନର ପ୍ରତିଷ୍ଠାତା ନିହତ ହେଲେ ଏହା ନିର୍ମୂଳ ହୋଇଯିବ ନାହିଁ। ଏହା କିଛି ଦିନ ପାଇଁ ଦୁର୍ବଳ ହୋଇଯାଇପାରେ। କିନ୍ତୁ ଏହା ବିଲୁପ୍ତ ହେବ ବୋଲି ଭାବିବା ମୂଲ। କାରଣ ହେଜବୁଲ୍ଲା ଯେଉଁ ଚିନ୍ତାଧାରା ନେଇ ଗଠିତ ହୋଇଛି ତାହା ନଷ୍ଟ ହୋଇଛି। ଏହାର ମଞ୍ଜି ରହିଛି। କାଲି ତାହା ପୁଣି ମହାଦ୍ରୁମରେ ପରିଣତ ହୋଇପାରେ। ହମାସ ଓ ହେଜବୁଲ୍ଲାର ସମର୍ଥକ ଇରାନ ଏବଂ ଅନ୍ୟ ଇସଲାମିକ ମୌଳବାଦୀ ରାଷ୍ଟ୍ରମାନେ ଏଭଳି ସଙ୍ଗଠନକୁ ବଞ୍ଚାଇ ରଖିଛନ୍ତି। ବିଶ୍ୱରେ ଆତଙ୍କ ସୃଷ୍ଟି କରିବା, ପଶୁବଳ ଦ୍ୱାରା କ୍ଷମତା ଦଖଲ, ଲୁଟ ଏବଂ ସଭ୍ୟତା ବିରୋଧୀ କାର୍ଯ୍ୟ କରିବା ହେଉଛି ଏସବୁ ସଙ୍ଗଠନର ନୀତି, ଆଦର୍ଶ ଏବଂ ଲକ୍ଷ୍ୟ। ଯେଉଁମାନେ ଇସ୍ରାଏଲକୁ ସମାଲୋଚନା କରୁଛନ୍ତି ସେମାନେ ପରୋକ୍ଷରେ ଇସଲାମିକ ମୌଳବାଦକୁ ସମର୍ଥନ କରୁଛନ୍ତି। ବାସ୍ତବରେ ଇସ୍ରାଏଲକୁ ସବୁ ସଭ୍ୟ, ଗଣତାନ୍ତ୍ରିକ ରାଷ୍ଟ୍ର ସମର୍ଥନ କରିବା ଉଚିତ। ଆତଙ୍କବାଦକୁ ସମ୍ପୂର୍ଣ୍ଣ ନିର୍ମୂଳ କରିବାରେ ଇସ୍ରାଏଲକୁ ସବୁ ଗଣତାନ୍ତ୍ରିକ ରାଷ୍ଟ୍ର ସହଯୋଗ କରିବା ଉଚିତ।

ସୁପ୍ରିମକୋର୍ଟଙ୍କ ପ୍ରଦୂଷଣ ଚିନ୍ତା

ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଶୀତଦିନ ଆରମ୍ଭ ହେବା ପୂର୍ବରୁ ଦିଲ୍ଲୀରେ ବାୟୁ ପ୍ରଦୂଷଣ ବଢ଼ିବା ଆରମ୍ଭ କରିଛି। ଏଥିନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ ହେବା ସହିତ ଏହାର ମୁକିବଲାଶ ନିମନ୍ତେ କ'ଣ ପଦକ୍ଷେପ ନେଇଛ ବୋଲି ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ପ୍ରଶ୍ନ କରିଛନ୍ତି। କାରଣ ହେଲା ପଞ୍ଜାବ ଭଳି ଉତ୍ତର-ପଶ୍ଚିମ ଭାରତର କିଛି କୃଷି ସମୃଦ୍ଧ ରାଜ୍ୟର ଚାଷୀମାନେ ଜମିରେ ବ୍ୟାପକ ଭାବେ କୃଷି ବର୍ଜ୍ୟ ବସ୍ତୁ ବା ନଡ଼ା ଜାଳିବା କାରଣରୁ ସେଠାରୁ ନିର୍ଗତ ଧୂଆଁ ପବନରେ ଭାସି ଆସି ଦିଲ୍ଲୀର ବାୟୁ ପ୍ରଦୂଷଣକୁ ବୃଦ୍ଧି କରୁଛି। ଏମିତି ଶୀତଦିନେ କୁହୁଡ଼ି ପରିଲକ୍ଷିତ ହୋଇଥାଏ। ଦିଲ୍ଲୀରେ ଯେଉଁ ପେଟ୍ରୋଲ ବା ଡିଜେଲ ଚାଳିତ ଗାଡ଼ି ଚାଲୁଛି ଏବଂ ଦିଲ୍ଲୀ ଉପକଣ୍ଠରେ ଥିବା କଳକାରଖାନାରୁ ଧୂଆଁ ନିର୍ଗତ ହେଉଛି ତାହା ଦିଲ୍ଲୀର ବାୟୁମଣ୍ଡଳକୁ ବିଷାକ୍ତ କରୁଛି। ଶିତଦିନେ ଏହା କୁହୁଡ଼ି ଯୋଗୁଁ ବାୟୁମଣ୍ଡଳର ଅଧିକ ଉପରକୁ ଯାଇପାରେ ନାହିଁ। ଏହା ସହିତ ଶୀଦିନେ ସବୁସ୍ଥାନରେ ନିର୍ମାଣ କାର୍ଯ୍ୟ ଅଧିକ ହୋଇଥାଏ। ନିର୍ମାଣ କାର୍ଯ୍ୟ ଯୋଗୁଁ ମଧ୍ୟ ବାୟୁ ମଣ୍ଡଳରେ ଧୂଳିକଣାର ମାତ୍ରା ବୃଦ୍ଧି ପାଇଥାଏ। ଏସବୁ ମିଶି ଦିଲ୍ଲୀର ପ୍ରଦୂଷଣମାତ୍ରାକୁ ଅତି ମାତ୍ରାରେ ବୃଦ୍ଧି କରୁଛି। ଏଥିପାଇଁ ରାଜଧାନୀ ଦିଲ୍ଲୀର ବିଶ୍ୱର ସବୁଠାରୁ ଅଧିକ ପ୍ରଦୂଷିତ ନଗରୀ ମଧ୍ୟରୁ ଅନ୍ୟତମ ଭାବେ ପରିଗଣିତ ହେଉଛି। ପରିସ୍ଥିତି ଏବେ ଏପରି ହୋଇଛି ଯେ, ସରକାର ଦିଲ୍ଲୀରେ ପ୍ରାଥମିକ ସ୍କୁଲ ବନ୍ଦ କରିଛନ୍ତି। ଦିଲ୍ଲୀରେ ପ୍ରତିବର୍ଷ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ଏଭଳି ପରିସ୍ଥିତି ଜାରି ରହୁଛି। ଏହାର ତତ୍କାଳ ମୁକାବିଲା ନିମନ୍ତେ କିଛି ପଦକ୍ଷେପ ନିଆଯାଉଛି। କିନ୍ତୁ ଏହା ସ୍ଥାୟୀ ସମାଧାନ ପନ୍ଥା ନୁହେଁ। ବାୟୁ ପ୍ରଦୂଷଣ ରୋକିବାକୁ ଅନେକ ସମୟରେ ଦିଲ୍ଲୀରେ ଗାଡ଼ି ଚଳାଚଳରେ ଅଡ଼ ଇଭିନ ନିୟମ କାର୍ଯ୍ୟକାରୀ କରାଯାଏ। ସବୁ ଦିନ ସବୁ ଗାଡ଼ି ଚାଲେ ନାହିଁ। ନମ୍ବର ଆଧାରରେ ଦିନେ ଛାଡ଼ି ଦିନେ ଗାଡ଼ି ଚାଲିଥାଏ। ଇତିମଧ୍ୟରେ ଦିଲ୍ଲୀରେ ଇଭି ଏବଂ ସିଏନଜି ଚାଳିତ ଗାଡ଼ି ସଂଖ୍ୟା ବୃଦ୍ଧି ପାଇଛି। ଡିଜେଲ ଚାଳିତ ଗାଡ଼ି ସଂଖ୍ୟା ଅନେକାଂଶରେ ହ୍ରାସ ପାଇଛି। ଶୀଘ୍ର ଦିଲ୍ଲୀରେ ଡିଜେଲ ଚାଳିତ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହେବାକୁ ଯାଉଛି। କାରଣ ଏହା ଜନସ୍ୱାସ୍ଥ୍ୟ ପ୍ରତି ଗୁରୁତର ବିପଦ ସୃଷ୍ଟି କରୁଛି। ବାୟୁ ପ୍ରଦୂଷଣ ଯୋଗୁଁ ଦିଲ୍ଲୀରେ ଫୁସଫୁସ ଜନିତ ରୋଗରେ ଆକ୍ରାନ୍ତଙ୍କ ସଂଖ୍ୟା ଅସ୍ୱାଭାବିକ ଭାବେ ବୃଦ୍ଧି ପାଇଛି। ୨୦୨୧ରେ ଡେଲଟା ଭାଇରସ ଯେତେବେଳେ ସକ୍ରିୟ ହେଲା ଏବଂ କୋଭିଡ ମହାମାରୀର ଦ୍ୱିତୀୟ ଲହର ଆସିଲା ସେତେବେଳେ ଦିଲ୍ଲୀରେ ପୋକ ମାଛି ଭଳି ଲୋକେ ପ୍ରାଣ ହରାଇଲେ। ଏହାର କାରଣ ହେଲା ଦିଲ୍ଲୀର ବାୟୁ ପ୍ରଦୂଷଣ। ଏହି କାରଣରୁ ଦିଲ୍ଲୀରେ ମହାମାରୀ ସଂକ୍ରମଣ ଅଧିକ ହେଲା। କିଛି ବର୍ଷ ତଳେ ଦିଲ୍ଲୀର ଫିରୋଜ ଶାହା କୋଟଲା ଗ୍ରାଉଣ୍ଡରେ ଭାରତ-ଶ୍ରୀଲଙ୍କା ଟେଷ୍ଟ ମ୍ୟାଚ ଚାଲୁଥିବା ବେଳେ ବାୟୁ ପ୍ରଦୂଷଣ ମାତ୍ରା ଏତେ ଅଧିକ ଲୋ ଯେ, ଖେଳ ଅଧାରୁ ବନ୍ଦ ରଖିବାକୁ ପଡ଼ିଲା। ଅନେକ ଶ୍ରୀଲଙ୍କା ଖେଳାଳୀ ଅସୁସ୍ଥ ହୋଇ ବାନ୍ତି କଲେ। ଭାରତ ପାଇଁ ଏହା ଥିଲା ଏକ ଲଜ୍ଜାର ବିଷୟ। ଦେଶର ରାଜଧାନୀରେ ଯଦି ଏଭଳି ପରିସ୍ଥିତି ତେବେ ଅନ୍ୟ ସ୍ଥାନରେ କିଭଳି ପରିସ୍ଥିତି ହୋଇଥିବା ତାହା ଅନୁମାନ ଯୋଗ୍ୟ। ଏଥିପାଇଁ ପଞ୍ଜାବରେ ନଡ଼ା ଜାଳିବା ଉପରେ କଟକଣା ଜାରି ହୋଇଥିଲା। କିନ୍ତୁ ଏହା ବିରୋଧରେ ପଞ୍ଜାବର ଚାଷୀମାନେ ଆନ୍ଦୋଳନ କରିବା ହେତୁ ଏହା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଏହା ହେଉଛି ଆମ ଦେଶରେ ରାଜନୀତିର କୁପ୍ରଭାବ। ନଡ଼ା ନଜାଳିବା ଲାଗି ଚାଷୀଙ୍କୁ ପର୍ଯ୍ୟାପ୍ତ କ୍ଷତିପୂରଣ ଦିଆଗଲେ ମଧ୍ୟ ସେମାନେ ଏହାକୁ ଗ୍ରହଣ କଲେ ନାହିଁ। କିଛି ଚାଷୀ ନିୟମ ଅମାନ୍ୟ କରି ଗିରଫ ହେଲେ। କିନ୍ତୁ ଶେଷରେ ଚାଷୀ ଆନ୍ଦୋଳନ ଆଗରେ ସରକାର ମୁଣ୍ଡ ନୁଆଁଇଲେ ଏବଂ ଗିରଫ ଚାଷୀଙ୍କୁ ମୁକ୍ତ କରିବା ସହ ମାମଲା ପ୍ରତ୍ୟାହାର କଲେ ଏବଂ ଆଇନ ପ୍ରତ୍ୟାହାର କଲେ। ଏହା ହେଉଛି ଆମ ଦେଶର ଦୁର୍ଭାଗ୍ୟ। ଦେଶର ବୃହତ୍ତର ସ୍ୱାର୍ଥ ରକ୍ଷା ନିମନ୍ତେ କେହି ବ୍ୟକ୍ତିଗତ ସ୍ୱାର୍ଥ ତ୍ୟାଗ କରିବାକୁ ପ୍ରସ୍ତୁତ ନାହାନ୍ତି। ଦିଲ୍ଲୀ ବାୟୁ ପ୍ରଦୂଷଣର ଏହା ହେଉଛି ମୁଖ୍ୟ କାରଣ। ଏହାର ନିରାକରଣ ବା ସ୍ଥାୟୀ ପ୍ରତିକାର ନିମନ୍ତେ ସରକାରଙ୍କୁ କଠୋର ହେବାକୁ ପଡ଼ିବ। ନଚେତ ଦିଲ୍ଲୀ ମହାନଗରୀ ଏକ ପରିତ୍ୟକ୍ତ ସହରରେ ପରିଣତ ହେବ। ଚଳିତ ବର୍ଷ ଶୀତଦିନ ଆରମ୍ଭରୁ ଏଥିଲାଗି ପଦକ୍ଷେପ ନିଆଗଲେ ତାହାର ସୁଫଳ ମିଳିବ। ନଚେତ ପରିସ୍ଥିତି ଅପରିବର୍ତ୍ତିତ ରହିବ।

ରେଳ ମାନଚିତ୍ରରେ ଓଡ଼ିଶା

ବିଦ୍ୟାସାଗର ମହାପାତ୍ର

ସ୍ୱାଧୀନତାର ଷାଠିଏ ବର୍ଷ ପର୍ଯ୍ୟନ୍ତ ଓଡ଼ିଶାରେ ରେଳ ବିକାଶ କେବଳ ନାମକୁ ମାତ୍ର ଥିଲା। ପ୍ରତି ବର୍ଷ ରେଳ ବଜେଟରେ ଓଡ଼ିଶା ପ୍ରତି ଅନୁଦାନ ଅତି ନଗଣ୍ୟ ରହିଥିଲା। କିନ୍ତୁ ଓଡ଼ିଶା ରେଳବାଇକୁ ସର୍ବାଧିକ ରାଜସ୍ୱ ପ୍ରଦାନ କରିଥାଏ। କାରଣ ଓଡ଼ିଶା ଏକ ଖଣି ସମୃଦ୍ଧ ରାଜ୍ୟ ଏବଂ ଓଡ଼ିଶାରୁ ପ୍ରତି ବର୍ଷ ବିପୁଳ ପରିମାଣର ଖଣିଜ ସାମଗ୍ରୀ ରେଳ ଦ୍ୱାରା ପରିବହନ ହୋଇଥାଏ ଯାହା ରେଳବାଇର ରାଜସ୍ୱ ସଂଗ୍ରହରେ ବଡ଼ ଭୂମିକା ନେଇଥାଏ। କିନ୍ତୁ କେବଳ ଦୁର୍ବଳ ନେତୃତ୍ୱ ଯୋଗୁଁ ଓଡ଼ିଶାରେ ରେଳ ବିକାଶ ଅନ୍ୟ ରାଜ୍ୟ ତୁଳନାରେ ହୋଇ ପାରିନାହିଁ। ବିଶେଷ କରି କେନ୍ଦ୍ରରେ କଂଗ୍ରେସ ଶାସନ କାଳରେ ଓଡ଼ିଶାକୁ କେବେ ବି ନ୍ୟାୟ ମିଳିନି। କେନ୍ଦ୍ରରେ ଯେତେବେଳେ ଅଣ କଂଗ୍ରେସ ସରକାର ପ୍ରତିଷ୍ଠା ହୋଇଛି, ସେତେବେଳେ ଓଡ଼ିଶାରେ ରେଳ ବିକାଶ ହୋଇଛି। ମୋରାରଜୀ ଦେଶାଇ, ଭି ପି ସିଂହ, ଚନ୍ଦ୍ରଶେଖର, ଦେବଗୌଡ଼ା ସରକାର ସ୍ୱଳ୍ପ ସମୟ ପାଇଁ ପ୍ରତିଷ୍ଠିତ ହୋଇଥିଲେ ମଧ୍ୟ ସେହି ସମୟରେ ଓଡ଼ିଶାକୁ ରେଳ ବଜେଟରେ ଅଧିକ ଅନୁଦାନ ମିଳିଛି। ବାଜପେୟୀଙ୍କ ସମୟରେ ମଧ୍ୟ ଓଡ଼ିଶାରେ ରେଳବିକାଶ ତ୍ୱରାନ୍ୱିତ ହୋଇଛି। ୨୦୧୪ରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ରରେ ବିଜେପି କ୍ଷମତାକୁ ଆସିବା ପରେ ଓଡ଼ିରେ ରେଳବିକାଶ ବାସ୍ତବରେ ତ୍ୱରାନ୍ୱିତ ହୋଇଛି। ପ୍ରତି ବର୍ଷ ଓଡ଼ିଶାକୁ ରେଳ ବଜେଟରେ ଅଧିକ ଅର୍ଥ ମିଳୁଛି। ଯଦି ଏହାର ସଦୁପଯୋଗ ଆଉ ଟିକେ ଭଲଭାବେ ହୋଇପାରନ୍ତା ତେବେ ରାଜ୍ୟର ଚିତ୍ର ବଦଳି ଯାଆନ୍ତା।

ସ୍ୱାଧୀନତା ପୂର୍ବରୁ ତତ୍କାଳୀନ ବ୍ରିଟିଶ ସରକାର ଓଡ଼ିଶାରେ ରେଳବାଇର ଭିତ୍ତି ପକାଇଥିଲେ। ସେତେବେଳେ କିଛି ରାଜା ମହାରାଜା ମଧ୍ୟ ନିଜ ଉଦ୍ୟମରେ ଓଡ଼ିଶାରେ ରେଳବାଇର ଉନ୍ନତି ନିମନ୍ତେ କିଛି ଉଦ୍ୟମ କରିଥିଲେ। କିନ୍ତୁ ସ୍ୱାଧୀନତା ପରେ ଭାରତ ସରକାର ଏହାକୁ ତ୍ୱରାନ୍ୱିତ କରିଥିଲେ। ଓଡ଼ିଶାରେ ମଧ୍ୟ ରେଳବିକାଶ ତ୍ୱରାନ୍ୱିତ ହୋଇଥିଲା। କିନ୍ତୁ ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ଆନ୍ଧ୍ର, ତାମିଲନାଡୁ ଓ ୟୁପି ଭଳି ଓଡ଼ିଶାରେ ରେଳବ ବିକାଶ ହୋଇପାରିନଥିଲା। ଯାହା କିଛି ହୋଇଥିଲା ତାହା ଏଥିପାଇଁ ହୋଇଥିଲା ଯେ, କୋଲକାତା ଓ ଚେନ୍ନାଇ ମଧ୍ୟରେ ରେଳ ସଂଯୋଗ ଓଡ଼ିଶା ମଧ୍ୟ ଦେଇ ଯାଇଛି। ଓଡ଼ିଶାରେ ବିପୁଳ ଖଣିଜ ସମ୍ପଦ ଥିବାରୁ ଏହାର ପରିବହନ ନିମନ୍ତେ କିଛି ରେଳ ଲାଇନ ପ୍ରତିଷ୍ଠା ହୋଇଥିଲା। କିନ୍ତୁ ସ୍ୱାଧୀନତାର ୫୦ ବର୍ଷ ପର୍ଯ୍ୟନ୍ତ ରାଜ୍ୟର ଅନେକ ଜିଲ୍ଲାରେ ରେଳ ଲାଇନ ନଥିଲା। ସେତେବେଳେ ଓଡ଼ିଶା ଦକ୍ଷିଣ ପୂର୍ବ ରେଳପଥ ମଧ୍ୟରେ ଯାଉଥିଲା। ଏହାର ମୁଖ୍ୟାଳୟ କୋଲକାତାରେ ଅବସ୍ଥିତ। ତେଣୁ ଦକ୍ଷିଣ ପୂର୍ବ ରେଳବାଇର ସର୍ବାଧିକ ବିକାଶ ସେହି ସମୟରେ ପଶ୍ଚିମବଙ୍ଗରେ ହୋଇଛି। ଓଡ଼ିଶାକୁ ସେତେବେଳେ କେହି ଗୁରୁତ୍ୱ ଦେଉନଥିଲେ। ସ୍ୱାଧୀନତାର ପରବର୍ତ୍ତୀ ୫୦ ବର୍ଷ ପର୍ଯ୍ୟନ୍ତ କେନ୍ଦ୍ରରେ ମୁଖ୍ୟତଃ କଂଗ୍ରେସ କ୍ଷମତାରେ ଥିଲା। ସେତେବେଳେ କଂଗ୍ରେସ ହାଇକମାଣ୍ଡ ରାଜନୈତିକ ଦୃଷ୍ଟିରୁ ଓଡ଼ିଶାକୁ ଗୁରୁତ୍ୱ ଦେଉନଥିଲେ। ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ଓ ନେତୃତ୍ୱର ଅଭାବ ଏହାର ଏକ ବଡ଼ କାରଣ ହୋଇପାରେ। ତେବେ ଓଡ଼ିଶାରେ ବଡ଼ ବଡ଼ ନଗରୀ ନଥିବାରୁ, ରାଜ୍ୟରେ ବୃହତ ଶିଳ୍ପ ଓ ବନ୍ଦର ଅଭାବ ମଧ୍ୟ ସେତେବେଳେ ରେଳବାଇ କ୍ଷେତ୍ରରେ ଓଡ଼ିଶାକୁ ଅବହେଳାର ଏକ ପ୍ରମୁଖ କାରଣ ହୋଇପାରେ। କିନ୍ତୁ କେନ୍ଦ୍ରରେ ଯେତେବେଳେ ଅଣକଂଗ୍ରେସ ସରକାର ପ୍ରତିଷ୍ଠା ହୋଇଛି ସେତେବେଳେ ଓଡ଼ିଶା ପ୍ରତି ଅପେକ୍ଷାକୃତ ଅଧିକ ଅନୁଦାନ ଏବଂ ନ୍ୟାୟ ମିଳିଛି। ଏଚ ଡି ଦେବଗୌଡ଼ାଙ୍କ ସରକାର ସମୟରେ ଦେଶରେ ଏକାଧିକ ନୂଆ ରେଳଜୋନ ପ୍ରତିଷ୍ଠା ହେଲା। ମମତା ବାନାର୍ଜୀ ରେଳମନ୍ତ୍ରୀ ଥିବା ବେଳେ ଏହାକୁ ହୀନ ଉଦ୍ଦେଶ୍ୟ ରଖି ଚାପି ରଖିଥିଲେ। କିନ୍ତୁ ନୀତିଶ କୁମାର ରେଳମନ୍ତ୍ରୀ ହେବା ପରେ ଓଡ଼ିଶାରେ ପୂର୍ବତଟ ରେଳଜୋନ ପ୍ରତିଷ୍ଠା ହୋଇଥିଲା। ଏହା ଥିଲା ଓଡ଼ିଶାରେ ରେଳବିକାଶରେ ସବୁଠାରୁ ବଡ଼ ପଦକ୍ଷେପ। ଏଥିରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କର ଅବଦାନ ଥିଲା ସର୍ବାଧିକ।



ଦେବଗୌଡ଼ା ଏବଂ ଗୁଜରାଲ ସରକାରର ପତନ ଅତି ଶୀଘ୍ର ହୋଇଗଲା। କିନ୍ତୁ ପରବର୍ତ୍ତୀ ସମୟରେ କେନ୍ଦ୍ରରେ ଯେତେବେଳେ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱରେ ଏନଡିଏ ସରକାର ପ୍ରତିଷ୍ଠା ହେଲା ସେତେବେଳେ ଓଡ଼ିଶାରେ ରେଳବିକାଶର ରାସ୍ତା ଖୋଲିଗଲା। ମନମୋହନ ସିଂହ ସରକାର ସମୟରେ କିନ୍ତୁ ଓଡ଼ିଶାରେ ରେଳବିକାଶ ପୁଣି ପଛରେ ପଡ଼ିଗଲା। ଏବେ କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏନଡିଏ ପୁଣି କ୍ଷମତାକୁ ଫେରିବା ପରେ ଓଡ଼ିଶାରେ ରେଳବିକାଶ ତ୍ୱରାନ୍ୱିତ ହୋଇଛି। ଅନେକ ନୂଆ ରେଳଲାଇନ ପ୍ରତିଷ୍ଠା ହୋଇଛି। ଅନେକ ରେଳଲାଇନର ଦୋହରୀକରଣ କରାଯାଇଛି। ପାରାଦ୍ୱୀପ ଓ ଧାମରା ଭଳି ବନ୍ଦରକୁ ନୂଆ ରେଳଲାଇନ ସହ ଅଧିକ ଟ୍ରେନ ଚଳାଚଳ ହୋଇଛି। କଳାହାଣ୍ଡି ଓ କୋରାପୁଟ ଭଳି କିଛି ପଛୁଆ ଜିଲ୍ଲାରେ ଟ୍ରେନ ଗଡ଼ିଲାଣି। ଖୋର୍ଦ୍ଧା-ବଲାଙ୍ଗୀର ରେଳ ଲାଇନ ନିର୍ମାଣ ତ୍ୱରାନ୍ୱିତ ହୋଇଛି ଏବଂ ଖୋର୍ଦ୍ଧାରୋଡରୁ ନୟାଗଡ଼ ଜିଲ୍ଲାକୁ ଟ୍ରେନ ଚାଲିଲାଣି। ହରିଦାସପୁର-ପାରାଦ୍ୱୀପ ଭାୟା କେନ୍ଦ୍ରାପଡ଼ା ଟ୍ରେନ ଚାଲିଲାଣି। ଫଳରେ ଏସବୁ ଜିଲ୍ଲାବାସୀଙ୍କ ବହୁ ଦିନର ସ୍ୱପ୍ନ ସାକାର ହୋଇଛି ଏବଂ ସେସବୁ ଅଞ୍ଚଳର ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଆହୁରି ଅନେକ ରେଳପ୍ରକଳ୍ପ କାମ ଆଗେଇ ଚାଲିଛି। ଅନେକ ନୂଆ ଷ୍ଟେସନ ପ୍ରତିଷ୍ଠା ସହ ପୁରୁଣା ରେଳଷ୍ଟେସନର ଉନ୍ନତିକରଣ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମ କ୍ରମେ ପୁରୀକୁ ନବକଳେବର ସମୟରେ ଡବଲ ଲାଇନ ସମ୍ଭବ ହୋଇପାରିଛି। ଅବଶ୍ୟ ଏବେ ବି ଅନେକ ପ୍ରକଳ୍ପ ଅଧାପନ୍ତରିଆ ହୋଇ ପଡ଼ି ରହିଛି ଏବଂ ଅନେକ ପ୍ରସ୍ତାବ କେବଳ କାଗଜକଲମରେ ରହିଛି। ଏହାକୁ ତ୍ୱରାନ୍ୱିତ କରିବାକୁ ପଡ଼ିବ। ରେଳବିକାଶ ଏକ କ୍ରମାଗତ ପ୍ରକ୍ରିୟା। ଗୋଟିଏ ବର୍ଷରେ ସବୁ କିଛି ସମ୍ଭବ ନୁହେଁ। କିନ୍ତୁ ଏହା କ୍ରମାଗତ ଭାବେ ଜାରି ରହିଲେ ଆଗାମୀ ୧୦ ବର୍ଷ ଭିତରେ ରେଳମାନଚିତ୍ରରେ ଓଡ଼ିଶାର ଚିତ୍ର ବଦଳିଯିବ ବୋଲି ଆଶା କରାଯାଇପାରେ। ନରସିଂହ ରାଓଙ୍କ ସମୟରେ ଓଡ଼ିଶାର କାହ୍ନୁ ଚରଣ ଲେଙ୍କା କେନ୍ଦ୍ରରେ ରେଳ ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ। ତାଙ୍କ ସମୟରେ ଓଡ଼ିଶାରେ ରେଳବିକାଶ କିଛିଟା ତ୍ୱରାନ୍ୱିତ ହୋଇଥିଲା। ଏବେ ଓଡ଼ିଶାର ଆଉ ଜଣେ ନେତା ଅଶ୍ୱିନୀ ବୈଷ୍ଣବ ରେଳବାଇର କ୍ୟାବିନେଟ ମନ୍ତ୍ରୀ ହୋଇଛନ୍ତି। ବିଗତ ୩ ବର୍ଷ ହେବ ଓଡ଼ିଶାକୁ ରେଳ ବିକାଶ ନିମନ୍ତେ ବଜେଟରେ ୧୦ହଜାର କୋଟି ଟଙ୍କାରୁ ଅଧିକ ମିଳିଛି।

କିନ୍ତୁ କେବଳ ବଜେଟରେ ଅଧିକ ବ୍ୟୟ ବରାଦ କରିଦେଲେ ହେବ ନାହିଁ। ଏହାର ସୁବିନିଯୋଗ ହେବା ଉଚିତ। ଠିକଣା ସମୟରେ ଅର୍ଥ ବ୍ୟୟ ହେବା ଉଚିତ। ତାହା ହେଲେ ପରବର୍ଷ ଅଧିକ ଅର୍ଥ ବରାଦ ନିମନ୍ତେ ଦାବିର ଯଥାର୍ଥତା ରହିବ। ଗତ ବର୍ଷ ଏହି ରେଳଲାଇନ ନିମନ୍ତେ ଯେତିକି ଅର୍ଥ ବରାଦ ହୋଇଥିଲା ତାହା ଏଯାବତ ଖର୍ଚ୍ଚ ହୋଇନାହିଁ। ଆଶା କରାଯାଉଛି ଏହା ତ୍ୱରାନ୍ୱିତ ହେବ ଏବଂ ୨୦୨୬ ସୁଦ୍ଧା ଏହି ରେଳଲାଇନ କାମ ସମ୍ପୂର୍ଣ୍ଣ ହୋଇଯିବ। ଚଳିତ ବର୍ଷ ବଜେଟରେ ଓଡ଼ିଶାକୁ ଯେଉଁସବୁ ପ୍ରକଳ୍ପ ବାବଦରେ ବିପୁଳ ଅନୁଦାନ ମିଳିଛି ତାହାର ଯଥାର୍ଥ ବିନିଯୋଗ ଆବଶ୍ୟକ। ଏବେ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଚାଲିଛି। ଏବେ ଯଦି ସ୍ଥିତି ବଦଳିବ ନାହିଁ, ତେବେ ଆଗାମୀ ୧୦୦ ବର୍ଷ ପର୍ଯ୍ୟନ୍ତ ସ୍ଥିତିରେ ପରିବର୍ତ୍ତନ ଆସିବା ସମ୍ଭବ ହେବ ନାହିଁ।

ବେତନଟୀ, ମୟୂରଭଞ୍ଜ

ଓଡିଶାର ପ୍ରଗତିରେ ହରେକୃଷ୍ଣ ମହତାବଙ୍କ ଅତୁଳନୀୟ ଅବଦାନ

ଆଶୁତୋଷ ନାୟକ

ଓଡିଶାର ସର୍ବପ୍ରଥମ ମୁଖ୍ୟମନ୍ତ୍ରୀ, ହରେକୃଷ୍ଣ ମହତାବଙ୍କର ଅସାଧାରଣ ବ୍ୟକ୍ତିତ୍ୱ ଥିଲା। ସେ ମିଷ୍ଟଭାଷୀ ଉଦାର, ନିର୍ଭିକ, ନମ୍ର ସାହିତ୍ୟପ୍ରେମୀ, ସ୍ୱାଧୀନତା ସଂଗ୍ରାମୀ ଏବଂ ଜଣେ ଆଦର୍ଶ ରାଜନେତା ଥିଲେ। ସେ ଓଡିଶାର ଜଣେ ବିଚକ୍ଷଣ ରାଜନୀତିଜ୍ଞ, ଐତିହାସିକ ଓ ସୁଲେଖକ ଭାବେ ପରିଚିତ। ସେ ୧୮୯୯ମସିହା ଆଗରପଡା ରେ (ବର୍ତ୍ତମାନ ଭଦ୍ରକ ଜିଲ୍ଲା ରେ ଅବସ୍ଥିତ) ଏକ ସମ୍ଭ୍ରାନ୍ତ କ୍ଷତ୍ରିୟ ପରିବାରରୁ ଜନ୍ମଗ୍ରହଣ କରିଥିଲେ। ଭାରତର ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ସେ ବହୁବାର କାରାବରଣ କରିଥିଲେ। ବିଭିନ୍ନ ସମୟରେ ବିଭିନ୍ନ ପଦପଦବୀରେ ରହି ବହୁ ଜନହିତକର କାର୍ଯ୍ୟ କରିଯାଇଛନ୍ତି। ତାଙ୍କର ପ୍ରେରଣା ଓ ସମ୍ପାଦନାରେ ପ୍ରଜାତନ୍ତ୍ର, ମୀନାବଜାର, ଝଙ୍କାର ପ୍ରଭୃତି, , ପତ୍ରପତ୍ରିକା କଟକରୁ ପ୍ରକାଶିତ ହେଉଛି। ସମ୍ଭ୍ରାନ୍ତ ପରିବାରରେ ଜନ୍ମ ହୋଇଥିଲେ ମଧ୍ୟ ସେ ସଦାସର୍ବଦା ଜଣେ ସରଳ ନିଷ୍କପଟ, ଉଦାର, ନମ୍ର ରାଜନେତା ଥିଲେ। ଗର୍ବ, ଅହଙ୍କାର ତାଙ୍କୁ ତଳେମାତ୍ର ଛୁଇଁ ପାରିନଥିଲା। ଯାହାକି ଏକବିଂଶ ଶତାବ୍ଦୀର ରାଜନେତା ପାଖରେ ଏହା ପରିଲକ୍ଷିତ ହେଉନାହିଁ। ଭାରତର ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅତୁଳନୀୟ ଅବଦାନ ତାଙ୍କୁ ଉତ୍କଳକେଶରୀର ଆଖ୍ୟା ପ୍ରଦାନ କରିଅଛି।

ନବଉତ୍କଳର ନିର୍ମାତା ରୂପେ ସେ ସୁପ୍ରତିଷ୍ଠିତ। 'ତୁଳସୀ ଦୁଇ ପତ୍ରରୁ ବାସିଲା ପରି' ବାଲ୍ୟ କାଳରୁ ହିଁ ଡକ୍ଟର ହରେକୃଷ୍ଣ ମହତାବଙ୍କ ମନରେ ଦେଶପ୍ରେମର ବହ୍ନି ପ୍ରଜ୍ୱଳିତ ହୋଇଥିଲା। ଦେଶମାତୃକାର ସେବା ପାଇଁ ପାଠପଢ଼ା ଅଧାରୁ ସମାପ୍ତ କରି ଭାରତର ସ୍ୱାଧୀନତା ସଂଗ୍ରାମରେ ସେ ଯୋଗଦେଇଥିଲେ। ସେ ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ। ସେ ୧୯୨୦ ମସିହାରେ ଭାରତୀୟ ଜାତୀୟ କଂଗ୍ରେସର ନାଗପୁର ଓ କୋଲକାତା ଅଧିବେଶନରେ ଯୋଗ ଦେଇଥିଲେ ଏବଂ ଭାରତକୁ ସ୍ୱାଧୀନ କରିବାର ଜିଜ୍ଞାସା ତାଙ୍କ ମନ ମଧ୍ୟରେ ଜାଗ୍ରତ ହୋଇଥିଲା। ସେଥିପାଇଁ ସେ ଭାରତୀୟ ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ। ୧୯୨୧ ମସିହାରେ ଭାରତର ସ୍ୱାଧୀନତା ସଂଗ୍ରାମରେ ସେ ଯୋଗଦେଇଥିଲେ। ସେଥିପାଇଁ ତାଙ୍କୁ ବହୁବାର ଜେଲ୍ ଯିବାକୁ ପଡ଼ିଥିଲା। ୧୯୩୦ ମସିହାରେ ହୋଇଥିବା ଆଇନ ଅମାନ୍ୟ ଆନ୍ଦୋଳନରେ ତାଙ୍କର ଭୂମିକା ଅତୁଳନୀୟ ଥିଲା। ୧୯୩୪ ମସିହାରେ ସେ ଅସ୍ପୃଶ୍ୟତା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ ଏବଂ ଓଡ଼ିଶାର ମନ୍ଦିର ଗୁଡ଼ିକୁ ସବୁ ଲୋକଙ୍କ ପାଇଁ ଖୋଲିବା ପାଇଁ ପଦକ୍ଷେପ ନେଇଥିଲେ। ତାଙ୍କ ପାଖରେ ଧନୀ, ଗରିବ, ଉଚ୍ଚ, ନୀଚ ଜାତିର ଭେଦ ଭାବ ନଥିଲା। ୧୯୩୩ ରୁ ୧୯୩୬ମସିହା ପର୍ଯ୍ୟନ୍ତ ସେ ଓଡ଼ିଶାର ଅଗ୍ରପଡ଼ା ରେ ଥିବା ଗାନ୍ଧୀ କର୍ମମଣ୍ଡଳ ଆଶ୍ରମରେ ହରିଜନ ମାନଙ୍କ ଉନ୍ନତି ନିମନ୍ତେ ଅନେକ କାର୍ଯ୍ୟ କରିଥିଲେ। ୧୯୪୨ ମସିହାରେ ଗାନ୍ଧିଜୀଙ୍କ ନେତୃତ୍ୱରେ ହୋଇଥିବା ଭାରତ ଛାଡ଼ ଆନ୍ଦୋଳନରେ ସେ ଅଂଶଗ୍ରହଣ କରିଥିଲେ ଏବଂ ଇଂରେଜ ମାନଙ୍କୁ ଦୃଢ଼ତାର ସହିତ ବିରୁଦ୍ଧ କରିଥିଲେ। ତେଣୁ ତାଙ୍କୁ ଜେଲ୍ ଯିବାକୁ ପଡ଼ିଥିଲା। ଭାରତର ସ୍ୱାଧୀନତା ସଂଗ୍ରାମରେ ବାରମ୍ବାର ଅଂଶଗ୍ରହଣ କରି ତାଙ୍କୁ ଅନେକ ବାର ଜେଲ୍ ଯିବାକୁ ପଡ଼ିଥିଲା। ଜାତୀୟ ଆନ୍ଦୋଳନରେ ଡକ୍ଟର ହରେକୃଷ୍ଣ ମହତାବଙ୍କୁ ୭ଥର ଜେଲ୍ ଯିବାକୁ ପଡ଼ିଥିଲା। ସେ ଦୀର୍ଘ ୮ ବର୍ଷ ଧରି ଜେଲ୍ ରେ ସମୟ ଅତିବାହିତ କରିଛନ୍ତି। ଭାରତ ଛାଡ଼ ଆନ୍ଦୋଳନରେ ସେ '୧୯୪୨ ରୁ ୧୯୪୫' ମସିହା ପର୍ଯ୍ୟନ୍ତ କାରାଗାରରେ ବନ୍ଦୀ ହୋଇ ରହିଥିଲେ। ଜେଲ୍ ରେ ବନ୍ଦୀ ଥିବା ସମୟରେ ସେ ୩ ଟି ଉପନ୍ୟାସ ଅନେକ କବିତା ଓ ଓଡ଼ିଶାର ଇତିହାସ ଲେଖିଥିଲେ।

୧୯୪୬ ମସିହା ଏପ୍ରିଲ ୨୩ରେ ସେ ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ଅଧିଷ୍ଠିତ ହୋଇଥିଲେ। ଡକ୍ଟର ହରେକୃଷ୍ଣ ମହତାବଙ୍କ ବିରୁଦ୍ଧରେ ବାରମ୍ବାର ଷଡ଼ଯନ୍ତ୍ର କରାଯାଇଥିଲେ ମଧ୍ୟ ନିଜର ଦୃଢ଼ ଇଚ୍ଛାଶକ୍ତି, ନିଷ୍ଠା ନିର୍ଭୀକତା, ତ୍ୟାଗ, ସଚ୍ଚୋଟତା, ନମ୍ରତାକୁ ପାଥେୟ କରି ସେ ସବୁ ଷଡ଼ଯନ୍ତ୍ର କୁ ପଶମିତ କରିପାରିଥିଲେ। ତାଙ୍କ ପାଇଁ ଦଳ, ପଦପଦବୀ ଅପେକ୍ଷା ରାଷ୍ଟ୍ର ସର୍ବୋପରି ଥିଲା। ଦଳୀୟ ସ୍ୱାର୍ଥ ଅପେକ୍ଷା ରାଷ୍ଟ୍ର ତଥା ରାଜ୍ୟର ସ୍ୱାର୍ଥକୁ ସଦାସର୍ବଦା ଗୁରୁତ୍ୱ ଦେଉଥିଲେ ଏଥିରେ ତିଳେମାତ୍ର ସଂନ୍ଦେହର ଅବକାଶ ନାହିଁ। ରାଜନୀତିରେ କୌଣସି ବ୍ୟକ୍ତି କିମ୍ବା କୌଣସି ଦଳର ମହିମାମଣ୍ଡନ କରିବାକୁ ସେ ନାପସନ୍ଦ କରୁଥିଲେ। ସେ ସଦାସର୍ବଦା ଆମ ରାଷ୍ଟ୍ର ତଥା ରାଜ୍ୟର ବିକାଶ ପାଇଁ ଚେଷ୍ଟିତ ଥିଲେ। କ୍ଷମତା, ପଦପଦବୀର ଲାଳସା ତାଙ୍କୁ ଗ୍ରାସ କରି ପାରିନଥିଲା। ସେ ସଦାସର୍ବଦା ଓଡ଼ିଆ ଭାଷା, ସାହିତ୍ୟ, ପରମ୍ପରା, ସଂସ୍କୃତିକୁ ବଜାଇ ରଖିବା ପାଇଁ ଅପ୍ରାଣ ଉଦ୍ୟମ କରୁଥିଲେ। ସେ ଲାଲବାହାଦୁର ଶାସ୍ତ୍ରୀଙ୍କ ଭଳି ଅତି ସରଳ ନିରାଡ଼ମ୍ବର ଜୀବନ ଅତିବାହିତ କରୁଥିଲେ। ଅସହାୟ ଗରିବ, ମଧ୍ୟବିତ୍ତ ଲୋକଙ୍କର ଦବିଯାଉଥିବା ସ୍ୱରକୁ ନିଜର ଗଳ୍ପ, ଉପନ୍ୟାସ ଏବଂ ଖବରକାଗଜ 'ପ୍ରଜାତନ୍ତ୍ର' ରେ ପ୍ରକାଶ କରୁଥିଲେ। ନିରପେକ୍ଷ ଦୈନିକ ଖବରକାଗଜ 'ପ୍ରଜାତନ୍ତ୍ର' ସଦାସର୍ବଦା ସାଧାରଣ ଲୋକଙ୍କ ସ୍ୱର ହୋଇ ତାର ଦାୟିତ୍ୱ ସଠିକ ଭାବରେ ନିର୍ବାହ କରୁଛି। ଯେତେବେଳେ ପ୍ରଶାସନ ନେତା, ମନ୍ତ୍ରୀ, ଅଫିସର ମାନେ ଭ୍ରଷ୍ଟାଚାରରେ ଲିପ୍ତ ରୁହନ୍ତି, ଅହଂକାରରେ ବଶବର୍ତ୍ତୀ ହୋଇ ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଭୁଲିଯାଆନ୍ତି, ସେବକ ପରିବର୍ତ୍ତେ ନିଜକୁ ମାଲିକ ମନେକରନ୍ତି, ସେତେବେଳେ ନିରପେକ୍ଷ ଖବରକାଗଜ ପ୍ରଜାତନ୍ତ୍ର ପ୍ରଶାସନକୁ ଚେତାଇ ଦିଏ ଭାରତ ପରି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ନେତା, ମନ୍ତ୍ରୀ, ଅଫିସର ମାନେ ଜନତାର ସେବକ ହୋଇଥାନ୍ତି ଏବଂ ପ୍ରକୃତରେ ଜନତା ହିଁ ସର୍ବଶକ୍ତିମାନ, ଏହାର



ଅର୍ଥ ଆମ ଦେଶର ସମସ୍ତ ଭୋଟର ଅଖଣ୍ଡ କ୍ଷମତାର ଅଧିକାରୀ।

ନିଜର ଖଣ୍ଡିଏ ଭୋଟ ମାଧ୍ୟମରେ ସରକାର ପରିବର୍ତ୍ତନ କରିବାର କ୍ଷମତା ଜନସାଧାରଣଙ୍କ ପାଖରେ ରହିଛି। ଡ଼କ୍ଟର ହରେକୃଷ୍ଣ ମହତାବଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା ଆମ ଦେଶର ସମସ୍ତ ଲୋକଙ୍କୁ ଆତ୍ମନିର୍ଭରଶୀଳ କରାଇବା। ତାଙ୍କର ମତ ଥିଲା ଭାରତ ପରି ବିଶାଳ ଦେଶରେ ସମସ୍ତେ ଆତ୍ମନିର୍ଭରଶୀଳ ହେବା ଉଚିତ। ତାଙ୍କର ଏହି ଆହ୍ୱାନ ଆଜି ପ୍ରତ୍ୟେକ ଭାରତୀୟଙ୍କ ପାଖରେ ପହଂଚିପାରିଛି। ଜୀବନର ପ୍ରତ୍ୟେକ ମୁହୂର୍ତ୍ତ ସେ ଦେଶ ପାଇଁ ଚିନ୍ତା କରିଛନ୍ତି।ତାଙ୍କ ପାଇଁ ରାଷ୍ଟ୍ର ସର୍ବାଗ୍ରେ। ବାଲେଶ୍ୱର ଜିଲ୍ଲାରେ ଚେୟାରମ୍ୟାନ ଦାୟିତ୍ୱରେ ଥିବାବେଳେ ସେ ଅସହଯୋଗ ଆନ୍ଦୋଳନରେ ଯୋଗଦେଇ ବିଦେଶୀ ପୋଷାକକୁ ବିରୋଧ କରିଥିଲେ। ୧୯୩୦ରେ ସେ ଲବଣ ସତ୍ୟାଗ୍ରହରେ ଯୋଗଦେଇ ଜେଲ୍ ଯାଇଥିଲେ। ଏକ ନୂତନ ଓଡିଶା ଗଠନ ଦିଗରେ ତାଙ୍କର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ସର୍ଦ୍ଦାର ବଲ୍ଲଭଭାଇଙ୍କ ଆହ୍ୱାନ ଏବଂ ଡ଼କ୍ଟର ହରେକୃଷ୍ଣ ମହତାବଙ୍କ ସହଯୋଗ ଦ୍ୱାରା ଓଡିଶାର ୨୬ଟି ଗଡ଼ଜାତ ରାଜ୍ୟ ଓଡିଶାରେ ମିଶ୍ରଣ ହୋଇଥିଲା। ତାଙ୍କ ରଚିତ 'ଗାଁ ମଜଲିସ୍' ଲେଖା ପାଇଁ ତାଙ୍କୁ କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଥିଲା। ଏଥିସହ ଇଂରାଜୀ ପତ୍ରିକା ' ଦ ଇଷ୍ଟର୍ଣ୍ଣ ଟାଇମସର' ସେ ସମ୍ପାଦକ ଥିଲେ। ସେ ଓଡିଶାର ମୁଖ୍ୟମନ୍ତ୍ରୀ ଭାବେ ୨ଥର ନିର୍ବାଚିତ ହୋଇଥିଲେ। ପାଖାପାଖି ସାତବର୍ଷ ଧରି ସେ ମୁଖ୍ୟମନ୍ତ୍ରୀ ଭାବେ ସେ ଦାୟିତ୍ୱ ନିର୍ବାହ କରିଥିଲେ। ସେ ମୁଖ୍ୟମନ୍ତ୍ରୀ ଥିବା ସମୟରେ ଓଡିଶାର ଅନେକ ଜନମୁଖୀ ପ୍ରଜେକ୍ଟରେ ତାଙ୍କର ଉଲ୍ଲେଖନୀୟ ଭୂମିକା ରହିଥିଲା।

ହୀରାକୁଦ ଡ୍ୟାମ ନିର୍ମାଣରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। କଟକ ଆକାଶବାଣୀ କେନ୍ଦ୍ରର ପ୍ରତିଷ୍ଠାତା ଭାବେ ସେ ଚିରପରିଚିତ। ବାରବାଟୀ ଷ୍ଟାଡିଅମ ନିର୍ମାଣରେ ତାଙ୍କର ମୁଖ୍ୟ ଭୂମିକା ରହିଥିଲା। ଓଡିଶାର ରାଜଧାନୀ କଟକରୁ ଭୁବନେଶ୍ୱରକୁ ସ୍ଥାନନ୍ତରିତ କରିବାରେ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଥିଲା। ଡ଼କ୍ଟର ହରେକୃଷ୍ଣ ମହତାବ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ଐତିହାସିକ ଆଦର୍ଶ ମୁଖ୍ୟମନ୍ତ୍ରୀ, ସାହିତ୍ୟପ୍ରେମୀ, ସମ୍ପାଦକ, ଦକ୍ଷ ପ୍ରଶାସକ ଏବଂ ସର୍ବଗୁଣସମ୍ପନ୍ନ ବ୍ୟକ୍ତିତ୍ୱ ଥିଲେ। ରାଜନୀତିର ସଂକୀର୍ଣ୍ଣ ସୀମାକୁ ଅତିକ୍ରମ କରି ଜଣେ ରାଷ୍ଟ୍ରପୁରୁଷ, ମହାନ ଜନନାୟକ ଭାବରେ ସେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ। ସଂଘର୍ଷ ମଧ୍ୟ ଦେଇ ତାଙ୍କର ବ୍ୟକ୍ତିତ୍ୱ ଗଢି ଉଠିଥିବାରୁ ସେ ଥିଲେ ଯଥାର୍ଥରେ ବୀରପୁରୁଷ ଓ ନିର୍ଭୀକ। ନବ ଉତ୍କଳର ଅନେକ ପ୍ରଥମଙ୍କ ଭିତରେ ସେ ପ୍ରଥମ। ଓଡିଶାକୁ ସର୍ବଭାରତୀୟ ସ୍ତରରେ ପ୍ରତିଷ୍ଠିତ କରାଇବା ତାଙ୍କ ଜୀବନର ପରମ ଲକ୍ଷ୍ୟ ଥିଲା। ତେଣୁ ଆଧୁନିକ ଓଡିଶାର ସଂସ୍କୃତି ଓ ରାଜନୀତି ଉପରେ ତାଙ୍କର ସାଧନା କାଳକୁ ମହତାବ- ଯୁଗ କହିଲେ ଅତ୍ୟୁକ୍ତି ହେବନାହିଁ। ଗଣତନ୍ତ୍ରକୁ କଳଙ୍କମୁକ୍ତ କରିବା ଓ ରାଜନୀତିକୁ ନିଷ୍ପାପର ଭାବରେ ଲୋକାଭିମୁଖୀ କରାଇବା, ସମାଜରୁ ଯାବତୀୟ ଜଡ଼ତା ଓ କୁସଂସ୍କାରକୁ ଦୂରେଇ ଦେବା, ସାହିତ୍ୟକୁ ସମାଜ ଅଭିମୁଖୀ କରାଇବା ଏପରି ଅନେକ ଉଲ୍ଲେଖନୀୟ ସଂସ୍କାରମୂଳକ କାର୍ଯ୍ୟକ୍ରମ ଭିତରେ ସେ ନିଜକୁ ଅବିରତ କର୍ମମୁଖର କରି ରଖିଥିଲେ।

ହରେକୃଷ୍ଣ ମହତାବ ଏପରି ଜଣେ ସ୍ୱାଧୀନତା ସଂଗ୍ରାମୀ ଓ ଆଦର୍ଶ ରାଜନେତା ଯିଏ ବାରମ୍ବାର ଜେଲ ଯାଇ ମଧ୍ୟ ଭାଙ୍ଗିପଡ଼ି ନାହାନ୍ତି। ଘାତ ପ୍ରତିଘାତ ବିଭିନ୍ନ ପ୍ରତିକୂଳ ପରିସ୍ଥିତି ଦେଇ ସେ ଗତି କରିଛନ୍ତି। ତାଙ୍କ ବିରୋଧରେ ଅନେକ ଷଡ଼ଯନ୍ତ୍ର କରାଯାଇଛି, କମିଶନ ବସାଯାଇଛି କିନ୍ତୁ ସେ ସାହସର ସହିତ ମହାଭାରତର ଅଭିମନ୍ୟୁ ପରି ଏକାକୀ ତାର ମୁକାବିଲା କରିଛନ୍ତି। ରାଜନୀତି ଓ ପ୍ରଶାସନର ଘୂର୍ଣ୍ଣି ଭିତରେ ଜୀବନ ଅତିବାହିତ କରି ମଧ୍ୟ ସେ ବାଛି ନେଇଥିଲେ ସାହିତ୍ୟ ଓ ସାମ୍ବାଦିକତାକୁ। ଉଭୟକୁ ସେ ସମାଜ ଓ ରାଷ୍ଟ୍ର ଗଠନରେ ଦୁଇଟି ଅବ୍ୟର୍ଥ ଅସ୍ତ୍ର ରୂପେ ବିବେଚନା କରୁଥିଲେ। ଅସହଯୋଗ ଆନ୍ଦୋଳନ, କନିକା ରାଜ ଅତ୍ୟାଚାର ଓ ଲବଣ ସତ୍ୟାଗ୍ରହ ଏହି ଘଡିସନ୍ଧି ମୁହୂର୍ତ୍ତରେ ପ୍ରଜାତନ୍ତ୍ର ଖବରକାଗଜ ହୋଇଥିଲା ଜନଜାଗରଣର ଏକ ବଳିଷ୍ଠ ମାଧ୍ୟମ। ' ଗାଁ ମଜଲିସ୍' ଡ଼କ୍ଟର ହରେକୃଷ୍ଣ ମହତାବଙ୍କ ପରିପକ୍ୱ ଚିନ୍ତା ଓ ଚେତନାର ସାବଲୀଳ ପରିପ୍ରକାଶ। ୧୯୫୦ମସିହାରୁ ୧୯୮୬ମସିହା ପ୍ରଯ୍ୟନ୍ତ 'ପ୍ରଜାତନ୍ତ୍ର' ପୃଷ୍ଠାମଣ୍ଡନ କରି ଏହା ଓଡିଶାର କୋଣ ଅନୁକୋଣରେ ଜନସାଧାରଣଙ୍କ ନିକଟରେ ପ୍ରିୟଭାଜନ ହୋଇପାରିଥିଲା। ସାମାଜିକ ରାଜନୀତିକ, ପ୍ରଶାସନିକ, ସାଂସ୍କୃତିକ, ଆର୍ଥନୀତିକ, ରାଷ୍ଟ୍ରୀୟ, ଧର୍ମୀୟ, କୃଷି, କୁସଂସ୍କାର ଏହିପରି ଅନେକ ସମସ୍ୟା ଏବଂ ତାର ସରଳ ସମାଧାନ ଓ ସେଥିରେ ସାଧାରଣ ଲୋକଙ୍କ ଭୂମିକାକୁ ଡ଼କ୍ଟର ହରେକୃଷ୍ଣ ମହତାବ ଏପରି ସୁନ୍ଦର ଭାବରେ ପରିସ୍ଫୁଟନ କରିଥିଲେ, ଯାହା ଚଳିତ ଚାରି ଦଶନ୍ଧି ଧରି ହୋଇଯାଇଛି ଏକ ଧାରାବାହିକ ଇତିହାସ। ଏକବିଂଶ ଶତାବ୍ଦୀର ସମସ୍ତ ରାଜନେତା କାଦୁଅଫିଙ୍ଗା ଶସ୍ତା ରାଜନୀତି ଏବଂ ନିଜର କ୍ଷମତା ଲାଳସାରୁ ନିବୃତ୍ତ ରହି ମହାନ ରାଜନେତା ଡ଼କ୍ଟର ହରେକୃଷ୍ଣ ମହତାବଙ୍କ ଜୀବନ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାର ସମୟ ଆସିଛି, ଯାହା ଫଳରେ ଆମ ରାଜ୍ୟ ତଥା ରାଷ୍ଟ୍ର ବିଶ୍ୱର ସର୍ବଶେଷ୍ଠ ରୂପେ ପରିଗଣିତ ହେବ।

ଗୋପାଳପୁର, ବାଲେଶ୍ୱର,
ଦୂରଭାଷ: ୭୦୨୦୬୧୧୩୦୦

କାଠୁଆରେ ଏନ୍‌କାଉଣ୍ଟର

୨ ଆତଙ୍କବାଦୀ ନିହତ, କନଷ୍ଟେବଲ ସହିଦ

ଶ୍ରୀନଗର, ୨୯।୯: ଜମ୍ମୁ-କଶ୍ମୀରରେ ପୁଣି ଏନ୍‌କାଉଣ୍ଟର। ସେନା ଗୁଳିରେ ଟଳିଲେ ଦୁଇ ଆତଙ୍କବାଦୀ। ସେହିପରି ଅତଙ୍କବାଦୀଙ୍କ ସହ ମୁକାବିଲା ବେଳେ ଜଣେ ହେଡ୍ କନଷ୍ଟେବଲ ସହିଦ ହୋଇଛନ୍ତି। ଜମ୍ମୁ-କଶ୍ମୀର କଠୁଆରେ ଶନିବାର ଘର ଭିତରେ କିଛି ଆତଙ୍କବାଦୀମାନେ ଲୁଚି ରହିଥିବା ନେଇ ସୂଚନା ମିଳିଥିଲା। ଏହାପରେ ପୁଲିସ ଓ ସେନା ପକ୍ଷରୁ ମିଳିତ ଅପରେସନ୍ ଆରମ୍ଭ ହୋଇଥିଲା। ଏହି ସମୟରେ କଠୁଆ ଜିଲ୍ଲାର କୋଗ-ମଣ୍ଡଳି ଗାଁରେ ଆତଙ୍କବାଦୀଙ୍କ ସହ ମୁହାଁମୁହିଁ ହୋଇଥିଲେ ସୁରକ୍ଷାକର୍ମୀ। ଆତଙ୍କବାଦୀଙ୍କ ସହ ମୁକାବିଲା ବେଳେ ପୁଲିସ ହେଡ୍ କନଷ୍ଟେବଲଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାସିର ଅହମ୍ମଦ। ଘଟଣାରେ ଜଣେ ଆସିଷ୍ଟାଣ୍ଟ ସବ୍-ଇନ୍ସପେକ୍ଟର ଏବଂ ଡେପୁଟୀ ଏସପି ଆହତ ହୋଇଛନ୍ତି। ଉଭୟଙ୍କ ଦେହରେ ଗୁଳି ବାଜିଛି। ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା କହିଛନ୍ତି ଜମ୍ମୁର ଅତିରିକ୍ତ ପୁଲିସ୍ ଡିଜି। ସେପଟେ ଗତକାଲି ସନ୍ଧ୍ୟାରେ କୁଲଗାମ ଜିଲ୍ଲାରେ ପୁଲିସ ଓ ଆତଙ୍କବାଦୀଙ୍କ ମଧ୍ୟରେ ଏନକାଉଣ୍ଟର ହୋଇଥିଲା। ଏଥିରେ ଦୁଇ ଆତଙ୍କବାଦୀଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଏହି ଅପରେସନ୍ ବେଳେ ଜଣେ ଅଧିକାରୀଙ୍କ ସମେତ ୫ ଜଣ ସୁରକ୍ଷା କର୍ମୀ ଆହତ ହୋଇଛନ୍ତି।

ସିନିୟରଙ୍କ ଅତ୍ୟାଚାର ସହି ନ ପାରି ଛାତ୍ରୀଙ୍କ ଆତ୍ମହତ୍ୟା

ଲକ୍ଷ୍ନୌ, ୨୯।୯: ଉତ୍ତର ପ୍ରଦେଶ ଝାନ୍ସିର ଜବାହାର ନବୋଦୟରେ ପଢୁଥିବା ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ଦୁଇ ଜଣ ସିନିୟର ଛାତ୍ରୀ ହଇରାଣ କରୁଥିବାରୁ ସେ ଆତ୍ମହତ୍ୟା କରିଥିବା ଅଭିଯୋଗ କରାଯାଇଛି। ଛାତ୍ରୀ ଜଣକ ନବମ ଶ୍ରେଣୀରେ ପଢୁଥିଲେ। ଗତକାଲି ରାତିରେ ହଷ୍ଟେଲ ସିଡ଼ିର ରେଲିଂରେ ଓଢଣୀ ଲଗାଇ ଝୁଲି ପଡିଛନ୍ତି। ଅନ୍ୟ ଛାତ୍ରୀମାନେ ଏନେଇ ଖବର ଦେବା ପରେ ସ୍କୁଲ୍ କର୍ତ୍ତୃପକ୍ଷ ପୁଲିସକୁ ଜଣାଇଥିଲେ। ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ପୋଷ୍ଟମର୍ଟମ ପାଇଁ ପଠାଇଛି। ଏଥିସହ ଅଭିଯୋଗ ଅନୁସାରେ, ସିନିୟର ଛାତ୍ରୀଙ୍କୁ ପଚରା ଉଚରା କରୁଛି। ରିପୋର୍ଟ ଅନୁସାରେ, ଛାତ୍ରୀଙ୍କ ଘର ଝାନ୍ସିର ଏରିକ୍ ଥାନା ଅଧୀନରେ ଥିବା ଭଦରବାରା ଅଞ୍ଚଳରେ। ତାଙ୍କ ବାପା କହିଛନ୍ତି ଯେ, ହଷ୍ଟେଲରେ ଦୁଇ ଜଣ ଛାତ୍ରୀ ତାଙ୍କୁ ସବୁବେଳେ ହଇରାଣ-ହରକତ କରୁଥିଲେ। ଏପରିକି ରୁମକୁ ଡାକି ମଧ୍ୟ ଗାଳିମନ୍ଦ ଦେଉଥିଲେ। ସେ ଏନେଇ ସବୁବେଳେ ଘରେ ଅଭିଯୋଗ କରି ଆସୁଥିଲା। ନିର୍ଯାତନା ଅସହ୍ୟ ହୋଇଥିବାରୁ ଝିଅ ଆତ୍ମହତ୍ୟା କରିଥିବା ଛାତ୍ରୀଙ୍କ ବାପା ଅଭିଯୋଗ କରିଛନ୍ତି।

ଟ୍ରକ୍‌କୁ ପଛରୁ ଧକ୍କା ଦେଲା ବସ୍

୩ ମୃତ, ୪ ଗୁରୁତର

ପାଟନା, ୨୯।୯: ବିହାରର କୈମୁର ଜିଲ୍ଲାରେ ଘଟିଛି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଟ୍ରକକୁ ଏକ ବସ୍ ଧକ୍କା ଦେବା ଫଳରେ ତିନି ଜଣଙ୍କ ମୃତ୍ୟୁ ଘଟି ଥିବାବେଳେ ଚାରି ଜଣ ଆହତ ହୋଇଛନ୍ତି। ଆହତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ, ଏକ ଯାତ୍ରୀବାହୀ ବସ୍ ବିହାରର ଗୟାରୁ ଉତ୍ତର ପ୍ରଦେଶର ବାରବାଙ୍କି ଅଭିମୁଖେ ଯାଉଥିଲା। ଭୋଅର ୫ଟା ସମୟରେ ବସ୍ ଡ୍ରାଇଭର ଏକ ଟ୍ରକକୁ ଧକ୍କା ଦେଇଥିଲେ। ଫଳରେ ଘଟଣାସ୍ଥଳରେ ହିଁ ତିନି ଜଣ ଯାତ୍ରୀଙ୍କର ଜୀବନ ଚାଲିଯାଇଛି। କୈମୁର ଜିଲ୍ଲାର ମୋହନିଆ ରାସ୍ତା ନିକଟରେ ଦୁର୍ଘଟଣା ଘଟିଥିଲା। ଗାଡିରେ ଥିବା ଅନ୍ୟ ଯାତ୍ରୀମାନେ କହିଛନ୍ତି ଯେ, ଟ୍ରକଟି ପାର୍କିଂ ହୋଇଥିଲା। ବସ୍ ଡ୍ରାଇଭର ନିଦ କାରଣରୁ ହେଉ କିମ୍ବା ଅନ୍ୟ କୌଣସି କାରଣରୁ ଭାରସାମ୍ୟ ହରାଇ ଟ୍ରକୁ ଧକ୍କା ଦେଇଥିଲେ। ଦୁର୍ଘଟଣା ସମୟରେ ଟ୍ରକରେ ଡ୍ରାଇଭର ନଥିଲେ। ସେପଟେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଚାରି ଜଣ ଯାତ୍ରୀଙ୍କ ଅବସ୍ଥା ଗୁରୁତର ରହିଛି। ଦୁର୍ଘଟଣା ପରେ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଛି।

ବସ ଦୁର୍ଘଟଣାରେ ୯ ମୃତ

ଭୋପାଳ, ୨୯।୯: ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଡମ୍ଫରକୁ ପିଟିଲା ଯାତ୍ରୀବାହି ବସ୍। ଚାଲିଗଲା ୯ ଜଣଙ୍କ ଜୀବନ। ସେହିପରି ୨୦ରୁ ଅଧିକ ଆହତ ହୋଇଛନ୍ତି। ମଧ୍ୟପ୍ରଦେଶରେ ଘଟିଛି ଏଭଳି କିଛି ଭୟଙ୍କର ସଡ଼କ ଦୁର୍ଘଟଣା। ଉତ୍ତରପ୍ରଦେଶରୁ ନାଗପୁର ଅଭିମୁଖେ ଯାଉଥିବା ଏକ ଲଗ୍‌ଜୁରୀ ଯାତ୍ରୀବାହି ବସ୍ ଡମ୍ଫର ସହ ଧକ୍କା ହୋଇଛି। ଆଜି ଭୋରୁ ମହିଆର ଜିଲ୍ଲାର ନାଦାନ ନିକଟରେ ଏହି ଦୁର୍ଘଟଣା ଘଟିଛି। ଦ୍ରୁତ ଗତିରେ ଆସି ଆଭା ଟ୍ରାଭେଲ୍ସର ଏହି ଲଗ୍‌ଜୁରୀ ବସ୍ ରାସ୍ତା ପାର୍ଶ୍ୱରେ ଛିଡା ହୋଇ ରହିଥିବା ଏକ ପଥର ଲୋଡ୍ ଡମ୍ଫରକୁ ପଛପଟୁ ଧକ୍କା ଦେଇଛି। ଏଥିରେ ୯ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ୨୦ ଜଣ ଆହତ ହୋଇଛନ୍ତି। ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଛି। ସେହିପରି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମହିଆର୍ ଏସପି ସୁଧୀର ଅଗ୍ରୱାଲ କହିଛନ୍ତି ଯେ, ଦୁର୍ଘଟଣାରେ ୧୯ରୁ ୨୦ ଲୋକ ଆହତ ହୋଇଛନ୍ତି। ସେହିପରି ୬ ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ଆଉ ୩ ଜଣ ପ୍ରାଣ ହରାଇଛନ୍ତି। ବସ୍‌ଟି ପ୍ରୟାଗରାଜରୁ ନାଗପୁର ଯାଉଥିଲା। ତେବେ ଦ୍ରୁତ ଗତିରେ ଅସି ଡମ୍ଫରକୁ ଧକ୍କା ଦେବାକୁ ଏହି ଦୁର୍ଘଟଣା ଘଟିଛି। ଧକ୍କା ହେତୁ ବସର ଆଗ ଭାଗ ନଷ୍ଟ ହୋଇଯାଇଛି। ବସ୍ ଡ୍ରାଇଭର ଆଖି ପଡି ଯାଇଥିବାରୁ ଏହି ଦୁର୍ଘଟଣା ଘଟିଥିବା ଆଶଙ୍କା କରାଯାଉଛି। ପୂରା ଘଟଣାର ତଦନ୍ତ ଜାରି ରହିଛି।

'ମନ୍ କି ବାତ୍'କୁ ୧୦ ବର୍ଷ

ମୟୂରଭଞ୍ଜର ଯୁବକଙ୍କୁ ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୯।୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରେଡିଓ କାର୍ଯ୍ୟକ୍ରମ 'ମନ୍ କି ବାତ୍'କୁ ୧୦ ବର୍ଷ ପୂରଣ କରିଛି। ୨୦୧୪ ଅକ୍ଟୋବର ୩ରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ପୂର୍ତ୍ତି ଅବସର ସହ 'ମନ୍ କି ବାତ୍'ର ୧୧୪ତମ ସଂସ୍କରଣରେ ଦେଶବାସୀଙ୍କୁ ସମ୍ବୋଧିତ କରି ଆଜିର ଅଧ୍ୟାୟ ଭାବପ୍ରବଣ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ମୋଦି। ଶ୍ରୋତା ହିଁ ଏହି କାର୍ଯ୍ୟକ୍ରମର ପ୍ରକୃତ ସୂତ୍ରଧର ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି, "ସକରାତ୍ମକ ସୂଚନା ପାଇଁ ଦେଶବାସୀଙ୍କ ମନରେ କେତେ କ୍ଷୁଧା ଅଛି 'ମନ୍ କି ବାତ୍' କାର୍ଯ୍ୟକ୍ରମ ତାହା ପ୍ରମାଣ କରିପାରିଛି।" ପ୍ରଧାନମନ୍ତ୍ରୀଙ୍କ ଏହି ଲୋକପ୍ରିୟ ରେଡିଓ କାର୍ଯ୍ୟକ୍ରମ ୨୨ଟି ଭାରତୀୟ ଭାଷା ବ୍ୟତୀତ ୧୧ଟି ବିଦେଶୀ ଭାଷାରେ ମଧ୍ୟ ପ୍ରସାରିତ ହୋଇଛି। ୨୦୧୪ ମସିହା ୩ ଅକ୍ଟୋବର ବିଜୟା ଦଶମୀ ଅବସରରେ 'ମନ୍ କି ବାତ୍' କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ତେବେ ଆଜିର ଅଧ୍ୟାୟରେ ପ୍ରଧାନମନ୍ତ୍ରୀ ମୋଦି ସାନ୍ତାଳି ଭାଷାର ପ୍ରଚାର ପ୍ରସାର ପାଇଁ ମୟୂରଭଞ୍ଜର ଯୁବକ ରାମ ଜିତ ଟୁଡୁଙ୍କୁ ପ୍ରସଂଶା କରିଛନ୍ତି। ନିଜ ମାତୃଭାଷା ସାନ୍ତାଳି ଭାଷାକୁ ଅନ୍-ଲାଇନରେ ପରିଚୟ ଦେଇ ରାମ ଜିତ ଗୌରବ ଆଣିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି ଯେ, ନିଜର ଅଭିଯାନ ମାଧ୍ୟମରେ ସାନ୍ତାଳି ଭାଷାକୁ ଡିଜିଟାଲାଇଜେସନ୍ କରି ସାନ୍ତାଳି ସାହିତ୍ୟକୁ ବିଶ୍ୱ ଦରବାରରେ ରାମ ଜିତ ନୂଆ ପରିଚୟ ଦେଇଛନ୍ତି। ସାନ୍ତାଳି ଭାଷାର ଲିପି 'ଅଲଚିକି'କୁ ଟାଇପ କରିବାରେ ଟେକନିକ ବିକଶିତ କରି ପାରିଛନ୍ତି। ସାନ୍ତାଳି ଭାଷାକୁ ସଂରକ୍ଷିତ ରଖିବାର ତାଙ୍କ ଉଦ୍ୟମ ଲକ୍ଷ ଲକ୍ଷ ଲୋକଙ୍କ ପାଖରେ ସାନ୍ତାଳି ଭାଷାକୁ ପହଞ୍ଚାଇ ପାରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଷ୍ଟାଲିନଙ୍କ ପୁଅ ଉଦୟନିଧି ଉପମୁଖ୍ୟମନ୍ତ୍ରୀ

ଚେନ୍ନାଇ, ୨୯।୯: ମୁଖ୍ୟମନ୍ତ୍ରୀଙ୍କ ପୁଅ ହେଲେ ଉପମୁଖ୍ୟମନ୍ତ୍ରୀ। ଶେଷରେ ସତ ହେଲା ଦୀର୍ଘ ଦିନ ଧରି ଲାଗି ରହିଥିବା କଳ୍ପନାଜଳ୍ପନା। ତାମିଲନଡୁ ସରକାରର ମନ୍ତ୍ରୀମଣ୍ଡଳରେ ବଡ଼ ଧରଣର ପରିବର୍ତ୍ତନ ହୋଇଛି। ତାମିଲନାଡୁର ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍‌ଙ୍କ ପୁଅ ଉଦୟନିଧି ଷ୍ଟାଲିନଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯାଇଛି।

ଡିଏମକେ ନେତୃତ୍ୱାଧୀନ ତାମିଲନାଡୁ ସରକାରରେ କ୍ରୀଡ଼ା ମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ଏମ.କେ ଷ୍ଟାଲିନଙ୍କ ପୁଅ ଉଦୟନିଧି ଷ୍ଟାଲିନଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯାଇଛି। ସେହିପରି ପୂର୍ବତନ ପରିବହନ ମନ୍ତ୍ରୀ ସେନ୍ଥିଲ ବାଲାଜୀ ପୁଣିଥରେ କ୍ୟାବିନେଟରେ ସାମିଲ ହୋଇଛନ୍ତି। ଦୁଇ ଦିନ ପୂର୍ବେ ମନି ଲଣ୍ଡରିଂ ମାମଲାରେ ସେ ଜାମିନ ପାଇଥିଲେ। ଉଦୟନିଧି ଷ୍ଟାଲିନ୍‌ଙ୍କୁ ଉପମୁଖ୍ୟମନ୍ତ୍ରୀ କରିବା ପାଇଁ ରାଜ୍ୟପାଳଙ୍କୁ ଏମ୍‌କେ ଷ୍ଟାଲିନ୍ ସୁପାରିଶ କରିଥିଲେ। ଏହାପରେ ରାଜ୍ୟପାଳ ମଧ୍ୟ ତାଙ୍କ ସୁପାରିଶକୁ ଗ୍ରହଣ କରିଛନ୍ତି। ଆଜି ଅପରାହ୍ଣରେ ଚେନ୍ନାଇ ରାଜଭବନରେ ଉଦୟନିଧି ଷ୍ଟାଲିନ ଶପଥ ନେବେ। ଉଦୟାନିଧି ଷ୍ଟାଲିନ ତାମିଲନାଡୁର ଉପମୁଖ୍ୟମନ୍ତ୍ରୀ ହେବାକୁ ଯାଉଥିବା ନେଇ ଦୀର୍ଘ ଦିନ ଧରି ଆଲୋଚନା ଚାଲିଥିଲା। ତାଙ୍କୁ ବର୍ତ୍ତମାନର ଯୁବ କଲ୍ୟାଣ ଏବଂ କ୍ରୀଡ଼ା ବିକାଶ ପୋର୍ଟଫୋଲିଓ ବ୍ୟତୀତ ଯୋଜନା ଏବଂ ବିକାଶ ମନ୍ତ୍ରଣାଳୟର ଦାୟିତ୍ୱ ଦିଆଯାଇଛି। ଏହା ସହ ତାଙ୍କୁ ରାଜ୍ୟର ଉପମୁଖ୍ୟମନ୍ତ୍ରୀ କରାଯାଇଛି। ଅନ୍ୟପଟେ ଜାମିନରେ ଫେରିଥିବା ସେନ୍ଥିଲ ବାଲାଜୀଙ୍କୁ କେଉଁ ବିଭାଗ ଦିଆଯିବ ସେ ନେଇ କିଛି ସ୍ପଷ୍ଟ ହୋଇନାହିଁ। ବାଲାଜୀଙ୍କ ବ୍ୟତୀତ ଡକ୍ଟର ଗୋବି ଚେଟ୍ଟିୟାନ, ଆର ରାଜେନ୍ଦ୍ରନ ଏବଂ ଏସଏମ ନାସର ମଧ୍ୟ କ୍ୟାବିନେଟରେ ସାମିଲ ହୋଇଛନ୍ତି। ସେନ୍ଥିଲ ବାଲାଜୀ ଦିବଙ୍ଗତ ମୁଖ୍ୟମନ୍ତ୍ରୀ ଜେ ଜୟଲଳିତାଙ୍କ ଶାସନ କାଳରେ ଏଆଇଏଡିଏମ୍‌କେର କ୍ୟାସ୍ ଫର୍ ଜବ୍ ଦୁର୍ନୀତିରେ ସମ୍ପୃକ୍ତ ଥିବାରୁ ଗତ ୧୫ ମାସ ଧରି ସେ ଜେଲ୍‌ରେ ଥିଲେ। ତାଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦ୍ୱାରା ଅର୍ଥ ହେରଫେର ଅଭିଯୋଗ ହୋଇଥିଲା। ତେବେ ଗୁରୁବାର ସୁପ୍ରିମକୋର୍ଟ ତାଙ୍କୁ ଜାମିନରେ ମୁକ୍ତ କରିଛନ୍ତି।

ଧିରେ ଗାଡ଼ି ଚଳାଇବାକୁ ପରାମର୍ଶ ମହଙ୍ଗା ପଡ଼ିଲା

କାର ଧକ୍କାରେ କନଷ୍ଟେବଲ ମୃତ

ନୂଆଦିଲ୍ଲୀ, ୨୯।୯: ଧିରେ ଗାଡ଼ି ଚଳାଅ, ସ୍ପିଡ ଟିକେ କମାଅ ବୋଲି ପରାମର୍ଶ ମହଙ୍ଗା ପଡ଼ିଲା। ଏଥିପାଇଁ ଜଣେ କନଷ୍ଟେବଲଙ୍କ ଜୀବନ ଚାଲିଯାଇଛି। ଦିଲ୍ଲୀର ନାଙ୍ଗୋଲୋଇ ଅଞ୍ଚଳରେ ଶନିବାର ରାତିରେ ଏହି ଘଟଣା ଘଟିଛି। ଡ୍ୟୁଟି ସାରି ସାଦା ପୋଷାକରେ ନିଜ ବାଇକ ନେଇ ଘରକୁ ଫେରୁଥିବା ସନ୍ଦିପ ନାମକ ଜଣେ କନଷ୍ଟେବଲ ଏଥିରେ ପ୍ରାଣ ହରାଇଛନ୍ତି। ରାସ୍ତାରେ ସନ୍ଦିପ ଯାଉଥିବା ବେଳେ ପଛରୁ ଏକ ୱାଗନରଆର ଗାଡ଼ି ଦ୍ରୁତ ଗତିରେ ଆସି ତାଙ୍କୁ ଓଭରଟେକ କରିବାକୁ ଉଦ୍ୟମ କରିଥିଲା। ସେତେବେଳେ ସନ୍ଦିପ ଗାଡ଼ି ଚାଳକଙ୍କୁ ସ୍ପିଡ଼ ଟିକେ କମାଆ, ଧିରେ ଗାଡ଼ି ଚଳାଅ ବୋଲି ନମ୍ରତାର ସହ ତାଗିଦ କରିଥିଲେ। କିନ୍ତୁ କାର ଡ୍ରାଇଭର ଏଥିରେ ଉତକ୍ଷିପ୍ତ ହୋଇ ଗାଡ଼ିର ଗତି ହ୍ରାସ କରିବା ପରିବର୍ତ୍ତେ ଗାଡ଼ିର ସ୍ପିଡ଼ ଆହୁରି ବଢ଼ାଇ ଦେଇଥିଲା ଏବଂ ସନ୍ଦିପଙ୍କ ବାଇକକୁ ପଛରୁ ଧକ୍କା ଦେଇଥିଲା। କାର ଧକ୍କାରେ ବାଇକ ସହ ସନ୍ଦିପ ତଳେ ପଡ଼ିଯାଇଥିଲେ ଏବଂ କାର ତାଙ୍କୁ ବାଇକ ସହ ପ୍ରାୟ ୧୦ ମିଟର ପର୍ଯ୍ୟନ୍ତ ଘୋଷାରି ନେଇଥିଲା। ପରେ କା ଚାଳକ ଗାଡ଼ି ଛାଡ଼ି ସେଠାରୁ ଫେରାର ହୋଇଯାଇଥିଲା। ସିସିଟିଭି କ୍ୟାମେରାରୁ କାର ଚାଳକ ଜାଣିଶୁଣି ବାଇକକୁ ଧକ୍କା ଦେଇଥିବା ସ୍ପଷ୍ଟ ହୋଇଯାଇଛି। ଗୁରୁତର ସନ୍ଦିପଙ୍କୁ ନିକଟସ୍ଥ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଅନ୍ୟ ଏକ ହସ୍ପିଟାଲକୁ ସିଫ୍ଟ କରାଯାଇଥିଲା। ସେଠାରେ ସେ ପ୍ରାଣ ହରାଇଥିଲେ। ଘରେ ତାଙ୍କର ମା', ପତ୍ନୀ ଏବଂ ୫ ବର୍ଷର ପୁଅ ଅଛନ୍ତି। ପୋଲିସ ଏକ ମାମଲା ରୁଜୁ କରି କାରକୁ ଜବତ କରିଛି। ଦୁର୍ଘଟଣାକାରୀ କାର ଚାଳକଙ୍କୁ ଏବେ ସୁଦ୍ଧା ଗିରଫ କରାଯାଇନି। କାରରେ ଦୁଇଜଣ ଥିଲେ ବୋଲି ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ଜଣେ ବେଆଇନ ମଦ କାରବାର ସହ ସମ୍ପୃକ୍ତ ବୋଲି ଅଭିଯୋଗ ହୋଇଛି। କିନ୍ତୁ ପୋଲିସ ଏ ସମ୍ପର୍କରେ କିଛି ସ୍ପଷ୍ଟ କରିନି।

ନେପାଳ ବନ୍ୟାରେ ଗଲାଣି ୧୧୨ ଜୀବନ

କାଠମାଣ୍ଡୁ, ୨୯।୯: ନେପାଳରେ ତାଣ୍ଡବ ରଚିଛି ମୌସୁମୀ ବର୍ଷା। ପ୍ରବଳ ବର୍ଷା ଯୋଗୁ ଭୟଙ୍କର ବନ୍ୟା ଆସିଛି। ଏଥିସହ ବିଭିନ୍ନ ସ୍ଥାନରେ ଭୂସ୍ଖଳନ ମଧ୍ୟ ହୋଇଛି। ଏଥିଯୋଗୁ ୧୧୨ରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ସେହିପରି ୬୮ ଜଣ ନିଖୋଜ ଅଛନ୍ତି। ଲଗାଣ ବର୍ଷା ଯୋଗୁ ନେପାଳର ଅନେକ ଅଞ୍ଚଳ ପାଣି ଘେରରେ ରହିଛି। ପ୍ରଭାବିତ ଅଞ୍ଚଳ ଗୁଡ଼ିକରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ନେପାଳ ପୁଲିସର ମୁଖପାତ୍ର ଡାନ ବାହାଦୂର କାର୍କିଙ୍କ ସୂଚନା ଅନୁସାରେ, ନେପାଳର ଆସିଥିବା ବନ୍ୟା ଓ ଭୂସ୍ଖଳନରେ ୧୧୨ରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଥିବା ବେଳେ ୩୬ ଜଣ ଆହତ ହୋଇଛନ୍ତି। ଏଥିସହ ୬୮ ଜଣ ନିଖୋଜ ଅଛନ୍ତି। ନେପାଳର ରାଜଧାନୀ କାଠମାଣ୍ଡୁରେ ବହୁ ଘର ପାଣିଘେରରେ ରହିଛି। ପ୍ରଭାବିତ ଅଞ୍ଚଳରେ ପାଖାପାଖି ୩ ହଜାର ସୁରକ୍ଷା କର୍ମୀଙ୍କୁ ମୁତୟନ କରାଯାଇଛି। ହେଲକପ୍ଟର ଓ ମୋଟରବୋଟ ସାହାଯ୍ୟରେ ପ୍ରଭାବିତ ଅଞ୍ଚଳରୁ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନ ନିଆଯାଇଛି। ଭୂସ୍ଖଳନ ଯୋଗୁ ୮ଟି ସ୍ଥାନରେ ଜାତୀୟ ରାଜପଥ ଅବରୋଧ ହୋଇଛି। ଫଳରେ ଯାତାୟତରେ ବାଧା ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଲଗାଣ ବର୍ଷା ଯୋଗୁ କୋଶି ଓ ଗଣ୍ଡକ ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ଫଳରେ ନଦୀ ନିକଟବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଘରେ ପାଣି ପଶିଯାଇଛି।ବନ୍ୟା ଓ ଭୂସ୍ଖଳନ ଯୋଗୁ ଶୁକ୍ରବାର କାଠମାଣ୍ଡୁରୁ ଯାଉଥିବା ୧୫୦ ବିମାନକୁ ବାତିଲ କରାଯାଇଛି।

ହେଜବୁଲ୍ଲା ଗୋଇନ୍ଦା କମାଣ୍ଡର ନିହତ

ବିରୁଟ, ୨୯।୯: ଇରାନ ସମର୍ଥିତ ବିଦ୍ରୋହୀ ସଂଗଠନ ହେଜବୁଲ୍ଲାକୁ ଲାଗିଛି ଆଉ ଏକ ଝଟକା। ଲେବାନନରେ ଇସ୍ରାଏଲ କରିଥିବା ଏୟାର ଷ୍ଟ୍ରାଇକରେ ସଂଗଠନର ଆଉ ଜଣେ ଶୀର୍ଷ ନେତା ପ୍ରାଣ ହରାଇଛନ୍ତି। ଶୁକ୍ରବାର ଏୟାର ଷ୍ଟ୍ରାଇକରେ ହେଜବୁଲ୍ଲାର ମୁଖ୍ୟ ଶେଖ ହାସନ ନସ୍ରଲ୍ଲାଙ୍କ ସମେତ ଆଉ କିଛି କମାଣ୍ଡର ପ୍ରାଣ ହରାଇଥିଲେ। ଶନିବାର ଇସ୍ରାଏଲ ବେରୁଟ ଉପକଣ୍ଠ ଦାହିୟେରେ ପୁଣି ବୋମା ମାଡ଼ କରିଥିଲା। ଏଥିରେ ହେଜବୁଲ୍ଲା ଗୁଇନ୍ଦା ଡିଭିଜନର ଜଣେ ଟପ କମାଣ୍ଡର ପ୍ରାଣ ହରାଇଛନ୍ତି। ଇସ୍ରାଏଲ ସେନା ଦେଇଥିବା ସୂଚନାକୁ ଆଧାର କରି ଟାଇମ୍ସ ଅଫ ଇସ୍ରାଏଲରେ ଏନେଇ ଖବର ପ୍ରକାଶ ପାଇଛି। ଏଥିରେ କୁହାଯାଇଛି ଯେ ହେଜବୁଲ୍ଲାର ଏକାଧିକ ଗୁଇନ୍ଦା ଡିଭିଜନ ମଧ୍ୟରୁ ଗୋଟିଏର ନେତୃତ୍ୱ ନେଉଥିବା ହାସନ ଖଲିଲ ୟାସିନର ମୃତ୍ୟୁ ହୋଇଛି। ଇସ୍ରାଏଲ ଶନିବାର କରିଥିବା ଏୟାର ଷ୍ଟ୍ରାଇକରେ ୟାସିନ ଆଖି ବୁଜିଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଆଇଡିଏଫର କହିବା କଥା ଯେ ହେଜବୁଲ୍ଲାର ଟପ କମାଣ୍ଡର ୟାସିନ ଇସ୍ରାଏଲରେ ଥିବା ଇସ୍ରାଏଲ ସେନା ଓ ଜନବସତିକୁ ଚିହ୍ନଟ କରୁଥିଲେ। ଏହାପରେ ହେଜବୁଲ୍ଲା ସେଗୁଡ଼ିକୁ ଟାର୍ଗେଟ କରୁଥିଲା।

ନିର୍ବାଚନ ପାଇଁ ରାମ ରହିମ ପାରୋଲ ମାଗିଲେ

ନୂଆଦିଲ୍ଲୀ, ୨୯।୯: ପାଖେଇ ଆସିଲାଣି ହରିଆଣା ନର୍ବାଚନ। ତେବେ ନିର୍ବାଚନ ପୂର୍ବରୁ ପୁଣି ଥରେ ଜେଲ୍‌ରୁ ବାହାରକୁ ଆସିବାକୁ ଚାହୁଁଛନ୍ତି ଡେରା ସଚ୍ଚା ସୌଦାର ମୁଖ୍ୟ ଗୁରୁମିତ ରାମ ରହିମ। ସେ ପୁଣି ଥରେ ପାରୋଲ ଦାବି କରିଛନ୍ତି। ଅକ୍ଟୋବର ୫ ତାରିଖରେ ହରିଆଣାରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପୂର୍ବରୁ ସିରସା ଡେରା ମୁଖ୍ୟ ରାମ ରହିମ ୨୦ ଦିନ ପାଇଁ ପାରୋଲ ମାଗିଛନ୍ତି। ହରିଆଣା ରାଜନୀତିର ବିଶେଷଜ୍ଞଙ୍କ କହିବାକୁ ଅନୁଯାୟୀ ରାମ ରହିମ ଦୀର୍ଘ ଦିନ ଧରି ଜେଲରେ ଥିଲେ ମଧ୍ୟ ୪ ଟି ଜିଲ୍ଲାର ୩୦ରୁ ଅଧିକ ସିଟ୍ ଉପରେ ତାଙ୍କର ପ୍ରଭାବ ରହିଛି। ଏଭଳି ପରିସ୍ଥିତିରେ କେଉଁ ଏମରଜେନ୍ସି ପାଇଁ ରାମ ରହିମଙ୍କୁ ୨୦ ଦିନର ପାରୋଲ ଆବଶ୍ୟକ ପଡୁଛି ବୋଲି ନିର୍ବାଚନ ଆୟୋଗ ହରିଆଣା ସରକାରଙ୍କୁ ପଚାରିଛନ୍ତି। ସୂଚନାଯୋଗ୍ୟ, ଦୁଷ୍କର୍ମ ମାମଲାରେ ଦୋଷୀ ହୋଇ ଜେଲରେ ସଜା କାଟୁଥିବା ରାମ ରହିମଙ୍କୁ ଗତ ମାସରେ ୨୧ ଦିନ ପାଇଁ ପାରୋଲ ଦିଆଯାଇଥିଲା। ଏଥର ସେ ୨୦ଦିନ ପାରୋଲ ମାଗିଛନ୍ତି। ଆଚରଣ ବିଧି ଯୋଗୁଁ ରାଜ୍ୟ ସରକାର ରାମ ରହିମଙ୍କ ଅନୁରୋଧକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟକୁ ପଠାଇଛନ୍ତି।

ମୁଖ୍ୟ ନିର୍ବାଚନ ଅଧିକାରୀ ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଚିଠି ଲେଖିଛନ୍ତି। ଚିଠିରେ ସେ କେଉଁ ପ୍ରକାର ଏମରଜେନ୍ସି ପାଇଁ ରାମ ରହିମ ପୁଣି ପାରୋଲ ମାଗିଛନ୍ତି ବୋଲି ପଚାରିଛନ୍ତି। ନିର୍ବାଚନ ସମୟରେ ଦୋଷୀଙ୍କୁ ପାରୋଲରେ ମୁକ୍ତ କରିବା କେତେ ଉପଯୁକ୍ତ ସେ ନେଇ ସରକାରଙ୍କୁ ସ୍ପଷ୍ଟିକରଣ ମାଗିଛନ୍ତି। ତେବେ ନିର୍ବାଚନ ଆୟୋଗଙ୍କ ପ୍ରଶ୍ନର ଉତ୍ତର ଏପର୍ଯ୍ୟନ୍ତ ହରିଆଣା ସରକାର ଦେଇନାହାଁନ୍ତି। ଜେଲ ବିଭାଗର ଅଧିକାରୀ କହିଛନ୍ତି ଯେ ସାଧାରଣ ପରିସ୍ଥିତିରେ ପାରୋଲ ମାଗିବାର କୌଣସି କାରଣ ଦର୍ଶାଇବାର ଆବଶ୍ୟକତା ନାହିଁ। କେବଳ ଜରୁରୀକାଳୀନ ପାରୋଲ ପାଇଁ କାରଣଗୁଡିକ ଦେବାକୁ ପଡିବ। ଅଧିକାରୀ କହିଛନ୍ତି

ନର୍ବାଚନ କମିସନ ପ୍ରଶ୍ନ ଉଠାଇଲେ

ଯେ ପାରୋଲକୁ ସାଧାରଣତଃ ବିଭାଗୀୟ କମିଶନର ଅନୁମୋଦନ କରନ୍ତି। କିନ୍ତୁ ବର୍ତ୍ତମାନ ବିଧାନସଭା ନିର୍ବାଚନ ଅଛି ତେଣୁ ଜେଲ ବିଭାଗ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟକୁ ଏହି ମାମଲାକୁ ପଠାଇଛି।

ବର୍ତ୍ତମାନ ଡେରା ମୁଖ୍ୟ ହରିଆଣାର ରୋହତକର ସୁନାରିଆ ଜେଲରେ ରହିଛନ୍ତି। ସେ ସିରସା ଆଶ୍ରମରେ ତାଙ୍କର ଦୁଇଜଣ ମହିଳା ଶିଷ୍ୟାଙ୍କୁ ଦୁଷ୍କର୍ମ କରିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇ ୨୦ ବର୍ଷ ଜେଲ ଦଣ୍ଡ ଭୋଗୁଛନ୍ତି। ଗତ ମାସରେ ଡେରା ମୁଖ୍ୟଙ୍କୁ ୨୧ ଦିନ ଧରି ପାରୋଲ ମିଳିଥିଲା। ସେ ୧୩ ଅଗଷ୍ଟରେ ଜେଲରୁ ବାହାରିଥିଲେ। ଡେରା ମୁଖ୍ୟ ଜେଲକୁ ଯିବାର ସାତ ବର୍ଷ ବିତିଗଲାଣି। ଗତ ସାତ ବର୍ଷ ମଧ୍ୟରେ ରାମ ରହିମ ଅନେକ ଥର ପାରୋଲରେ ଜେଲରୁ ବାହାରକୁ ଆସିଛନ୍ତି।

ପ୍ରିୟଙ୍କାଙ୍କ ହେଲିକପ୍ଟର ଅବତରଣ କରିପାରିଲାନି

ନୂଆଦିଲ୍ଲୀ, ୨୯।୯: ନିର୍ବାଚନ ପ୍ରଚାର ପାଇଁ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧି ଜମ୍ମୁ କଶ୍ମୀରର କଠୁଆ ଜିଲ୍ଲା ଯାଇଥିଲେ। ହେଲେ ଏହି ସମୟରେ ତାଙ୍କ ହେଲିକପ୍ଟର ଲ୍ୟାଣ୍ଡ କରିପାରିନଥିଲା। ତାଙ୍କ ହେଲିକପ୍ଟର ଅବତରଣ କରିବାରେ ପ୍ରଶାସନ ସହଯୋଗ କରୁନାହିଁ। ଏପରି କିଛି ଅଭିଯୋଗ କରିଛି କଂଗ୍ରେସ। କଠୁଆ ଜିଲ୍ଲାର ବିଲାଓ୍ୱାର ନିର୍ବାଚନ ମଣ୍ଡଳୀରେ ହେଲିକପ୍ଟର ଅବତରଣ କରାଇବାରେ ସାହାଯ୍ୟ କରୁନଥିବା ଏବଂ ତାଙ୍କ ପ୍ରଚାରରେ ବାଧା ସୃଷ୍ଟି କରିବାକୁ ଚେଷ୍ଟା କରାଯାଇଥିବା ଶନିବାର କଂଗ୍ରେସ ଅଭିଯୋଗ କରିଛି। ପ୍ରିୟଙ୍କା ଗାନ୍ଧି ଜମ୍ମୁ ଅଞ୍ଚଳର ବିଲ୍ଲାଓ୍ୱାର ଏବଂ ବିଷ୍ଣାହ ନିର୍ବାଚନମଣ୍ଡଳୀରେ ରାଲି କରିବାର ଥିଲା, କିନ୍ତୁ ତାଙ୍କ ହେଲିକପ୍ଟର ସେଠାରେ ଅବତରଣ କରିପାରିନଥିଲା। ଫଳରେ ସେ ଦଳର ପ୍ରାର୍ଥୀ ତଥା ପୂର୍ବତନ ମନ୍ତ୍ରୀ ଡକ୍ଟର

ମନୋହର ଲାଲଙ୍କ ପାଇଁ ପ୍ରଚାର କରିପାରିନଥିଲେ ବୋଲି କଂଗ୍ରେସ କହିଛି।

ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ମଧ୍ୟ ଚମ୍ବ ଓ ରାମଗଡ଼ ନିର୍ବାଚନମଣ୍ଡଳୀରେ ରାଲି କରିବାର କାର୍ଯ୍ୟକ୍ରମ ଥିଲା, କିନ୍ତୁ ଶୁକ୍ରବାର ତାଙ୍କ ହେଲିକପ୍ଟରରେ ବୈଷୟିକ ତ୍ରୁଟି ଦେଖାଦେଇଥିଲା। ଜମ୍ମୁ-କଶ୍ମୀର କଂଗ୍ରେସ କମିଟି (ଜେକେପିସିସି)ର ମୁଖ୍ୟ ମୁଖପାତ୍ର ରବୀନ୍ଦ୍ର ଶର୍ମା କହିଛନ୍ତି, ଆମେ ପ୍ରଶାସନଠାରୁ ସ୍ପଷ୍ଟୀକରଣ ଚାହୁଁଛୁ। ପ୍ରିୟଙ୍କା ଗାନ୍ଧିଙ୍କ ବିଲାଓ୍ୱାର ରାଲିକୁ ପ୍ରଶାସନ ବାଧା ଦେଇଛି। ତେଣୁ ଘଟଣାର ତଦନ୍ତ ଦାବି କରିବାକୁ ନିର୍ବାଚନ କମିଶନଙ୍କୁ ସେ ଅନୁରୋଧ କରିଛନ୍ତି। ସେପଟେ ବିଷ୍ଣାହରେ ରାଲିକୁ ସମ୍ବୋଧିତ କରି ପ୍ରିୟଙ୍କା ଗାନ୍ଧି ବିଜେପିକୁ ଟାର୍ଗେଟ କରିଛନ୍ତି । ଗତ ୧୦ ବର୍ଷ ମଧ୍ୟରେ ବିଜେପି ଏହି ଅଞ୍ଚଳକୁ ସଙ୍କଟ ଭିତରକୁ ଠେଲି ଦେଇଛି ବୋଲି ସେ କହିଛନ୍ତି। କଂଗ୍ରେସ କଶ୍ମୀରର ମର୍ଯ୍ୟାଦା ଓ ସମ୍ମାନ ଫେରାଇ ଆଣିବ ବୋଲି ପ୍ରିୟଙ୍କା କହିଛନ୍ତି। ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ଫେରାଇ ଆଣିବା ସହ ୧୫୦ ବର୍ଷ ପୁରୁଣା 'ଦରବାର ମୁଭ୍' ପ୍ରଥାକୁ ପୁନର୍ଜୀବିତ କରିବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି। ବିଜେପି ଜମ୍ମୁ-କଶ୍ମୀରକୁ ନିଜର ଫାଇଦା ପାଇଁ ଏକ ରାଜନୈତିକ ଅସ୍ତ୍ର ଭାବେ ବ୍ୟବହାର କରିଛି ଏବଂ ଦେଶର ଅନ୍ୟାନ୍ୟ ସ୍ଥାନରେ ଏହାକୁ ନେଇ ଏକ ମାହୋଲ ସୃଷ୍ଟି କରିଛି। ବିଜେପି ସରକାର ଜମ୍ମୁ ଲୋକଙ୍କ ମାନ୍ୟତା, ଜମି ଓ ଚାକିରି ଅଧିକାର ଛଡ଼ାଇ ନେଇଛି ବୋଲି ଅଭିଯୋଗ କରିଛି କଂଗ୍ରେସ।

ସେହିପରି ପ୍ରିୟଙ୍କା ଗାନ୍ଧି ଉପରାଜ୍ୟପାଳ ମନୋଜ ସିହ୍ନାଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି। ଉପରାଜ୍ୟପାଳ ଏକଛତ୍ରବାଦ ଭଳି ଶାସନ କରୁଛନ୍ତି, ବିନା କୌଣସି ଉତ୍ତରଦାୟିତ୍ୱରେ ଜମ୍ମୁ-କଶ୍ମୀରକୁ ଲୁଟ୍ କରୁଛନ୍ତି। ବଡ଼ ବଡ଼ କର୍ପୋରେଟ୍ ହାଉସକୁ ସାହାଯ୍ୟ କରୁଛନ୍ତି। ବାହାରୁ ଆସିଥିବା ଲୋକମାନଙ୍କୁ ଶୋଷଣ କରୁଛନ୍ତି ଏବଂ ଯୁବକମାନେ ରୋଜଗାର ପାଇବା ପାଇଁ ସଂଘର୍ଷ କରୁଛନ୍ତି ବୋଲି ସେ କହିଛନ୍ତି।

ନସରଲ୍ଲାଙ୍କ ହତ୍ୟା ପରେ ଆତଙ୍କିତ ଇରାନ

ତେହେରାନ, ୨୯।୯: ଇସ୍ରାଏଲ ଏୟାରଷ୍ଟ୍ରାଇକରେ ଆତଙ୍କୀ ସଂଗଠନର ମୁଖ୍ୟ ହସନ୍ ନସରଲ୍ଲାଙ୍କ ମୃତ୍ୟୁ ପରେ ଲାଗିଛି ବଡ଼ ଝଟକା। ଏବେ ଭୟରେ ଇରାନ୍। ଲୁଚିଲେ ଇରାନ୍‌ର ଟପ୍ ନେତା। ଇସ୍ରାଏଲର ଘନ

ଖାମେନେଇଙ୍କ ଆତ୍ମଗୋପନ

ଘନ ଏୟାରଷ୍ଟ୍ରାଇକ୍ ଓ ନସରଲ୍ଲାଙ୍କ ହତ୍ୟା ପରେ ନିଜର ସୁପ୍ରିମ ଲିଡ଼ରଙ୍କ ଜୀବନ ପ୍ରତି ଇରାନକୁ ଚିନ୍ତା ଘାରିଛି। ଏଥିପାଇଁ ଇରାନ୍ ନିଜର ସର୍ବୋଚ୍ଚ ନେତା ଅୟାତୁଲ୍ଲା ଅଲ୍ଲି ଖାମେନେଇଙ୍କୁ ଏକ ସୁରକ୍ଷିତ ସ୍ଥାନକୁ ପଠାଇ ଦେଇଛି। ତାଙ୍କୁ ବଙ୍କର ଭିତରେ ଲୁଚାଇ ରଖାଯାଇଥିବା ସୂଚନା ମିଳିଛି। ତେହେରାନର

ଅଧିକାରୀ ରଏଟର୍ସକୁ ଦେଇଥିବା ସୂଚନା ମୁତାବକ ଖାମେନେଇଙ୍କୁ ଏକ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ତାଙ୍କୁ ଏକ ଗୁପ୍ତ ବଙ୍କର ଭିତରେ ଲୁଚାଇ ରଖାଯାଇଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ନସରଲ୍ଲାଙ୍କ ହତ୍ୟା ପରେ ପରବର୍ତ୍ତୀ ପଦକ୍ଷେପ ସ୍ଥିର କରିବାକୁ ଇରାନ ହେଜବୁଲ୍ଲା ଏବଂ ଅନ୍ୟାନ୍ୟ ଆଞ୍ଚଳିକ ପ୍ରକ୍ସି ଗୋଷ୍ଠୀ ସହ ଯୋଗାଯୋଗରେ ଅଛି।

ହାସନ ନସରଲ୍ଲାଙ୍କ ହତ୍ୟା ପରେ ଖାମେନେଇ କହିଛି ଯେ, ଆମେ ଲେବାନାନ ସହ ଅଛୁ। ଇସ୍ରାଏଲ ଅସ୍ତ୍ରହୀନ ଲୋକଙ୍କୁ ଟାର୍ଗେଟ କରୁଛି। ତା'ର ନିଷ୍ଠୁରତା ପୁଣି ଥରେ ବିଶ୍ୱ ସମ୍ମୁଖରେ ପ୍ରକାଶ ପାଇଛି। ବେରୁଟ ଆକ୍ରମଣରେ ମହିଳା ଓ ଶିଶୁଙ୍କୁ ଟାର୍ଗେଟ କରାଯାଇଛି। ଇସ୍ରାଏଲର ଅସ୍ତ୍ରହୀନ ଲୋକଙ୍କୁ ହତ୍ୟା କରିବା ତା'ର ବର୍ବରତା ପ୍ରକୃତିକୁ ପ୍ରମାଣ କରେ। ସୂଚନା ଅନୁସାରେ, ଲେବାନନ ରାଜଧାନୀ ବେରୁଟ୍ ର ଏକ ଗୁପ୍ତ ସ୍ଥାନରେ ରହୁଥିଲା ହସନ୍ ନସରଲ୍ଲା। ତେବେ ଇସ୍ରାଏଲର ଏୟାରଷ୍ଟ୍ରାଇକରେ ହସନ୍ ସହିତ ତା ଝିଅ ଜେନବର ଏବଂ ବହୁ ଆତଙ୍କୀଙ୍କର ମୃତ୍ୟୁ ଘଟିଛି। ଆକାଶମାର୍ଗରୁ ଘନ ଘନ ମିଜାଇଲ୍ ମାଡ଼ରେ ହେଜବୁଲ୍ଲାର ମୁଖ୍ୟାଳୟ ବିଧ୍ୱଂସ ହୋଇଯାଇଛି। ଲେବାନନ ପଟୁ ଇସ୍ରାଏଲ ଉପରେ ରକେଟ୍ ଆକ୍ରମଣର ଠିକ୍ ଦିନକ ପରେ, ଏଭଳି ଜବାବୀ କାର୍ଯ୍ୟାନୁଷ୍ଠାନ ନେଇଛି ଇସ୍ରାଏଲ୍ ସେନା। ହସନ୍ ନିହତ ହେବା ପରେ, ସେ ଆଉ ପୃଥିବୀରେ ଆତଙ୍କ ରଚିପାରିବ ନାହିଁ ବୋଲି ସୋସିଆଲ ମିଡିଆରେ କହିଛି ଇସ୍ରାଏଲ ଡିଫେନ୍ସ ଫୋର୍ସ। ୩୨ ବର୍ଷ ଧରି ହେଜବୁଲ୍ଲାର ମୁଖ୍ୟ ଥିବା ହସନର ମୃତ୍ୟୁ ପରେ ହେଜବୁଲ୍ଲାର ଏକପ୍ରକାର ମେରୁଦଣ୍ଡ ଭାଙ୍ଗିଯାଇଛି। ଇସ୍ରାଏଲ ଆକ୍ରମଣରେ ଏହି ଆତଙ୍କୀ ସଂଗଠନର ପ୍ରାୟ ସବୁ କମାଣ୍ଡର ମାନେ ମଧ୍ୟ ନିପାତ ହୋଇଯାଇଥିବାରୁ, ହସନ୍ ପରେ କିଏ ସଂଗଠନର ନେତୃତ୍ୱ ନେବ ତାକୁ ନେଇ ଭାଳେଣି ପଡ଼ିଛି।

ନ୍ୟୁଜିଲାଣ୍ଡର ଇନିଂସ ପରାଜୟ

ଗାଲେ, ୨୯।୯: ଦ୍ୱିତୀୟ ଇନିଂସରେ ଅପେକ୍ଷାକଅତ ଭଲ ବ୍ୟାଟିଂ ସତ୍ତ୍ୱେ ନ୍ୟୁଜିଲାଣ୍ଡ ଏଠାରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟରେ ଶ୍ରୀଲଙ୍କାଠାରୁ ଇନିଂସ ଓ ୧୫୪ ରନ ବ୍ୟବଧାନରେ ପରାଜିତ ହୋଇଛି। ପ୍ରଥମ ଇନିଂସରେ ଶ୍ରୀଲଙ୍କାର ଶ୍ରୀଲଙ୍କା ୫ ୱିକେଟ ହରାଇ ୬୦୨ ରନ ସଂଗ୍ରହ କରିଥିବା ବେଳେ ନ୍ୟୁଜିଲାଣ୍ଡ ମାତ୍ର ୮୮ ରନରେ ଅଲ ଆଉଟ ହୋଇ ଫଲୋଅନର ସମ୍ମୁଖୀନ ହୋଇଥିଲା। ପ୍ରଥମ ଇନିଂସର ଏହି ବ୍ୟାଟିଂ ବିପର୍ଯ୍ୟୟ ନ୍ୟୁଜିଲାଣ୍ଡ ପାଇଁ ମହଙ୍ଗା ପଡ଼ିଛି। ପ୍ରଥମ ଇନିଂସରେ ଘରୋଇ ଦଳଠାରୁ ୫୧୪ ରନ ପଛରେ ଥାଇ ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରିଥିବା ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଟମ ଲାଥାମ କାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ଏହା ପରେ କନୱେ ଏବଂ ୱିଲିୟମସନଙ୍କ ମଧ୍ୟରେ ଦ୍ୱିତୀୟ ୱିକେଟ ଯୋଡ଼ିରେ ୯୭ ରନ ସଂଗ୍ରହ ଫଳରେ ନ୍ୟୁଜିଲାଣ୍ଡ ପାଇଁ ଆଶା ସଞ୍ଚାର ହୋଇଥିଲା। କିନ୍ତୁ ପରେ ନ୍ୟୁଜିଲାଣ୍ଡର ନିୟମିତ ୱିକେଟ ପତନ ଜାରି ରହିଥିଲା। ଗତ କାଲି ଖରାପ ଆଲୋକ ଯୋଗୁ ଖେଳ ବନ୍ଦ ହେବା ବେଳକୁ ନ୍ୟୁଜିଲାଣ୍ଡ ଏହାର ଦ୍ୱିତୀୟ ଇନିଂସରେ ୧୯୭ ରନରେ ୫ଟି ୱିକେଟ ହରାଇ ନିଶ୍ଚିତ ପରାଜୟର ସମ୍ମୁଖୀନ ହୋଇଥିଲା। ଆଜି ସମୁଦାୟ ୮୧.୪ ଓଭରରେ ୩୬୦ ରନ କରି ଆଉଟ ହୋଇଯାଇଥିଲା। ନ୍ୟୁଜିଲାଣ୍ଡ ପକ୍ଷରୁ ଦ୍ୱିତୀୟ ଇନିଂସରେ ଗ୍ରୀନ ଫିଲିପ୍ସ ସର୍ବାଧିକ ୭୮, ସାଣ୍ଟନର ୬୭, ବ୍ଲଣ୍ଡେଲ ୬୦ ଏବଂ କନୱେ ୬୧ ରନ ସଂଗ୍ରହ କରିଥିଲେ। ଦ୍ୱିତୀୟ ଇନିଂସରେ ଦଳର ୪ଜଣ ଅର୍ଦ୍ଧଶତକ ହାସଲ କରିଥିଲେ ମଧ୍ୟ ଦଳ ପରାଜୟ ଏଡ଼ାଇବାକୁ ସମର୍ଥ ହୋଇପାରିନଥିଲା। ଶ୍ରୀଲଙ୍କା ପକ୍ଷରୁ ଜୟସବୁରିଆ ଦ୍ୱିତୀୟ ଇନିଂସରେ ୩ଟି ୱିକେଟ ସହ ମ୍ୟାଚରେ ମୋଟ ୯ଟି ଏବଂ ଫେରିସ ଦ୍ୱିତୀୟ ଇନିଂସରେ ୬ଟି ୱିକେଟ ଦଖଲ କରିଥିଲେ। ଶ୍ରୀଲଙ୍କା ପ୍ରଥମ ଇନିଂସରେ ଅପରାଜିତ ୧୮୨ ରନ ସଂରଗହ କରିଥିବା କାମିନ୍ଦୁ ମେଣ୍ଡିସଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଏବଂ ସିରିଜରେ ସର୍ବାଧିକ ୧୮ଟି ୱିକେଟ ନେଇଥିବା ଜୟସୁରିୟାଙ୍କୁ ମ୍ୟାନ ଅଫ ଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା।

ବିନା ବର୍ଷାରେ ତୃତୀୟ ଦିନ ବି ଧୋଇଗଲା

କାନପୁର, ୨୯।୯: ଭାରତ-ବାଂଲାଦେଶ ଦ୍ୱିତୀୟ ଟେଷ୍ଟର ତିନିଦିନ ବିତିଯାଇଥିଲେ ବି ଖେଳରେ ମାତ୍ର ୩୫ ଓଭର ସମ୍ଭବ ହୋଇପାରିଛି। ପ୍ରଥମ ଦିନ ବାଂଲାଦେଶ ମାତ୍ର ୩୫ ଓଭର ବ୍ୟାଟିଂ କରି ୩ ୱିକେଟରେ ୧୦୭ ରନ ସଂଗ୍ରହ କରିଥିଲା। ଦ୍ୱିତୀୟ ଦିନ ବର୍ଷା ଯୋଗୁ ଖେଳ ଆଦୌ ସମ୍ଭବ ହୋଇପାରିନଥିଲା। ଆଜି ତୃତୀୟ ଦିନରେ ବର୍ଷା ସମ୍ପୂର୍ଣ୍ଣ ଛାଡ଼ି ଯାଇଥିଲେ ମଧ୍ୟ ପୂର୍ବ ଦିନର ବର୍ଷା ଯୋଗୁ ପଡ଼ିଆ ଖେଳ ପାଇଁ ଅନୁପଯୋଗୀ ହୋଇପଡ଼ିଥିଲା। ତେଣୁ ଅମ୍ପାୟାର ପଡ଼ିଆ ସ୍ଥିତି ଅନୁଧ୍ୟାନ କରିବା ପରେ ଆଜି ପାଇଁ ଖେଳ ସମ୍ପୂର୍ଣ୍ଣ ବାତିଲ ଘୋଷଣା କରିଥିଲେ। ଏହି ଟେଷ୍ଟରେ ଆଉ ମାତ୍ର ୨ ଦିନ ଖେଳ ବାକି ଥିବାରୁ ଏଥିରେ ଫଇସଲା ସମ୍ଭାବନା କ୍ଷୀଣ। ପ୍ରଥମ ଟେଷ୍ଟ ଜିତି ୧-୦ରେ ସିରିଜ ଅଗ୍ରଣୀ ଥିବା ଭାରତ ପାଇଁ ଏହା ଶକ୍ତ ଧକ୍କା ସଦୃଶ ହେବ। କାରଣ ବିଶ୍ୱ ଟେଷ୍ଟ ଚାମ୍ପିୟନସିପ ଫାଇନାଲରେ ପ୍ରବେଶ କରିବାକୁ ହେଲେ ଭାରତକୁ ଏହି ମ୍ୟାଚ ଜିତିବା ନିହାତି ଆବଶ୍ୟକ ଥିଲା। କାନପୁର ଗ୍ରୀନପାର୍କ ଷ୍ଟାଡିୟମରେ ସୁପର ସୋକର ନଥିବାରୁ ତୃତୀୟ ଦିନ ବର୍ଷା ସମ୍ପୂର୍ଣ୍ଣ ଛାଡ଼ି ଯାଇଥିଲେ ମଧ୍ୟ ଗୋଟିଏ ହେଲେ ବଲ ପଡ଼ିପାରିନଥିଲା। ଏଥିନେଇ ବିଭିନ୍ନ ମହଲରୁ ବିସିସିଆଇକୁ ସମାଲୋଚନା କରାଯାଇଛି।

ଆଇପିଏଲ୍ ୨୦୨୫

ଖେଳାଳିଙ୍କୁ ୨ ବର୍ଷର ବ୍ୟାନ୍ ଧମକ ଦେଲା ବିସିସିଆଇ

ନୂଆଦିଲ୍ଲୀ, ୨୯।୯: ଆଇପିଏଲ ୨୦୨୫ ମେଗା ଅକ୍ସନ ପୂର୍ବରୁ ବଡ଼ ପଦକ୍ଷେପ ନେଇଛି ବିସିସିଆଇ। ଖେଳାଳିଙ୍କୁ ବିସିସିଆଇ ଦେଇଛି ୨ ବର୍ଷର ବ୍ୟାନ ଚେତାବନୀ। ଯଦି କୌଣସି ଖେଳାଳି ଆଇପିଏଲରେ ନିଲାମ ହେବା ପରେ ବ୍ୟକ୍ତିଗତ କାରଣ ପାଇଁ ଟୁର୍ଣ୍ଣାମେଣ୍ଟରୁ ଓହରି ଯିବେ, ତା'ହେଲେ ସେମାନଙ୍କୁ ୨ ବର୍ଷ ପାଇଁ ବ୍ୟାନ କରାଯିବ ବୋଲି ବିସିସିଆଇ କହିଛି। ତେବେ ନିଲାମ ପରେ ଆହତ କିମ୍ବା ଅନ୍ୟ କୌଣସି ମେଡିକାଲ ଗ୍ରାଉଣ୍ଡରେ ଖେଳାଳିଙ୍କୁ ଟୁର୍ଣ୍ଣାମେଣ୍ଟରୁ ନାଁ ପ୍ରତ୍ୟାହାର ପାଇଁ ସୁଯୋଗ ମିଳିବ। ହେଲେ ଏଥିପାଇଁ ଘରୋଇ ବୋର୍ଡର ଅନୁମତି ଦରକାର ପଡ଼ିବ ବୋଲି ବିସିସିଆଇ ସ୍ପଷ୍ଟ କରିଛି।

ଅନେକ ସମୟରେ କିଛି ବିଦେଶ ଖେଳାଳି ନିଲାମ ପରେ ଆଇପିଏଲରୁ ନିଜ ନାଁ ବ୍ୟକ୍ତିଗତ କାରଣ ପାଇଁ ପ୍ରତ୍ୟାହାର କରିବାର ନଜିର ରହିଛି। ନିଲାମ ପରେ ଏପରି ପଦକ୍ଷେପ ଖେଳାଳିମାନେ ନେଉଥିବାରୁ ଫ୍ରାଞ୍ଚାଇଜମାନେ ଅଡୁଆରେ ପଡୁଥିଲେ। ସେମାନଙ୍କ ଟିମ କମ୍ବିନେସନରେ ମଧ୍ୟ ସମସ୍ୟା ଦେଖାଯାଉଥିଲା। ଏହାକୁ ଦୃଷ୍ଟିରେ ରଖି ବିସିସିଆଇ ଏପରି ପଦକ୍ଷେପ ଗ୍ରହଣ କରିଛି। ଏହାକୁ ଫ୍ରାଞ୍ଚାଇଜଙ୍କ ଠାରୁ ବରିଷ୍ଠ କ୍ରିକେଟମାନେ ସମର୍ଥନ କରିଛି। ଟିମ ଇଣ୍ଡିଆର ପୂର୍ବତନ କ୍ରିକେଟର ଇରଫାନ ପଠାନ ଏକ୍ସ ଯୋଗେ ବିସିସିଆଇର ବ୍ୟାନ ଚେତାବନୀକୁ ପ୍ରଶଂସା କରିଛନ୍ତି। ଶନିବାର ଆଇପିଏଲର ଗଭର୍ଣ୍ଣିଂ କାଉନସିଲ ବୈଠକ ବସିଥିଲା। ଏହି ବୈଠକରେ ନୂଆ ନିୟମ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହାକୁ ସବୁ ଫ୍ରାଞ୍ଚାଇଜ ସମର୍ଥନ କରିଥିଲେ। କାରଣ ନିଲାମ ପରେ କିଛି ଖେଳାଳି ନାଁ ପ୍ରତ୍ୟାହାର କରୁଥିବା ଉପଯୁକ୍ତ ବଦଳ ଖେଳାଳି ପାଇବାରେ ଟିମକୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି।

ଅନ୍ୟପକ୍ଷରେ ଆପିଏଲରେ ରିଟେନ ଖେଳାଳି ସୀମାକୁ ୫କୁ ବୃଦ୍ଧି କରାଯାଇଛି। ଗୋଟିଏ ଦଳ ସର୍ବାଧିକ ୫ ଖେଳାଳିଙ୍କୁ ନିଲାମ ପୂର୍ବରୁ ନିଜ ପାଖରେ ରଖି ପାରିବ। ସେହିପରି ରାଇଟ ଟୁ ମ୍ୟାଚ୍ କାର୍ଡ ମଧ୍ୟ ବ୍ୟବହାର କରିପାରିବ। ଯଦି କୌଣସି ଖେଳାଳିଙ୍କୁ ପୁରୁଣା ଫ୍ରାଞ୍ଚାଇଜ ନେବାକୁ ଚାହୁଁଛନ୍ତି, ତା'ହେଲେ ନିଲାମରେ ସେ ଯେତି ଟଙ୍କାରେ ବିକ୍ରି ହେବାକୁ ଯାଉଥିବେ ସେତିକି ଟଙ୍କା ଦେଇ କିଣି ପାରିବେ। ଏହାକୁ ଆରଟିଏମ କୁହାଯାଏ। ଏହାବାଦ ପୂର୍ବରୁ ଫ୍ରାଞ୍ଚାଇଜଗୁଡ଼ିକ ସର୍ବାଧିକ ୧୦୦ କୋଟି ଟଙ୍କା ବଳରେ ଖେଳାଳି କିଣୁଥିଲେ। କିନ୍ତୁ ଏବେ ଏହାକୁ ୧୨୦ କୋଟି ଟଙ୍କା କରାଯାଇଛି।

ଟ୍ରାକ୍‌କୁ ଫେରିଲା ଓଡ଼ିଶା ଏଫ୍‌ସି

କଳିଙ୍ଗରେ ଜାମ୍‌ସେଦ୍‌ପୁରକୁ ୨-୧ରେ ହରାଇଲା

ଭୁବନେଶ୍ୱର,୨୯।୯: ଚଳିତ ଆଇଏସ୍‌ଏଲ୍ (୨୦୨୪-୨୫)ରେ ଓଡ଼ିଶା ଏଫ୍‌ସି ଶନିବାର ପରାଜୟ ଧାରା ଭାଙ୍ଗି ଟ୍ରାକ୍‌କୁ ଫେରିଛି। ପ୍ରଥମ ଦୁଇ ମ୍ୟାଚ୍‌ରେ ପରାଜୟ ବରଣ କରିବା ପରେ ଚାପରେ ଥିବା ଏହି ଭୁବନେଶ୍ୱର ଭିତ୍ତିକ ଦଳ ଶନିବାର କଳିଙ୍ଗ ଷ୍ଟାଡିୟମ୍‌ରେ ଅନ୍ୟତମ ଶକ୍ତିଶାଳୀ ଜାମ୍‌ସେଦ୍‌ପୁର ଏଫ୍‌ସିକୁ ୨-୧ ଗୋଲ୍‌ରେ ପରାସ୍ତ କରି ପଏଣ୍ଟ୍ ଖାତା ଖୋଲିଛି। ଦୁଇ ତାରକା ଖେଳାଳି ଡିଏଗୋ ମୌରିସିଓ ଏବଂ ମୌର୍ତ୍ତଜା ଫଲ୍, ଜଗରନଟ୍ସକୁ ପ୍ରଥମାର୍ଦ୍ଧରେ ୨-୦ରେ ଆଗୁଆ ରଖିବା ପରେ ଦଳର ଆତ୍ମବିଶ୍ୱାସ ବଢ଼ିଥିଲା। ଅନ୍ୟପକ୍ଷରେ କ୍ରମାଗତ ବିଜୟ ସହ ଭୁବନେଶ୍ୱର ଆସିଥିବା ଜାମ୍‌ସେଦ୍‌ପୁର ଦଳ ପ୍ରଥମ ପରାଜୟ ବରଣ କରିଛି। ୨୦ ମିନିଟ୍‌ରେ ଇସାକଙ୍କ ଡ୍ରିବଲିଂ ପରେ ହ୍ୟୁଗୋ ବୌମସ୍‌ଙ୍କ ଜରିଆରେ ମୌରିସିଓଙ୍କ ସଟ୍ ଦେଇ ବଲ୍ ଜେଏଫ୍‌ସି ନେଟ୍ ଭିତରକୁ ଚାଲିଯାଇଥିଲା। ୪୨ତମ ମିନିଟ୍‌ରେ ପୁଣି ଥରେ ହ୍ୟୁଗୋ ବୌମସ୍‌ଙ୍କ କର୍ଣ୍ଣରରୁ ଆସିଥିବା ବଲ୍‌କୁ ମୌର୍ତ୍ତଦା ଫଲ୍ ସିଧା ନେଟ୍ ଭିତରକୁ ପଠାଇ ଦେଇଥିଲେ। ଦ୍ୱିତୀୟାର୍ଦ୍ଧର ୬୨ତମ ମିନିଟ୍‌ରେ ମୌର୍ତ୍ତଦାଙ୍କ ହେଡର୍ ନିଜ ଗୋଲ୍ ପୋଷ୍ଟ ଭିତରକୁ ଚାଲିଯିବାରୁ ଗୋଟିଏ ଗୋଲ୍ ବ୍ୟବଧାନ କମିଯାଇଥିଲା। ଏହା ପରେ ଉଭୟ ଦଳ ଆକ୍ରମଣ କରିଥିଲେ ମଧ୍ୟ ସ୍କୋର୍ ଲାଇନ୍ ବଦଳି ନଥିଲା। ମୌର୍ତ୍ତଦା ଫଲ୍ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ। ଶନିବାରର ଏହି ମ୍ୟାଚ୍ ପାଇଁ କିନ୍ତୁ କଳିଙ୍ଗ ଷ୍ଟାଡିୟମ୍‌ରେ ୮,୦୦୦ରୁ ଊର୍ଦ୍ଧ୍ୱ ଦର୍ଶକ ଉପସ୍ଥିତ ହୋଇଥିଲେ। ଓଡ଼ିଶା ଏଫ୍‌ସି ନିଜ ପରବର୍ତ୍ତୀ ମ୍ୟାଚ୍ କଳିଙ୍ଗ ଷ୍ଟାଡିୟମ୍‌ରେ ଅକ୍ଟୋବର ୩ରେ କେରଳ ବ୍ଲାଷ୍ଟର୍ସ ସହ ଖେଳିବ।

ଭାରତୀୟ ଟ୍ୱେଣ୍ଟି-୨୦ ଦଳରେ ମୟଙ୍କ

ନୂଆଦିଲ୍ଲୀ,୨୯।୯: ବାଂଲାଦେଶ ବିପକ୍ଷ ଟ୍ୱେଣ୍ଟି-୨୦ ଶୃଙ୍ଖଳା ପାଇଁ ୧୫ ଜଣିଆ ଭାରତୀୟ କ୍ରିକେଟ୍ ଦଳ ଘୋଷିତ ହୋଇଛି। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଘୋଷଣା ହୋଇଥିବା ଏହି ଦଳରେ ଦ୍ରୁତ ବୋଲର ମୟଙ୍କ ଯାଦବଙ୍କୁ ପ୍ରଥମ ଥର ଜାତୀୟ ଦଳର ଡକରା ମିଳିଛି। ଏଥିସହିତ ରହସ୍ୟମୟ ସ୍ପିନର ବରୁଣ ଚକ୍ରବର୍ତ୍ତୀ ଓ ୱିକେଟ୍‌ରକ୍ଷକ ଜିତେଶ ଶର୍ମା ମଧ୍ୟ ଜାତୀୟ ଦଳରେ ସ୍ଥାନ ପାଇପାରିଛନ୍ତି। ଶୃଙ୍ଖଳାର ପ୍ରଥମ ମ୍ୟାଚ୍ ଅକ୍ଟୋବର ୬ ତାରିଖରେ ଗ୍ୱାଲିୟର୍‌ରେ ଖେଳାଯିବ। ଦ୍ୱିତୀୟ ମ୍ୟାଚ୍ ୯ ତାରିଖରେ ଦିଲ୍ଲୀ ଓ ୧୨ ତାରିଖରେ ତୃତୀୟ ମ୍ୟାଚ୍ ହାଇଦ୍ରାବାଦ୍‌ରେ ଅନୁଷ୍ଠିତ ହେବ।

ଭାରତୀୟ ଦଳ: ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଅଭିଷେକ ଶର୍ମା, ସଂଜୁ ସାମ୍‌ସନ୍, ରିଙ୍କୁ ସିଂହ, ହାର୍ଦ୍ଦିକ ପାଣ୍ଡ୍ୟା, ରିୟାନ ପରାଗ, ନୀତେଶ କୁମାର ରେଡ୍ଡୀ, ଶିବମ୍ ଦୁବେ, ୱାସିଂଟନ୍ ସୁନ୍ଦର, ରବି ବିଷ୍ଣୋଇ, ବରୁଣ ଚକ୍ରବର୍ତ୍ତୀ, ଜିତେଶ ଶର୍ମା, ଅର୍ଶଦୀପ ସିଂହ, ହର୍ଷିତ ରାଣା, ମୟଙ୍କ ଯାଦବ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଝାଡ଼ଖଣ୍ଡ ...

ଆଦିବାସୀ ଚେହେରାକୁ କେନ୍ଦ୍ରୀୟ ନେତୃତ୍ୱ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦରେ ବସାଇଥିଲେ। ଏହାଦ୍ୱାରା ଓଡ଼ିଶା ରାଜନୀତି ହାତମୁଠାକୁ ଆସିବା ସହ ଝାଡ଼ଖଣ୍ଡ ରାଜନୀତି ବି ହଟଚମଟ ହୋଇପାରିବ। ସେ ଦୃଷ୍ଟିରୁ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କ ଗୁରୁଦାୟିତ୍ୱ ବଢ଼ି ଯାଇଛି। ତାଙ୍କୁ ଝାଡ଼ଖଣ୍ଡ ନିର୍ବାଚନରେ ତାରକା ପ୍ରଚାରକ କରିବ ବିଜେପି। ଖାଲି ସେତିକି ନୁହେଁ, ଓଡ଼ିଶା ନିର୍ବାଚନ ବେଳେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିବା ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କୁ ଝାଡ଼ଖଣ୍ଡ ପ୍ରଭାରୀ କରାଯାଇଥିବାରୁ ମୋହନ-ଶର୍ମା ଯୋଡ଼ି ବିଜେପି ପାଇଁ ଆଦିବାସୀ ଭୋଟ୍ ଯୋଗାଡ଼ିବେ। ୨୦ ପ୍ରତିଶତ ଆଦିବାସୀ ଭୋଟ୍ ଯଦି ବିଜେପି ପଟକୁ ଆସିବା ଥୟ ହେଲା, ତେବେ ଝାଡ଼ଖଣ୍ଡରେ ବିଜେପି ସରକାର କରିବାରୁ କେହି ରୋକିପାରିବେ ନାହିଁ ବୋଲି ରଣନୀତିକାରମାନେ କହୁଛନ୍ତି। ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ମାଝି ନିଜେ ଜଣେ ଆଦିବାସୀ ହୋଇଥିବାରୁ ଓ ତାଙ୍କ ଜିଲ୍ଲା କେନ୍ଦୁଝରକୁ ଝାଡ଼ଖଣ୍ଡ ସୀମା ଲାଗିଛି। କେନ୍ଦୁଝର ଜିଲ୍ଲା ମୁଖ୍ୟାଳୟ ଝାଡ଼ଖଣ୍ଡ ସୀମାଠାରୁ ମାତ୍ର ୫୦ କିଲୋମିଟର ଦୂର। ଦୁଇ ରାଜ୍ୟ ମଧ୍ୟରେ ଆଦିବାସୀ ସଂସ୍କୃତି ଆଦାନପ୍ରଦାନରେ କେନ୍ଦୁଝରର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଝାଡ଼ଖଣ୍ଡ-ଓଡ଼ିଶା ସୀମାନ୍ତରେ ଅନେକ ଓଡ଼ିଆ ଭୋଟର ମଧ୍ୟ ଅଛନ୍ତି। ଯେଉଁ କେନ୍ଦୁଝର ଆସନରୁ ମୋହନ ଜିତିକି ଆସିଛନ୍ତି ସେଠାରେ ମଧ୍ୟ ୪୫ ପ୍ରତିଶତ ଆଦିବାସୀ ଭୋଟର ଅଛନ୍ତି।

ଯେଉଁମାନଙ୍କର ଉଣା ଅଧିକେ ଝାଡ଼ଖଣ୍ଡ ସୀମାରେ ପ୍ରଭାବ ଓ ସମ୍ପର୍କ ରହିଛି।

ଏମିତିରେ ଜଣେ ଆଦିବାସୀ ଲୋକଙ୍କୁ ରାଜ୍ୟର ମୁଖ୍ୟମନ୍ତ୍ରୀ କରାଯିବା ଦ୍ୱାରା ପୁରା ଜନଜାତି ପ୍ରଭାବିତ ହୋଇଛି। ତେଣୁ ମୋହନ ଏବେ ଝାଡ଼ଖଣ୍ଡ ବିଜେପି ଡଙ୍ଗାର ପ୍ରମୁଖ ନାଉରି ହୋଇସାରିଛନ୍ତି। ଖାଲି ସେତିକି ନୁହେଁ, ଆଦିବାସୀ ନେତା ଜୁଏଲ୍ ଓରାମଙ୍କୁ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ନେବା ମଧ୍ୟ ସମାନ ରଣନୀତି। କହିବାବାହୁଲ୍ୟ, ଓଡ଼ିଶା ରାଜ୍ୟପାଳ ରଘୁବର ଦାସ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହୋଇଥିବାବେଳେ କିଛିଦିନ ତଳେ ଝାଡ଼ଖଣ୍ଡ ବିଜେପି ପ୍ରଭାରୀ ହିମନ୍ତ ବିଶ୍ୱଶର୍ମା ତାଙ୍କୁ ରାଜଭବନରେ ଭେଟିଥିଲେ। ଯଦିଓ ହିମନ୍ତ ବ୍ୟକ୍ତିଗତ କାମ ପାଇଁ ରାଜ୍ୟପାଳଙ୍କୁ ଭେଟିଥିଲେ ବୋଲି ଗଣମାଧ୍ୟମକୁ କହିଥିଲେ କିନ୍ତୁ ରଘୁବରଙ୍କୁ ବିଜେପି ପୁଣି ଝାଡ଼ଖଣ୍ଡ ରାଜନୀତିକୁ ଫେରାଇ ନେବାକୁ ରଣନୀତି କରୁଥିବା ଚର୍ଚ୍ଚା ହେଉଛି।

ଆସିଲେ ଦେବଦତ୍ତ...

ପରେ ଆଇପିଏସ୍ ସ୍ତରରେ ହୋଇଛି ଅଦଳବଦଳ। ଗୋଇନ୍ଦା ନିର୍ଦ୍ଦେଶକ, କ୍ରାଇମବ୍ରାଞ୍ଚ ଏଡିଜିଙ୍କ ଠାରୁ କଟକ-ଭୁବନେଶ୍ୱର ପୋଲିସ କମିଶନର ଏବଂ ଡିସିପି ପର୍ଯ୍ୟନ୍ତ ଅନେକ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ ଥିବା ଆଇପିଏସ୍‌ମାନଙ୍କୁ ବଦଳି କରାଯାଇଛି। ଏହି ଅଦଳବଦଳ ପ୍ରକ୍ରିୟାରେ ୫ ଓପିଏସ୍ ଏସ୍‌ପି ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି।

୧୯୯୮ ବ୍ୟାଚ୍ ସୁରେଶ ଦେବଦତ୍ତ ସିଂହଙ୍କୁ ପୋଲିସ କମିଶନର ଭାବେ ବଦଳି କରାଯାଇଥିବାବେଳେ ପୋଲିସ କମିଶନର ସଞ୍ଜୀବ ପଣ୍ଡାଙ୍କୁ ରାଜ୍ୟ ସରକାର ବିଜୁ ପଟ୍ଟନାୟକ ପୁଲିସ୍ ତାଲିମ କେନ୍ଦ୍ର (ବିପିଏସ୍‌ପିଏ) ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି।

ସେହିଭଳି ୧୯୮୮ ବ୍ୟାଚ୍ ଆଇପିଏସ୍ ଏକେ ରାୟଙ୍କୁ ଜେଲ୍ ବିଭାଗର ମହାନିର୍ଦ୍ଦେଶକ ଭାବେ ବଦଳି କରାଯାଇଥିବାବେଳେ ଗୃହ ବିଭାରେ ଓଏସ୍‌ଡି ଥିବା ୧୯୮୯ ବ୍ୟାଚ୍ ଆଇପିଏସ୍ ଏସଏମ ନରଭଣେଙ୍କୁ କଟକସ୍ଥ ସରକାରୀ ଛାପାଖାନାର ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି।

୧୯୯୩ ବ୍ୟାଚ୍ ଆଇପିଏସ୍ ବିନୟତୋଷ ମିଶ୍ରଙ୍କୁ କ୍ରାଇମବ୍ରାଞ୍ଚର ଏଡିଜି ଓ ୧୯୯୩ ବ୍ୟାଚ୍ ଆଇପିଏସ୍ ଆର ପି କୋଚେଙ୍କୁ ଗୋଇନ୍ଦା ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ପୋଲିସ ମୁଖ୍ୟାଳୟରେ ଥିବା ୧୯୯୫ ବ୍ୟାଚ୍ ଆଇପିଏସ୍ ରାଧା କ୍ରିଷ୍ଣ ଶର୍ମାଙ୍କୁ ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଥିବାବେଳେ ଗୁଇନ୍ଦା ନିର୍ଦ୍ଦେଶକ ଥିବା ୧୯୯୫ ବ୍ୟାଚ୍ ଆଇପିଏସ୍ ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ପୋଲିସ ଆଧୁନିକୀକରଣର ମହାନିର୍ଦ୍ଦେଶକ ଭାବେ ବଦଳି ହୋଇଛି।

୧୯୯୫ ବ୍ୟାଚ୍ ଆଇପିଏସ୍ ସନ୍ତୋଷ ବାଲାଙ୍କୁ ରାଜ୍ୟ ଫେରୋନସିକ୍ ଲାବରୋଟାରୀ ଏବଂ ଏସ୍‌ସିଆରବିର ନିର୍ଦ୍ଦେଶକ ଭାବେ ବଦଳି କରାଯାଇଥିବାବେଳେ କ୍ରାଇମବ୍ରାଞ୍ଚ ଏଡିଜି ଥିବା ୧୯୯୬ ବ୍ୟାଚ୍ ଆଇପିଏସ୍ ଅରୁଣ ବୋଥ୍ରାଙ୍କୁ ରେଳବାଇ ଏବଂ ତଟରକ୍ଷର ବାହିନୀକୁ ବଦଳି କରାଯାଇଛି।

୧୯୯୮ ବ୍ୟାଚ୍ ଆଇପିସଏସ୍ ଦୟାଲ ଗଙ୍ଗୱାରଙ୍କୁ ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଥିବାବେଳେ ୧୯୯୮ ବ୍ୟାଚ୍ ଆଇପିଏସ୍ ରାଜେଶ କୁମାରଙ୍କୁ ରାଜ୍ୟ ସଶସ୍ତ୍ର ବାହିନୀର ଏଡିଜିପି ଭାବେ ବଦଳି ହୋଇଛି। ୨୦୦୧ ବ୍ୟାଚ୍ ଆଇପିଏସ୍ ଏସ ସାଇନିଙ୍କୁ ସିଏଡବ୍ଲୁ ଏବଂ ସିଡବ୍ଲୁକୁ ବଦଳି କରାଯାଇଛି। ପୂର୍ବରୁ ସେ ଏହି ଦାୟିତ୍ୱରେ ଅତିରିକ୍ତ ଭାବେ ଥିଲେ। ୨୦୦୩ ବ୍ୟାଚ୍ ଆଇପିଏସ୍ ସଞ୍ଜୟ କୁମାର କୌଶଳଙ୍କୁ ଭିଜିଲାନ୍ସ ଆଇଜି ଭାବେ ବଦଳି କରାଯାଇଥିବାବେଳେ ୨୦୦୪ ବ୍ୟାଚ୍ ଆଇପିଏସ୍ ଦୀପକ କୁମାରଙ୍କୁ ଅଗ୍ନିଶମ ଓ ଗୃହରକ୍ଷୀ ଆଇଜି ଭାବେ ବଦଳି ହୋଇଛି।

୨୦୦୫ ବ୍ୟାଚ୍ ଆଇପିଏସ୍ ଜୟ ନାରାୟଣ ପଙ୍କଜଙ୍କୁ ଆଇଜି ଅପରେସନ ଭାବେ ବଦଳି କରାଯାଇଥିବାବେଳେ ୨୦୦୬ ବ୍ୟାଚ୍ ଆଇପିଏସ୍ ଅନୁପ କୁମାର ସାହୁଙ୍କୁ ବିଜୁ ପଟ୍ଟନାୟକ ପୁଲିସ୍ ତାଲିମ କେନ୍ଦ୍ରକୁ ବଦଳି କରାଯାଇଛି। ୨୦୦୭ ବ୍ୟାଚ୍ ଆଇପିଏସ୍ ଅଶ୍ୱିନି କୁମାର ଏସଏପି ର ଡିଆଇଜି ଭାବେ ବଦଳି କରାଯାଇଥିବାବେଳେ ୨୦୦୭ ବ୍ୟାଚ୍ ଆଇପିଏସ୍ ସାର୍ଥକ ଷଡଙ୍ଗୀଙ୍କୁ ବ୍ରହ୍ମପୁର ଡିଆଇଜି, ୨୦୦୭ ବ୍ୟାଚ୍ ଆଇପିସଏସ୍ ନୀତି ଶେଖରଙ୍କୁ କୋରାପୁଟ ଡିଆଇଜି ଭାବେ ବଦଳି କରାଯାଇଛି।

୨୦୦୮ ବ୍ୟାଚ୍ ଆଇପିଏସ୍ ଡକ୍ଟର ଉମାଶଙ୍କର ଦାଶଙ୍କୁ ଅତିରିକ୍ତ ପୋଲିସ କମିଶନର ଭାବେ ବଦଳି କରାଯାଇଥିବାବେଳେ ୨୦୦୮ ବ୍ୟାଚ୍ ଆଇପିଏସ୍ ଆର ପ୍ରକାଶଙ୍କୁ କ୍ରାଇମବ୍ରାଞ୍ଚ ଡିଆଇଜି ଭାବେ ବଦଳି କରାଯାଇଛି। ୨୦୦୮ ବ୍ୟାଚ୍ ଆଇପିଏସ୍ ସତ୍ୟଜିତ୍ ନାୟକଙ୍କୁ ଡିଆଇଜି ବାଲେଶ୍ୱର ବଦଳି କରାଯାଇଥିବାବେଳେ କେନ୍ଦ୍ରୀୟ ଡେପୁଟେସନରୁ ଫେରିଥିବା ୨୦୦୮ ବ୍ୟାଚ୍ ଆଇପିଏସ୍ ଅଖିଳେଶ୍ୱର ସିଂହଙ୍କୁ ଡିଆଇଜି ଅପରେସନ ଦାୟିତ୍ୱ ଦିଆଯାଇଛି।

୨୦୦୯ ବ୍ୟାଚ୍ ଆଇପିଏସ୍ ବ୍ରିଜେଶ କୁମାର ରାୟଙ୍କୁ ରାଉରକେଲା ଡିଆଇଜି, ୨୦୦୯ବ୍ୟାଚ୍ ଆଇପିଏସ୍ ଚରଣ ସିଂହ ମିନାଙ୍କୁ କେନ୍ଦ୍ରୀୟ ଡିଆଇଜି ଏବଂ କେନ୍ଦ୍ରୀୟ ଡେପୁଟେସନରୁ ଫେରିଥିବା ୨୦୧୦ବ୍ୟାଚ୍ ଆଇପିଏସ୍ ପାରୁଲ ଗୁପ୍ତାଙ୍କୁ ଡିଆଇଜି କମ୍ପ୍ୟୁଟର ଦାୟିତ୍ୱ ପ୍ରଦାନ କରାଯାଇଛି।

୨୦ଟି ଜିଲ୍ଲାର ଏସ୍‌ପିଙ୍କ ବଦଳି ହୋଇଛି। ବ୍ରହ୍ମପୁର ଓ ରାଉରକେଲାକୁ ମଧ୍ୟ ମିଳିଛନ୍ତି ନୂଆ ଏସ୍‌ପି। ଭରତପୁର ଥାନା ମାମଲାରେ ବଦନାମ ହୋଇଥିବା ଭୁବନେଶ୍ୱର ଡିସିପି ପ୍ରତୀକ ସିଂହ(୨୦୧୪ ବ୍ୟାଚ୍)ଙ୍କୁ କଟକ ଗ୍ରାମାଞ୍ଚଳ ଏସ୍‌ଭାବେ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ପୁରୀ ଏସ୍‌ପି ତଥା ୨୦୧୧ ବ୍ରାଚ୍ ଆଇପିଏସ୍ ପିନାକ ମିଶ୍ରଙ୍କୁ ଭୁବନେଶ୍ୱର ଡିସିପି ଭାବେ ନିଯୁକ୍ତ କରାଯାଇଛି। ଯାଜପୁର ଏସ୍‌ପି ଥିବା ୨୦୧୬ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ବିନିତ ଅଗ୍ରୱାଲଙ୍କୁ ପୁରୀ ଏସ୍‌ପି କରାଯାଇଛି। ଢେଙ୍କାନାଳ ଏସ୍‌ପି ଥିବା ୨୦୧୨ ବ୍ୟାଚ୍‌ର ଆଇପିଏସ୍ ଅଫିସର ମଡକର ସନ୍ଦୀପ ସମ୍ପଦଙ୍କୁ ଭଦ୍ରକ ଏସ୍‌ପି ଭାବେ ବଦଳି କରାଯାଇଛି। ଭଦ୍ରକ ଏସ୍‌ପି ବରୁଣ ଗୁଣ୍ଟୁପଲ୍ଲୀଙ୍କୁ ମୟୂରଭଞ୍ଜ ଏସ୍‌ପି ଭାବେ ବଦଳି କରାଯାଇଥିବା ବେଳେ ବାଲେଶ୍ୱର ଏସ୍‌ପି ସାଗରିକା ନାଥଙ୍କୁ ଖୋର୍ଦ୍ଧା ଜିଲ୍ଲା ଏସ୍‌ପି ଭାବେ ବଦଳି କରାଯାଇଛି।

ଦେବଗଡ଼ ଏସ୍‌ପି ଅନୁପମା ଜେମ୍ସଙ୍କୁ ଭିଜିଲାନ୍ସ ଏସ୍‌ପି ଭାବେ ବଦଳି କରାଯାଇଛି। ଜଗତସିଂହପୁର ଏସ୍‌ପି ଥିବା ରାହୁଲ ପିଆରଙ୍କୁ ମଧ୍ୟ ଭିଜିଲାନ୍ସ ଏସ୍‌ପି ଭାବେ ନୂଆ ଦାୟିତ୍ୱ ଦିଆଯାଇଛି। ଗଞ୍ଜାମ ଏସ୍‌ପି ଥିବା ୨୦୧୩ ବ୍ୟାଚ୍‌ର ଜଗମୋହନ ମୀନାଙ୍କୁ କଟକ ଡିସିପି ଭାବେ ବଦଳି କରାଯାଇଛି। କଟକ ଏସ୍‌ପି ଥିବା ଏଲ୍ ଦିବ୍ୟା ବି'ଙ୍କୁ ଭିଜିଲାନ୍ସ ଏସ୍‌ପି ଭାବେ ବଦଳି କରାଯାଇଛି।

ନୟାଗଡ଼ ଏସ୍‌ପି ଥିବା ୨୦୧୫ ବ୍ୟାଚ୍‌ର ଆଇପିଏସ୍ ଅଫିସର ରାହୁଲ ଜୈନଙ୍କୁ ଅନୁଗୋଳ ଏସ୍‌ପି ଭାବେ ବଦଳି କରାଯାଇଛି। ମୟୂରଭଞ୍ଜ ଏସ୍‌ପି ଏସ୍ ସୁଶ୍ରୀଙ୍କୁ ନୟାଗଡ଼ ବଦଳି କରାଯାଇଥିବା ବେଳେ ଗଜପତି ଏସ୍‌ପି ସ୍ୱାତୀ ଏସ୍ କୁମାରଙ୍କୁ ରାୟଗଡ଼ା, ମାଲକାନଗିରି ଏସ୍‌ପି ନୀତେଶ ୱାଧାନିଙ୍କୁ ରାଉରକେଲା, ବୌଦ୍ଧ ଏସ୍‌ପି ରାଜ ପ୍ରସାଦଙ୍କୁ ବାଲେଶ୍ୱର ଏସ୍‌ପି ଭାବେ ବଦଳି କରାଯାଇଛି। ଭିଜିଲାନ୍ସ ଏସ୍‌ପି ଥିବା ଡାକ୍ତର ଏସ୍. ବିବେକ ଏମ୍‌ଙ୍କୁ ବ୍ରହ୍ମପୁର ଏସ୍‌ପି ଭାବେ ବଦଳି କରାଯାଇଛି।

ପୁଲିସ ମୁଖ୍ୟାଳୟରେ ଏଆଇଜି ଥିବା ନାଗରାଜ ଦେବରକୋଣ୍ଡାଙ୍କୁ ବୌଦ୍ଧ ଏସ୍‌ପି ଭାବେ ବଦଳି କରାଯାଇଛି। କନ୍ଧମାଳ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ରଙ୍କୁ ଗଞ୍ଜାମ, ନବରଙ୍ଗପୁର ଏସ୍‌ପି ରୋହିତ ବର୍ମାଙ୍କୁ କୋରାପୁଟ, ସୋନପୁର ଏସ୍‌ପି ଯଶପ୍ରତାପ ଶ୍ରୀମଲଙ୍କୁ ଯାଜପୁର ଓ ରାୟଗଡ଼ା ଏସ୍‌ପି ହରିଶ ବି.ସିଙ୍କୁ କନ୍ଧମାଳ ଏସ୍‌ପି ଭାବେ ବଦଳି କରାଯାଇଛି।

ଏହି ଅଦଳବଦଳ ପ୍ରକ୍ରିୟାରେ ୫ ଜଣ ଓପିଏସ୍‌ଙ୍କୁ ଏସ୍‌ପି ଭାବେ ବଦଳି କରାଯାଇଛି। ଭୁବନେଶ୍ୱର-କଟକ ପୁଲିସ କମିଶନରେଟରେ ଅତିରିକ୍ତ ଡିସିପି ଥିବା ଓପିଏସ୍ ଅଫିସର ଅନୀଲ କୁମାର ମିଶ୍ରଙ୍କୁ ଦେବଗଡ଼ ଏସ୍‌ପି ଭାବେ ବଦଳି କରାଯାଇଛି। ରାଜ୍ୟ ପୁଲିସ ମୁଖ୍ୟାଳୟରେ ଥିବା ଓପିଏସ୍ ଅଫିସର ରାମ ପ୍ରସାଦ ସାହୁଙ୍କୁ ସୋନପୁର ଏସ୍‌ପି ଭାବେ ବଦଳି କରାଯାଇଛି। ଢେଙ୍କାନାଳ ଆଇୟୁସିଏଡବ୍ଲ୍ୟୁ ଅତିରିକ୍ତ ଏସ୍‌ପି ଥିବା ଭବାନୀ ଶଙ୍କର ଉଦଗାତାଙ୍କୁ ଜଗତସିଂହପୁର ଏସ୍‌ପି ଭାବେ ବଦଳି କରାଯାଇଛି। ରାଜ୍ୟ ପୋଲିସ ମୁଖ୍ୟାଳୟରେ ଏସ୍‌ପି ଥିବା ତଥା କଟକ ଏସ୍ଆରପି ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରୁଥିବା ଓପିଏସ୍ ଅଫିସର ମିହିର ପଣ୍ଡାଙ୍କୁ ନବରଙ୍ଗପୁର ଏସ୍‌ପି ଭାବେ ନୂଆ ଦାୟିତ୍ୱ ମିଳିଛି। ଶ୍ରୀଜଗନ୍ନାଥ ମନ୍ଦିରର ବରିଷ୍ଠ ପ୍ରଶାସକ (ସୁରକ୍ଷା) ଥିବା ଓପିଏସ୍ ଅଫିସର ଯତୀନ୍ଦ୍ର କୁମାର ପଣ୍ଡାଙ୍କୁ ଗଜପତି ଜିଲ୍ଲା ଏସ୍‌ପି ଭାବେ ବଦଳି କରାଯାଇଛି।

ତଡ଼ିପାର...

ମାରାଥନ ତଦନ୍ତ । ଗୁଇନ୍ଦା ରିପୋର୍ଟ ମୁତାବକ ପୂର୍ବ ସରକାରର ସର୍ବେସର୍ବା ଥିବା ପାଣ୍ଡିଆନଙ୍କ ଇସାରାରେ ମେଳି କରିଥିଲେ କିଛି ଅନୁଗତ। ଆଜି ବି ବିଜେଡି ହାଙ୍ଗଭର ନେଇ ରାଜଧାନୀରେ ୫ ବର୍ଷରୁ ଊର୍ଦ୍ଧ ସମୟ ଧରି ଥିବା ଖାକି ବାବୁ ଡିଜିପିଙ୍କୁ ଅଡୁଆରେ ପକାଇବାକୁ ଚାହୁଁଥିଲେ। କିନ୍ତୁ ଏ ଷଡଯନ୍ତ୍ରକୁ ଭଣ୍ଡୁର କରିବା ସହ ସେଦିନ ରିଜର୍ଭ ଗ୍ରାଉଣ୍ଡରେ ପୋଲିସ ବାବୁଙ୍କ ସାଇନ ମରା ରେଜିଷ୍ଟରକୁ ଡିଜିପି ଆଣି ନିଜ ପାଖରେ ରଖିଛନ୍ତି। ସମସ୍ତ ଗେଟ ଓ ଗ୍ରାଉଣ୍ଡ ନିକଟରେ ଥିବା ସିସିଟିଭି କୁ ମଧ୍ୟ ସିଜ କରାଯାଇଛି।

ଫିର୍ଦ୍ଦୋଷ...

କରିବାରେ କୁଆଡେ ସେ ଲାଗିପଡିଛନ୍ତି। ଅପରାଧୀଙ୍କୁ ପ୍ରଶ୍ରୟ ଦେଲେ ସେମାନେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିବେ ଓ ପରେ ଏଥିରୁ ଫାଇଦା ନେବେ ବଣ୍ଡୁ । କାରଣ ଭଣ୍ଡାରିପୋଖରୀରେ ଜିତିଥିଲେ ସୁଧା ଏବେବେ ବଣ୍ଡୁଙ୍କ ମନ ଭଦ୍ରକ ନିର୍ବାଚନମଣ୍ଡଳୀରେ ରହିଛି । ଭଦ୍ରକରେ ବିଜେପିର ବିଜୟ ହୋଇଥିବା ବେଳେ ସ୍ଥାନୀୟ ବିଧାୟକ ଓ ରାଜ୍ୟ ସରକାରଙ୍କୁ ବଦନାମ କରିବାକୁ ବଣ୍ଡୁ ଆପ୍ରାଣ ଉଦ୍ୟମ କରୁଥିବା ଜଣାପଡିଛି। ସ୍ଥାନୀୟ ଲୋକଙ୍କର କହିବାର କଥା ହେଉଛି, ଭାଇଚାରା ର ସହରକୁ ଏଭଳି କିଛି ରାଜନେତା ଅଶାନ୍ତ କରୁଛନ୍ତି । ତେଣୁ ତୁରନ୍ତ ତାଙ୍କୁ ତଦନ୍ତ ପରିସରଭୁକ୍ତ କରିବା ସହ ବାବୁଙ୍କ ଦୁର୍ନୀତି ସାମ୍ରାଜ୍ୟ ର ଖୋଲତାଡ଼ ପାଇଁ ଦାବି କରିଛନ୍ତି ପୁରୁଣା ବଜାର ର କିଛି ସାହି ମୁରବି।

ଅକ୍ଟୋବର ୯ରେ...

ଯୋଜନାରେ ପ୍ରଥମ ହିତାଧିକାରୀ ଓ କୋଟିଏ ନମ୍ବରରେ ଥିବା ମହିଳାଙ୍କୁ ସମ୍ବର୍ଦ୍ଧିତ କରିବେ ମୁଖ୍ୟମନ୍ତ୍ରୀ। ପ୍ରାୟ ୪୦ ଲକ୍ଷ ମହିଳାଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ସୁଭଦ୍ରା ଟଙ୍କା ମିଳିବ। ବର୍ତ୍ତମାନ ସୁଦ୍ଧା ୯୭ ଲକ୍ଷ ମହିଳା 'ସୁଭଦ୍ରା' ପାଇଁ ଆବେଦନ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୨୫ ଲକ୍ଷ ୧୧ ହଜାର ମହିଳାଙ୍କୁ ଟଙ୍କା ମିଳିଛି। ମାର୍ଚ୍ଚ ୮ ପୂର୍ବରୁ ସମସ୍ତ ଯୋଗ୍ୟ ମହିଳା ହିତାଧିକାରୀଙ୍କୁ 'ସୁଭଦ୍ରା' ଟଙ୍କା ମିଳିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଗତ ୧୭ ତାରିଖରେ ପ୍ରଥମ ପର୍ଯ୍ୟାୟରେ ୨୫ ଲକ୍ଷ ମହିଳାଙ୍କୁ ସୁଭଦ୍ରା ଟଙ୍କା ମିଳିଥିଲା।

ସୂଚନାଯୋଗ୍ୟ, ୧୭ ତାରିଖରେ ରାଜ୍ୟରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ ହୋଇଥିଲା। ଭୁବନେଶ୍ୱରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗ ଦେଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସରକାର ପ୍ରତି ବର୍ଷ ୨ଟି କିସ୍ତିରେ ୧ କୋଟି ଯୋଗ୍ୟ ମହିଳାଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ଦେବେ। ଏହିପରି ୫ ବର୍ଷରେ ସେମାନଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଦେବେ।

ବିଜେଡିକୁ...

ପୂରଣ ହୋଇଛି ତାହା ଏବେ ଯାଜପୁର ଲୋକ ଦେଖୁଛନ୍ତି । ଏବେ ବି ବିଜେଡି କହୁଛି ବିଜୁ ବାବୁଙ୍କ ସ୍ୱପ୍ନ ପୂରଣ କରିବ । ଏହି ସ୍ୱପ୍ନ ପୂରଣ ପାଇଁ କେତେ ଲାଗିଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କର ଆଜି ଏଭଳି ଶାଣିତ ଆକ୍ରମଣ ଯାଜପୁରର ଅନେକ ବିଜେଡି ନେତାଙ୍କ ମୁଖା ଖୋଲି ଦେଇଥିବା ବିଜେପି ଶିବିରରେ ଆଲୋଚନା ହେଉଛି ।

ପୂଜାରେ ...

ପରିମାଣ ବଢ଼ିବ। ଦୁଇଦିନ ହେଲା ବର୍ଷା ପରିମାଣ କମିଥିବା ବେଳେ ଅନେକ ସ୍ଥାନରେ ପାରଦ ଉପରମୁହାଁ ହୋଇଛି।

ଗତ ୨୪ ଘଣ୍ଟାରେ ରାଜ୍ୟର ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଥିବା ବେଳେ ଗଞ୍ଜାମ ଶେରଗଡ଼ରେ ସର୍ବାଧିକ ୪୧.୦ ମିମି ବର୍ଷା ରେକର୍ଡ ହୋଇଛି । ଭଦ୍ରକ ଜିଲ୍ଲା ଚାନ୍ଦବାଲିରେ ୨୬.୯ ମିମି, ନୂଆପଡ଼ାରେ ୨୪.୪ ମିମି, ମାଲକାନଗିରି ଚିତ୍ରକୋଣ୍ଡାରେ ୧୧.୦ ମିମି ନୟାଗଡ଼ ବରମୂଳ ଓ କନ୍ଧମାଳ ଚକାପାଦରେ ୧୦.୨ ମିମି ବର୍ଷା ରେକର୍ଡ କରାଯାଇଛି।

ବାଙ୍ଗାଲୋର ପ୍ରବାସୀଙ୍କ ସହିତ ଉପ ମୁଖ୍ୟମନ୍ତ୍ରୀଙ୍କ ବୈଠକ

ଭୁବନେଶ୍ୱର,୨୯।୯ (ସଂଚାର ବ୍ୟୁରୋ): ଓଡ଼ିଶାର ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବାଙ୍ଗାଲୋର ଠାରେ ଏକ ଉଚ୍ଚସ୍ତରୀୟ ବୈଠକରେ ବୌଦ୍ଧିକ ବ୍ୟକ୍ତିବୃନ୍ଦ, ଆଇ ଟି କମ୍ପାନୀ ମୁଖ୍ୟ, ବ୍ୟବସାୟୀବୃନ୍ଦ ଓ ସଙ୍ଗଠନ ପ୍ରମୁଖ ମାନଙ୍କ ସହିତ ଆଲୋଚନା କରିଥିଲେ । ସଂସ୍କୃତି ମନ୍ତ୍ରଣାଳୟ ଓ ଉପ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ତରଫରୁ ଅନୁରୋଧ କ୍ରମେ ଏଇ ଆଲୋଚନା କରାଯାଇ ଥିଲା। ବୌଦ୍ଧିକ ସମ୍ପ୍ରଦାୟକୁ ନେତୃତ୍ୱ କରିଥିଲେ ବାଙ୍ଗାଲୋର ଓଡ଼ିଆ ସାହିତ୍ୟ ସମାଜର ଅଧ୍ୟକ୍ଷ ଓ ଇସ୍ରୋର ବୈଜ୍ଞାନିକ ଡ଼ଃ ଶରତ ଚନ୍ଦ୍ର ଦାଶ । ନିଜର ସ୍ୱଳ୍ପ ସମୟ ରହଣି ମଧ୍ୟରେ ବାଙ୍ଗାଲୋର ଓ କର୍ଣ୍ଣାଟକର ଅନ୍ୟାନ୍ୟ ସ୍ଥାନ ମାନଙ୍କରେ ରହୁଥିବା ଓଡ଼ିଆ ମାନଙ୍କର ଅସୁବିଧା ଓ ଆବଶ୍ୟକତା ଗୁଡିକ ଉପରେ ପୁଙ୍ଖାନୁପୁଙ୍ଖ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ ଅନୁଷ୍ଠାନ ପ୍ରମୁଖ ସବୁ । ପରିଡ଼ା, ଅନ୍ୟ ରାଜ୍ୟରେ ଓଡ଼ିଆ ବ୍ୟବସାୟୀ ମାନଙ୍କର କାର୍ଯ୍ୟଭିତ୍ତିକ ଆବଶ୍ୟକତା, ତୃଣମୂଳ ସ୍ତରରେ ପ୍ରବାସରେ ରହୁଥିବା ଓଡ଼ିଆ ମାନଙ୍କର ଦୁଃଖ ଓ ବାହାରେ ରହୁଥିବା ଓଡ଼ିଆ ମାନଙ୍କର ଓଡ଼ିଶାର ବିକାଶରେ ଭାଗିଦାରୀ ବିଷୟରେ ଶୁଣିଥିଲେ ଓ ସରକାରଙ୍କ ତରଫରୁ କିଭଳି ଏହାକୁ ତ୍ୱରାନ୍ୱିତ କରିବା ସହିତ ମୁଖ୍ୟଧାରାରେ ସେମାନଙ୍କ ମିଶା ଯାଇ ପାରିବ ଏହା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଆଲୋଚନାରେ ଇସ୍ରୋର ବୈଜ୍ଞାନିକ ଡ଼ଃ ଶରତ ଚନ୍ଦ୍ର ଦାଶ, ଶୁଶ୍ରୁତିଟେକ୍ ପ୍ରମୁଖ ତାପସ ରାଜ୍ ମହାରଣା, ନିଭିସ୍କା ସିଷ୍ଟମ ପ୍ରମୁଖ ଦୁର୍ଯ୍ୟୋଧନ ମିଶ୍ର, ଭିଥ୍ରୀ ନେଟୱର୍କ ପ୍ରମୁଖ ଆଦିତ୍ୟ ପାଢ଼ୀ, ୱାଲାଜି ରୋଡ଼ୱେଜ ପ୍ରମୁଖ ଦଣ୍ଡହରି ମାଝୀ, ଆଇଓସିସ ପ୍ରମୁଖ ସୌମ୍ୟ ମହାରଣା ଓ ସୁନିତା ମହାରଣା, ଇନମୋବି ବର୍କ୍ସପେଶ ଭାରତ ତରଫରୁ ରବିନାରାୟଣ ତ୍ରିପାଠୀ, ସର୍ଜପୁରା ଜଗନ୍ନାଥ ମନ୍ଦିର ରୁ ଜୟ ଚନ୍ଦ୍ର ମୁନି, ହୋସାପେଟ ଓଡ଼ିଆ ସମାଜ ପ୍ରମୁଖ ମାନସ ରଞ୍ଜନ ଦାଶ, ଓମ ସାଇ ଓଡ଼ିଆ ସଂଘ ତରଫରୁ ପ୍ରଦୀପ କୁମାର ନାୟକ ପ୍ରମୁଖ ଭାଗ ନେଇଥିଲେ। ଅନେକ ବିଷୟ ଉପରେ ସମ୍ପୂର୍ଣ୍ଣ ଆଲୋଚନା ପାଇଁ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପୁଣିଥରେ ସମୟ ଦେବା ପାଇଁ ପ୍ରତିଶ୍ରୁତି ସହିତ କାର୍ଣ୍ଣାଟକରେ ଓଡ଼ିଆ ମାନଙ୍କର ଅସୁବିଧା ସବୁକୁ ସମାଧାନ ଦିଗରେ ସରକାର ପ୍ରଯତ୍ନଶୀଳ ରହିବ ବୋଲି ଜଣାଇଥିଲେ ।

ଜାତୀୟ ରାଜପଥରେ ଦୁର୍ଘଟଣା

ବସକୁ ଧକ୍କା ଦେଲା ଟ୍ରକ୍,୧୦ ଯାତ୍ରୀ ଆହତ

ଯୋଡା,୨୯।୯ (ସଂଚାର ବ୍ୟୁରୋ): ଚମ୍ପୁଆ ଥାନା ଏନ୍ଏଚ ୫୨୦ ବାସୁଦେବପୁର ନିକଟରେ ଯାତ୍ରୀବାହୀ ବସକୁ ଧକ୍କାଦେଲା ଟ୍ରକ୍,୧୦ରୁ ଅଧିକ ଆହତ । ଓଡ଼ି-୦୫ଟି- ୩୩୩୦ ନମ୍ବର 'ସମ୍ପର୍କ' ନାମକ ଏକ ଘରୋଇ ବସ୍ ଢେଙ୍କାନାଳରୁ ଟେନ୍ସା ଅଭିମୁଖେ ଯାଉଥିବା ବେଳେ,ଦିନ ପ୍ରାୟ ସାଢ଼େ ୧୧ ଟା ରେ ବାସୁଦେବପୁର ମେଡିକାଲ ଛକରେ ଦୁର୍ଘଟଣା ଘଟିଥିଲା । ବସଟି ରାସ୍ତା କଡ଼ରେ ଛିଡ଼ା କରି ପାସେଞ୍ଜର ଉଠାଇବା ସମୟରେ ଏକ ଓଡି- ୨୨ଯାଇ - ୫୮୬୮ ନମ୍ବର ହାଇୱା ଟ୍ରକ୍ ଦ୍ରୁତ ଗତିରେ ଆସି ବସ୍ ପଛ ପଟରେ ବାଡ଼େଇଥିଲା। ଫଳରେ ବସ୍ ରେ ଥିବା ୧୦ ରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି । ସ୍ଥାନୀୟ ଲୋକେ ଆହତ ମାନଙ୍କୁ ତୁରନ୍ତ ଉଦ୍ଧାର କରି ନିକଟସ୍ଥ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି । ଆହତଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ରହିଛି । ବସରେ ଥିବା ଯାତ୍ରୀ ବାସୁଦେବପୁର ଅଞ୍ଚଳର ସୁଲେଖା ବେହେରା, ମାଳତୀ ପାତ୍ର, ହରିହର ସାହୁ, ଯୋଡା ଅଞ୍ଚଳର ଚିକୁ ଦେହୁରୀ,ଆଲୋକ ଦେହୁରୀ,ଇନ୍ଦ୍ରଜିତ ଦେହୁରୀ, ଅସେଇଁକଳା ଅଞ୍ଚଳର ଚାନ୍ଦ ମଣି ବେହେରା,ଭାନୁମତୀ ବେହେରା,ପଞ୍ଚାନନ ବେହେରା,ବିଲେଇପଦା ଅଞ୍ଚଳର ଶିବାନୀ ଗୋପିନ, ଝାଡଖଣ୍ଡ ରାଜ୍ୟ ବନଗାଁ ଅଞ୍ଚଳର ମୁକ୍ତା ବେହେରା,କୁଞ୍ଜପଶି ଗ୍ରାମର ସୁରେଶ ବେହେରା ଓ ସୂର୍ଯ୍ୟମଣି ବେହେରାଙ୍କୁ ମିଶାଇ ପ୍ରାୟ ୧୦। ରୁ ଅଧିକ ଜଣ ଗୁରୁତର ଆହତ ହୋଇଥିଲେ ।ଆହତଙ୍କ ମୁଣ୍ଡ,ଛାତି,ଅଣ୍ଟା,ଗୋଡ଼,ହାତରେ ଗଭୀର ଆଘାତ ଲାଗିଥିବା ସ୍ୱାସ୍ଥ୍ୟ କେନ୍ଦ୍ର ସୂତ୍ରରୁ ଜଣାପଡ଼ିଛି। ଗୁରୁତର ମାନଙ୍କୁ କେନ୍ଦୁଝର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ଟ୍ରକ୍ ଡ୍ରାଇଭରଙ୍କ କହିବା କଥା ଧାମରାରୁ କୋଇଡ଼ା ଅଭିମୁଖେ ଯାଉଥିବା ବେଳେ,ଆଖି ଲାଗି ଯିବାରୁ ଦୁର୍ଘଟଣା ଘଟିଥିଲା ।

ରକ୍ତଦାନ ଶିବିର

ଭେଡେନ,୨୯।୯(ସଂଚାର ବ୍ୟୁରୋ): ଭେଡେନ ବ୍ଲକ ତାଲମେଣ୍ଡା ଗ୍ରାମ ପଂଚାୟତର ପାତ୍ରପାଲି -ଦେହେରିପାଲି ସେବାଶ୍ରମ ସ୍କୁଲ ଠାରେ ମାଁ ମାହେଶ୍ୱରୀ ସେନା ତରଫରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଥିଲା । ଏହି ଶିବିରକୁ ସ୍ଥାନୀୟ ସମାଜସେବୀ ସତ୍ୟାନନ୍ଦ ପାତ୍ର ଓ ବରଗଡ଼ ରକ୍ତଭଣ୍ଡାରର କାଉନସେଲର ଅମରଜିତ ମହାନ୍ତି ଫିତା କାଟି ଶୁଭାରମ୍ଭ କରିଥିଲେ । ଏହି ଶିବିରରେ ଜଣେ ମହିଳା ଓ ୨୪ ଜଣ ପୁରୁଷଙ୍କ ସମେତ ମୋଟ ୨୫ଜଣ ରକ୍ତଦାନ କରିଥିଲେ । ବରଗଡ଼ ରକ୍ତଭଣ୍ଡାରର ଟେକନିସିଏନ ଓ କର୍ମଚାରୀଙ୍କର ଦ୍ୱାରା ରକ୍ତ ସଂଗୃହିତ ହୋଇଥିଲା । ଏହି ରକ୍ତଦାନ ଶିବିର ରେ ମାଁ ମାହେଶ୍ୱରୀ ସେନାର ସମସ୍ତ ସଦସ୍ୟ, ଆନନ୍ଦ ସେବାଶ୍ରମ, ଅମୃତ କୁଟୁମ୍ ଓ ସେବା ଫାଉଣ୍ଡେସନର ସଦସ୍ୟ ମାନେ ଉପସ୍ଥିତ ରହି ସାହାଯ୍ୟ ସହଯୋଗ କରିଥିଲେ ।

ଶାରଦୀୟ ସାହିତ୍ୟ ଆସର

କୋଣାର୍କ,୨୯।୯(ସଂଚାର ବ୍ୟୁରୋ): କୋଣାର୍କ ନିକଟସ୍ଥ ବାମରା ଗ୍ରାମରେ ସତ୍ୟନାରାୟଣ ସାହିତ୍ୟ ସଂସଦ ପକ୍ଷରୁ ରବିବାର ଶାନ୍ତିବଟ ଗୁରୁକୁଳ ଆଶ୍ରମରେ ଶାରଦୀୟ ସାହିତ୍ୟ ଆସର ଓ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଗାୟକ ମଙ୍ଗରାଜ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଶିକ୍ଷାବିତ୍ ଶଶଧର ପଣ୍ଡା, ଶିକ୍ଷାବିତ୍ ମନମୋହନ ସ୍ୱାଇଁ, ପ୍ରସିଦ୍ଧ ବ୍ୟଙ୍ଗକବି ସମ୍ପଦ କୁମାର ରଥ, ପ୍ରଫେସର ପ୍ରଦୀପ ଶତପଥୀ, ଇଂ ଦିନେଶ କୁମାର ରଥ, ଅଧ୍ୟାପକ ପ୍ରଶାନ୍ତ ଶତପଥୀ, ଅଧ୍ୟାପକ ଅଭୟ କୁମାର ମହାରଣା, ଡଃ ରଜନୀ ରଣସିଂହ ଓ ଗାୟକ ତ୍ରିଲୋଚନ ନାୟକ ପ୍ରମୁଖ ଯୋଗ ଦେଇ ଓଡ଼ିଆ ସାହିତ୍ୟରେ କବିସମ୍ରାଟ ଉପେନ୍ଦ୍ରଭଞ୍ଜ ଙ୍କ ଉପରେ ଆଲୋଚନା ଚକ୍ରରେ ଆଲୋକପାତ କରିଥିଲେ। ଶିକ୍ଷାବିତ୍ ମନମୋହନ ସ୍ୱାଇଁ, ପ୍ରସିଦ୍ଧ ବ୍ୟଙ୍ଗକବି ସମ୍ପଦ କୁମାର ରଥ, ଶିକ୍ଷାବିତ୍ ସୌଦାମିନୀ ଦାଶ, ପ୍ରଫୁଲ୍ଲ କୁମାର ଷଡଙ୍ଗୀ, ସୁକାନ୍ତ ଚରଣ ଖୁଣ୍ଟିଆ, ଗୋବିନ୍ଦ ଚନ୍ଦ୍ର ଫାରୁକ, ଶିକ୍ଷୟତ୍ରୀ ଦୀପ୍ତି କୁମାରୀ ମହାନ୍ତି, କବୟିତ୍ରୀ କଳ୍ପନା କଳ୍ପଲତା ବିଶ୍ୱାଳଙ୍କ ସଂଯୋଜନାରେ ୫୦ରୁ ଉର୍ଦ୍ଧ୍ୱ କବି ଓ କବୟିତ୍ରୀ କବିତା ପାଠ କରିଥିଲେ। ଏହି ଅବସରରେ ବିଶିଷ୍ଟ ସାରସ୍ୱତ ସାଧକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ତେଜୁଛି ଜିଲ୍ଲା ଭିତ୍ତିକ ନିଯୁକ୍ତି ଦାବି

ନବରଙ୍ଗପୁର,୨୯।୯(ସଂଚାର ବ୍ୟୁରୋ): ଗଣଶିକ୍ଷା ମନ୍ତ୍ରୀଙ୍କ ଜିଲାରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାକୁ ନେଇ ଉତ୍ତେଜନା ଦେଖାଦେଇଛି। ଦ୍ୱିତୀୟ ଦିନରେ ଆନ୍ଦୋଳନ ପହଞ୍ଚିଛି।ଚୁକ୍ତିପତ୍ର ଦେବାକୁ ଆସିଥିବା ଅନ୍ୟ ଜିଲାର ପିଲାଙ୍କୁ ଘଉଡା ଯାଉଛି। ଆଧାର ଓ ଅନ୍ୟ ପରିଚୟପତ୍ର ଯାଞ୍ଚ କରି ଆନ୍ଦୋଳନକାରୀ ନବରଙ୍ଗପୁର ଜିଲାର ପିଲାଙ୍କୁ ଭିତରକୁ ଛାଡୁଥିଲେ।ସ୍ଥାନୀୟ ମିଶନ ଶକ୍ତି ସ୍ୱଭାଗୃହରେ ସମଗ୍ର ଶିକ୍ଷା ବିଭାଗ ପକ୍ଷରୁ କନିଷ୍ଠ ଶିକ୍ଷକଙ୍କ ପଦବୀ ପାଇଁ ଚୁକ୍ତିପତ୍ର ଗ୍ରହଣ ପ୍ରକ୍ରିୟା ପ୍ରଥମ ପର୍ଯ୍ୟାୟ ଆରମ୍ଭ ହୋଇଥିଲା । ଶନିବାର ଦ୍ୱିତୀୟ ପର୍ଯ୍ୟାୟ ଚୁକ୍ତିପତ୍ର ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। କେବଳ ଅବିଭକ୍ତ କୋରାପୁଟ ଜିଲାର ପିଲା ବ୍ୟତୀତ ଅନ୍ୟ ଜିଲାର ପିଲା ବାହାରକୁ ଚାଲି ଯିବାକୁ ଚେତାବନୀ ଦେଇଥିଲେ ଆନ୍ଦୋଳନକାରୀ । ଏନେଇ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ଆଇନଶୃଙ୍ଖଳା ପରିସ୍ଥିତିକୁ ଦେଖି ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ନବରଙ୍ଗପୁର ଜିଲା ପାଇଁ ୮୬୦ ପ୍ରାର୍ଥୀ ଚାକିରି ପାଇଥିବା ବେଳେ ଆଜି ୪୭୮ ପିଲାଙ୍କୁ ଡକା ଯାଇଥିଲା। ୪୦୯ ଚୁକ୍ତିପତ୍ର ପ୍ରଦାନ କରାଯାଇଛି । ଶନିବାର ୩୮୨ ପିଲାଙ୍କୁ ଡକାଯାଇଥିବା ବେଳେ ୬୩ ଜଣ ଚୁକ୍ତିପତ୍ର ପ୍ରଦାନ କରିବାରେ ସୁଯୋଗ ପାଇଥିଲେ। ରାଜ୍ୟ ଭିତ୍ତିକ ନିଯୁକ୍ତି ପ୍ରକ୍ରିୟା ବନ୍ଦ କରି ଜିଲା ଭିତ୍ତିକ ନିଯୁକ୍ତି କରାଯାଉ ବୋଲି ଦାବି ରଖିଥିଲେ ବିଭିନ୍ନ ସଙ୍ଗଠନର ସଦସ୍ୟ ଓ କର୍ମକର୍ତ୍ତା। ପୂର୍ବାହ୍ନ ୯ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ମୁଖ୍ୟ ଫାଟକ ସମ୍ମୁଖରେ ବସିଥିଲେ। ଜିଲା ଭିତ୍ତିକ ନିଯୁକ୍ତି ଦାବି ତେଜୁବାରେ ଲାଗିଛି। ଆନ୍ଦୋଳନରେ ପିସିସି ଉପସଭାପତି ମୁନା ତ୍ରିପାଠୀ, ଅବଦୁଲ ଫିରୋଜ, ଜିଲା କଂଗ୍ରେସ ସଭାପତି ତଥା ପୂର୍ବତନ ବିଧାୟକ ଭୁଜବଳ ମାଝୀ, ଓଡ଼ିଶା ଆଦିବାସୀ ଅଧିକାର ମଞ୍ଚ ଜିଲା ସଭାପତି ରାଜେଶ ଯାନୀ, ଦକ୍ଷିଣ ଓଡ଼ିଶା ଆଦିବାସୀ ମହାସଂଘ ସଭାପତି ଅର୍ଜୁନ ଭତରା, ଜନଜାତି ସୁରକ୍ଷା ମଞ୍ଚ ଉପସଭାପତି ରତନ ମାଝୀ, ଜିତୁ ଜାନୀ, ନବରଙ୍ଗପୁର ବ୍ଲକ ସଭାପତି ଗୁରୁବନ୍ଧୁ ଗଦବା, ଅନୁସୂଚିତ ଜାତି (ଏସସି) ସଙ୍ଘ ସମ୍ପାଦକ ଭଗବାନ ବୈରାଗୀ, ଜଗନାଥ ବଘେ ପ୍ରମୁଖ ଉପସ୍ଥିତ ଥିଲେ।

ଭାରସାମ୍ୟ ହରାଇ ଘରକୁ ପଶିଗଲା କାର:୨ ଆହତ

ସୁବର୍ଣ୍ଣପୁର,୨୯।୯(ସଂଚାର ବ୍ୟୁରୋ): ଭାରସାମ୍ୟ ହରାଇ ଘରକୁ ପଶିଗଲା ବେଲେନୋ (କାର)ଗାଡି । ଯାହାର ନମ୍ବର OD ୩୩Z ୮୭୫୭। ଏହି ଘଟଣାରେ ପରିବାରର ଦୁଇ ଜଣ ଆହତ ହୋଇଥିବା ଜଣାପଡିଛି। ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନା ସଂସାମୁରା ଛକରେ ଘଟଣାଟି ଘଟିଛି । ମହାଦେବପାଲି ଫାଣ୍ଡି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ କାରକୁ ଜଗିଛି। ବିନିକା ଥାନା ପୁଲିସ ପହଞ୍ଚି ବା ପରେ ମାଜଷ୍ଟ୍ରେଟଙ୍କ ଉପସ୍ଥିତିରେ ଗାଡିକୁ ଖୋଲାଯିବ ବୋଲି ସୂଚନା ମିଳୁଛି। ପରିବାରର ଦୁଇଜଣ ସାମାନ୍ୟ ଆହତ ହୋଇଥିବା ବେଳେ ତାଙ୍କୁ ଚିକିତ୍ସା କରିବା ପାଇଁ ଡାକ୍ତରଖାନା କୁ ନିଆଯାଇଛି ।

ପ୍ରଧାନମନ୍ତ୍ରୀଙ୍କ ମନ କି ବାତ କାର୍ଯ୍ୟକ୍ରମ



ବାଲିଅନ୍ତା,୨୯।୯(ସଂଚାର ବ୍ୟୁରୋ): ଜୟଦେବ ନିର୍ବାଚନ ମଣ୍ଡଳୀର ବାଳକାଟି ମଣ୍ଡଳ ପକ୍ଷରୁ ସତ୍ୟଭାମା ପୁର ଗ୍ରାମ ପଞ୍ଚାୟତର ଗୋତଳ ବିନ୍ଧା ଗ୍ରାମ ଠାରେ ପ୍ରଧାନମନ୍ତ୍ରୀଙ୍କ ମନ କି ବାତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି, ଏହି କାର୍ଯ୍ୟକ୍ରମ ରେ ସଦସ୍ୟତା ପ୍ରଭାରୀ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାସ, ରାଜ୍ଯ ସାଧାରଣ ସମ୍ପାଦକ ସାରଦା ଶତପଥୀ ଓ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ଡଃ ଅରବିନ୍ଦ ଢାଲି ପ୍ରମୁଖ ଯୋଗଦେଇ ଥିଲେ। ଏହି ପରିପ୍ରେକ୍ଷୀରେ ମା ପାଇଁ ଗଛ ଟିଏ କାର୍ଯ୍ୟକ୍ରମ ରେ ବୃକ୍ଷରୋପଣ କରିବା ସହିତ ସଦସ୍ୟତା ଅଭିଯାନକୁ କିପରି ଭାବରେ ଅଧିକ୍ ହୋଇପାରିବ ଆଲୋଚନା କରାଯାଇଥିଲା।

ମୌଳିକ ସୁବିଧାରୁ ବଞ୍ଚିତ ଖମାରସାହିର ୧୫ ପରିବାର

ରାଜନଗର,୨୯।୯(ସଂଚାର ବ୍ୟୁରୋ): ରାଜନଗର ବ୍ଲକ ଘଡିଆମାଳ ପଞ୍ଚାୟତ ଖମାରସାହି ଗାଁର ୧୫ ପରିବାର ହୀନସ୍ତା ଅବସ୍ଥାରେ ଦିନ କାଟୁଛନ୍ତି। ଏହି ପଞ୍ଚାୟତର ଦାରୁଓରା ଗାଁରେ ବେଚ୍ଛପରି ମୌଜା (ହାମଲେଟ ଭିଲେଜ) ଖମାରସାହି। ଏହି ଗାଁରେ ୧୫ ପରିବାର ରହୁଛନ୍ତି। ଦାରୁଓରା ଗାଁ ଶେଷ ମୁଣ୍ଡରୁ ୫ଶହ ମିଟର ଯାଏଁ କାଦୁଅ ରାସ୍ତାରେ ଏହି ୧୫ ପରିବାର ଯାଆସ କରୁଛନ୍ତି। କାଦୁଅ ରାସ୍ତାର ଆଣ୍ଠୁଏ ପଙ୍କରେ ବଡଲୋକଙ୍କ ସମେତ ବିଦ୍ୟାଳୟକୁ ଶିଶୁମାନେ ଆସୁଛନ୍ତି। ଗାଁ ଠୁଁ ୧ କିମି ଦୂର ଘଡିଆମାଳସ୍ଥିତ ସିଦ୍ଧେଶ୍ୱର ନୋଡାଲ ବିଦ୍ୟାଳୟକୁ ଛୋଟ ଛୋଟ ଶିଶୁମାନେ କାଦୁଅରେ ଆସୁଥିବାର ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳୁଛି। ଏପରିକି ମାଆମାନେ ପିଲାମାନଙ୍କୁ ପିଠିରେ ବୋହି କାଦୁଅ ରାସ୍ତା ପାର କରାଉଛନ୍ତି। କାଦୁଅ ରାସ୍ତାରେ ମୋରମ ଟିକେ ପକାଇବା ପାଇଁ ଗ୍ରାମବାସୀମାନେ ବ୍ଲକ ପ୍ରଶାସନ ଓ ସରପଞ୍ଚଙ୍କୁ ବାରମ୍ବାର ନେହୁରା ହୋଇଥିଲେ ମଧ୍ୟ ପ୍ରଶାସନ ସେମାନଙ୍କ ଦୁଃଖ ଶୁଣୁନଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରିକି ୧୫ ପରିବାର ପାଣି ଟୋପେ ପାଇଁ ଏହି କାଦୁଅ ରାସ୍ତାରେ ଦାରୁଓରା ଆସି ପାଣି ନେଉଛନ୍ତି। ଗାଁ ରେ ନଳକୂପ ବସାଇବା ସହିତ ରାସ୍ତା ନିର୍ମାଣ କରିବାକୁ ଦାବି କରିଛନ୍ତି।

ବାର୍ହା ଆକ୍ରମଣରେ ବୟସ୍କ ବ୍ୟକ୍ତି ଗୁରୁତର



ନୟାଗଡ଼,୨୯।୯ (ସଂଚାର ବ୍ୟୁରୋ): ବାର୍ହା ଆକ୍ରମଣରେ ଜଣେ ଗୁରୁତର। ଗୁରୁତର କୁରାଳ ଗାଁର ଅଭିମନ୍ୟୁ ବିଶ୍ୱାଳ ନୟାଗଡ ମେଡିକାଲରେ ଭର୍ତ୍ତି । ଆଜି ସକାଳୁ ଅଭିମନ୍ୟୁ ବିଲକୁ ସାର ପକାଇବାକୁ ଯାଉଥିବାବେଳେ ହଠାତ୍ ଏକ ଦନ୍ତା ବାର୍ହା ଆକ୍ରମଣ କରିଥିଲା। ଅଭିମନ୍ୟୁଙ୍କ ମୁଣ୍ଡ , ମୁହଁ , ଗୋଡ , ହାତ ଆଦି ଶରୀରରେ ବିଭିନ୍ନ ଭାଗକୁ ଆକ୍ରମଣ କରି ଗୁରୁତର କରିଛି ବାର୍ହା । ବିଲରେ କାମ କରୁଥିବା ଅନ୍ୟ ଲୋକମାନେ ଅଭିମନ୍ୟୁଙ୍କୁ ଉଦ୍ଧାର କରି ପ୍ରଥମେ ଓଡଗାଁ ଏବଂ ପରେ ନୟାଗଡ ମେଡିକାଲ କୁ ଆଣିଥିଲେ ।

ବାଣୀବିହାର ଇତିହାସ ବିଭାଗ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



କେନ୍ଦ୍ରାପଡ଼ା,୨୯।୯(ସଂଚାର ବ୍ୟୁରୋ): ୧୯୭୭ ମସିହା ବାଣୀବିହାରରେ ଇତିହାସ ପଢ଼ିଥିବା ଛାତ୍ରଛାତ୍ରୀମାନଙ୍କର ଏକ ବନ୍ଧୁମିଳନ ଉତ୍ସବ ମହାସମାରୋହରେ କେନ୍ଦ୍ରାପଡ଼ାରେ ସେପ୍ଟେମ୍ବର ୨୫ତାରିଖରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର କୈଳାସ ଚନ୍ଦ୍ର ବରାଳଙ୍କ ସୌଜନ୍ୟରେ ଏହି କାର୍ଯ୍ୟକ୍ରମ ଏକ ମନୋଜ୍ଞ ପରିବେଶ ମଧ୍ୟରେ କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ବଳଦେବଜୀଉଙ୍କ ମନ୍ଦିର ପରିସରରେ ଆୟୋଜିତ ହୋଇଥିଲା। ସମସ୍ତ ପୁରାତନ ଛାତ୍ରଛାତ୍ରୀ ମନ୍ଦିରକୁ ଯାଇ ବଳଦେବଜୀଉଙ୍କୁ ଦର୍ଶନ କରି ଆଶିଷ ଭିକ୍ଷା କରିଥିଲେ। ଏଥିରେ ୫୦ରୁ ଅଧିକ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ ଅତୀତର ମଧୁର ସ୍ମୃତିଚାରଣ କରିବା ସହ ଗଭୀର ଆନ୍ତରିକତା ଓ ଭାବପ୍ରବଣତାର ସୂତ୍ରରେ ବାନ୍ଧି ହୋଇ ଯାଇଥିଲେ। ଏହି ବନ୍ଧୁମିଳନ ଅବସରରେ ଶ୍ରୀମତୀ ଓ ଶ୍ରୀ ବରାଳଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ବନ୍ଧୁମାନଙ୍କ ପକ୍ଷରୁ ପ୍ରଫେସର ସତ୍ୟଭାମା ପତି ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସଂଗଠନର ସମ୍ପାଦିକା ପ୍ରଫେସର ତଟିନ୍ ଦାସ, ଉପଦେଷ୍ଟା ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସୁଧାଂଶୁ ରାଉତରାୟ, ସଂଯୋଜକ ପ୍ରଫେସର ଅମୀୟ କୁମାର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

ଶ୍ରୀକ୍ଷେତ୍ରରୁ ପାଇଲୋ ରାଧା ଦାମୋଦରଙ୍କ ନିକଟରେ ପହଞ୍ଚିଲା ୩ ରଥଚକ

କେନ୍ଦ୍ରାପଡ଼ା,୨୯।୯(ସଂଚାର ବ୍ୟୁରୋ): ଚଳିତ ବର୍ଷ ଶ୍ରୀକ୍ଷେତ୍ର ପୁରୀର ଘୋଷଯାତ୍ରା ପରେ ତିନି ରଥରେ ବ୍ୟବହୃତ ହୋଇଥିବା ତିନି ରଥଚକ ପହଞ୍ଚିଛି କେନ୍ଦ୍ରାପଡ଼ା ଜିଲ୍ଲାର ପାଇଲୋ ଗ୍ରାମର ପ୍ରସିଦ୍ଧ ରାଧା ଦାମୋଦରଙ୍କ ନିକଟରେ। ଗ୍ରାମର ଅଧିବାସୀ ମାନେ ପ୍ରଥମେ ପୁରୀ ଶ୍ରୀମନ୍ଦିର ପ୍ରଶାସନ ଠାରୁ ତିନି ରଥର ତିନୋଟି ଚକ ଆଣିବା ପରେ ପୁରୀ ବଡ଼ଦାଣ୍ଡରୁ ନୀତି ନିୟମ ଅନୁସାରେ ପୂଜାର୍ଚ୍ଚନା କରିବା ସହ ଗ୍ରାମ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ । ଏହା ପରେ ସ୍ଥାନୀୟ ସିରସ୍ତା ଗ୍ରାମ ନିକଟରେ ପହଁଚିବା ପରେ ଶତାଧିକ ଜଗନ୍ନାଥ ପ୍ରେମୀଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ସାମିଲ ହୋଇଥିଲେ। ଏହି ପବିତ୍ର ସ୍ଥାନରେ ସିକ୍ଷେତ୍ର ପୁରୀର ପ୍ରଭୁ ଜଗନ୍ନାଥ,ବଳଭଦ୍ର ଏବଂ ମାତା ସୁଭଦ୍ରାଙ୍କ ରଥରେ ବେବହୃତ ହୋଇଥିବା ଚକ ମନ୍ଦିର ପରିସରରେ ସ୍ଥାପନ କରି ପୂଜାର୍ଚ୍ଚନା କରିବା ସହ ସ୍ଥାନୀୟ ଅଞ୍ଚଳର ଆସୁଥିବା ଭକ୍ତ ଦର୍ଶନ କରିପାରିବେ ବୋଲି ଗ୍ରାମବାସୀ କହିଛନ୍ତି ।

ଓଡ଼ିଆ ଭାବାବେଗରେ ଶ୍ରୀଜଗନ୍ନାଥ ଶୀର୍ଷକ ଆଲୋଚନାଚକ୍ର

ଭବାନୀ ପାଟଣା,୨୯।୯(ସଂଚାର ବ୍ୟୁରୋ): ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ, ଭୁବନେଶ୍ୱର ର ରଜତ ଜୟନ୍ତୀ ଅବସରରେ, କଳାହାଣ୍ଡି ଲେଖକ କଳା ପରିଷଦ ସଭା ଗୃହରେ ଉମେଶ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱ ରେ ' ଓଡ଼ିଆ ଭାବାବେଗ ରେ ଶ୍ରୀଜଗନ୍ନାଥ ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ସାହିତ୍ୟିକା ଡକ୍ଟର ଆରତି କର ଯୋଗଦାନ କରି ବିଭିନ୍ନ ଉଦାହରଣ ମାଧ୍ୟମରେ ଶ୍ରୀଜଗନ୍ନାଥଙ୍କୁ ଓଡ଼ିଆ ଜାତିର ପ୍ରାଣ ଓ ଆରାଧ୍ୟ ଭାବେ ଉପସ୍ଥାପନ କରି କହିଥିଲେ ଯେ ଭାବ, ଭକ୍ତି ଓ ସମର୍ପଣ ରେ ହିଁ ତାଙ୍କୁ ଅନୁଭବ କରାଯାଏ ଏବଂ ସେ ହେଉଛନ୍ତି ଭାବଗ୍ରାହୀ ଓ ଅନ୍ତର୍ଯ୍ୟାମୀ। ମୁଖ୍ୟଅତିଥି ଭାବେ ଶ୍ରୀ ପ୍ରମୋଦ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଶ୍ରୀ ବିରଜା ପ୍ରସାଦ ଶତପଥୀ, ସମ୍ମାନିତ ବକ୍ତା ଭାବେ ଶ୍ରୀ ରମାକାନ୍ତ ମିଶ୍ର, ଆଲୋଚକ ଭାବେ ସୁବାସ ଚନ୍ଦ୍ର ସାହୁ, ତପନ କୁମାର ରଥ, ହରେକୃଷ୍ଣ ଭୋଇ ଆଦି ଯୋଗଦାନ କରି ନିଜସ୍ୱ ବକ୍ତବ୍ୟ ପ୍ରଦାନ କରିଥିଲେ ଓ ଅତିଥି ମାନଙ୍କ ଦ୍ୱାରା ନ୍ୟାସୀ ମଣ୍ଡଳ ର ମୁଖପତ୍ର ' ମୈତ୍ରୀ - ସମ୍ପର୍କର ସେତୁ ' ଉନ୍ମୋଚନ କରାଯାଇଥିଲା। ଭବନାଥ ରାୟଗୁରୁ ମଞ୍ଚ ପରିଚାଳନା କରିଥିଲା ବେଳେ ଭାଗିରଥି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ଭବାନୀ ପାଟଣା ଲେଖକ କଳା ପରିଷଦ ଓ ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସ ମଣ୍ଡଳ ର କର୍ମକର୍ତ୍ତା ଓ ଅନେକ ବୁଦ୍ଧିଜୀବୀ ତଥା ଶ୍ରୀଜଗନ୍ନାଥ ପ୍ରେମୀ ଉପସ୍ଥିତ ଥିଲେ।

ବ୍ଲକରେ ଲାଞ୍ଚ କାରବାର ଭିଡିଓ ଭାଇରାଲ୍

କେନ୍ଦ୍ରାପଡ଼ା,୨୯।୯(ସଂଚାର ବ୍ୟୁରୋ): ଦୁର୍ନୀତି ଏବଂ ଲାଞ୍ଚ ଖୋର୍ ସରକାରୀ କର୍ମଚାରୀଙ୍କ ପାଇଁ ଏବେ ବଦନାମ୍ ହେବାରେ ଲାଗିଛି କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ । କାର୍ଯ୍ୟାଳୟ ମଧ୍ୟରେ ଟଙ୍କା କାରବାର ଦୃଶ୍ୟ ପୁଣି ବିଭାଗୀୟ ଯେଇଙ୍କ ଉପସ୍ଥିତିରେ ହେଉଥିବାର ଭିଡିଓ ଏବେ ମୋବାଇଲ୍ ଠୁ ମୋବାଇଲ୍ ଘୁରି ବୁଲୁଛି । ଏଭଳି ଦୃଶ୍ୟ ମାର୍ଶାଘାଇ ବ୍ଲକ ପରିସରରେ ଥିବା ଯେଇ ଆସିଷ୍ଟାଣ୍ଟ ଇଞ୍ଜିନିୟରଙ୍କ ଉପସ୍ଥିତ ରେ ଅଫିସ ଭିତରେ ଲାଞ୍ଚ କାରବାର ଚାଲିଛି । ସେହି ଅଞ୍ଚଳ ର ଜଣେ ବ୍ୟକ୍ତି ଲାଞ୍ଚ କାରବାର କରୁଥିବା ଦୃଶ୍ୟ ବ୍ଲକ କୁ ଯାଇଥିବା ଜଣେ ଯୁବକ ନିଜ ମୋବାଇଲ ଫୋନ ମାଧ୍ୟମରେ କଏଦ୍ କରିଥିଲେ । କିନ୍ତୁ ବ୍ଲକ କାର୍ଯ୍ୟାଳୟ ମଧ୍ୟରେ କାହିଁକି ଏବଂ କେଉଁ କାରଣରୁ ଲାଞ୍ଚ କାରବାର ହେଉଥିଲା

କଲେଜ ଛାତ୍ରର ସଡ଼କ ଦୁଘଟଣାରେ ମୃତ୍ୟୁ



ରସୁଲପୁର, ୨୯।୯ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା କଲେଜରେ ପଢୁଥିବା ଛାତ୍ର ବିରେନ୍ଦ୍ର କୁମାର ନାୟକ ଘରୁ କଲେଜକୁ ଆସୁଥିବା ବେଳେ, କୌଣସି କାରଣ ବସତଃ ଦୃଘଟଣା ଘଟିବାରୁ ବିରେନ୍ଦ୍ର ଘଟଣା ସ୍ଥଳରେ ଗୁରୁତର ଆହତ ହୋଇଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ, ଧର୍ମଶାଳା ଥାନା ଅନ୍ତର୍ଗତ ଅରାବଳ ପଞ୍ଚାୟତର ସାନବାଲିକୁଦା ଗ୍ରାମର ବ୍ରଜ କିଶୋର ନାୟକଙ୍କ ପୁଅ ବିରେନ୍ଦ୍ର ନାୟକ ଆଜ ଦିନ ୧୦ଟା ସମୟରେ ଘରୁ କଲେଜକୁ ସ୍କୁଟିରେ ଆସୁଥିବା ବେଳେ, ଭାରସାମ୍ୟ ହରାଇବାରୁ ସ୍କୁଟିରୁ ପଡ଼ି ଗୁରୁତର ଆହତ ହୋଇଥିଲେ, ବ୍ରହ୍ମବରଦା ବାଲିଚନ୍ଦ୍ରପୁର ରାସ୍ତା ବ୍ରହ୍ମବରଦା କଲେଜ ନିକଟରେ ବିରେନ୍ଦ୍ର ସ୍କୁଟିରେ ଆସୁଥିବା ସମୟରେ ଭାରସାମ୍ୟ ହରାଇବାରୁ ସ୍କୁଟିରୁ ପଡ଼ି ବିରେନ୍ଦ୍ର ଆହତ ହୋଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଧର୍ମଶାଳା ମେଡିକାଲ କୁ ନିଆଯାଇଥିବା ବେଳେ, ଖବର ପାଇ ବ୍ରହ୍ମବରଦା ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ବିରେନ୍ଦ୍ରକୁ ମେଡିକାଲକୁ ପଠାଇଥିଲେ। ମେଡିକାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ବେଳେ, ଏହି ଖବର ଅରାବଳ ପଞ୍ଚାୟତ ସାନବାଲିକୁଦା ଗ୍ରାମରେ ପହଁଞ୍ଚବାକ୍ଷଣି ଶୋକର ଛାୟା ଖେଳି ଯାଇଥିଲା। ବ୍ରହ୍ମବରଦା ପୋଲିସ ଶବକୁ ଜବତ କରିବା ସହିତ ପୋଷ୍ଟବଟମ ପାଇଁ ଯାଜପୁର ପଠାଇଥିଲେ। ବିରେନ୍ଦ୍ରଙ୍କ ମୃତ୍ୟୁରେ ବ୍ରହ୍ମବରଦା କଲେଜରେ ଶୋକର ଛାୟା ଖେଳିଯାଇଥିଲା। ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ସହପାଠୀ ମାନେ ଶୋକ ପ୍ରକାଶ କରିବା ସହିତ ବିରେନ୍ଦ୍ରଙ୍କ ଆତ୍ମାର ସଦ୍ଗତି କାମନା କରିଥିଲେ। ବିରେନ୍ଦ୍ରଙ୍କ ପରିବାର ଗିରବ ପରିବାର ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ଯୋଗାଇଦେବା ଲାଗି ସରକାରଙ୍କ ନିକଟରେ ଦାବି କରିଥିଲେ। ଅରାବଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ନିର୍ମଳ ଚନ୍ଦ୍ର ସାମଲ ଅରବଳ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଅଶୋକ ବେହେରା ଦୁଃଖ ପ୍ରକାଶ କରିବା ସହିତି ତାଙ୍କ ପରିବାରକୁ ଭଗବାନ ଶକ୍ତି ଦିଅନ୍ତୁ ବୋଲି ପ୍ରାର୍ଥନା କରିଥିଲେ।

ଜିଲ୍ଲା ଜଙ୍ଗଲ ଅଧିକାରୀଙ୍କ ଗସ୍ତ

ବୈଶିଙ୍ଗା,୨୯।୯ (ସଂଚାର ବ୍ୟୁରୋ): ବେତନଟୀ ବନାଞ୍ଚଳ ଅଧିନ ବିଭିନ୍ନ ଚାରା।ରୋପଣ ଅଞ୍ଚଳ ପରିଦର୍ଶନ କଲେ ଜିଲ୍ଲା ଜଙ୍ଗଲ ଅଧିକାରୀ ଏ.ଉମାମହେଶ। ରବିବାର ଜିଲ୍ଲା ଜଙ୍ଗଲ ଅଧିକାରୀ ବେତନଟୀ ରେଞ୍ଜ ଅଧିକାରୀଙ୍କ କାଯ୍ୟାଳୟରେ ପହଞ୍ଚି ବେତନଟୀ ରେଞ୍ଜର ମନୱାର ଖାଁଙ୍କ ସହିତ ବିଭିନ୍ନ ଚାରା ରୋପଣ କ୍ଷେତ୍ର ବୁଲି ଦେଖିଥିଲେ।

ଓଡ଼ଗାଁରେ ଉତ୍କଳ ସାମ୍ବାଦିକ ସଂଘର ସାଂଗଠନିକ ବୈଠକ

ଆଗାମୀ କାର୍ଯ୍ୟପନ୍ଥା ଓ ଶୃଙ୍ଖଳାଗତ କାର୍ଯ୍ୟଧାରା ସମ୍ପର୍କରେ ଆଲୋଚନା



ନୟାଗଡ଼,୨୯।୯(ସଂଚାର ବ୍ୟୁରୋ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ସାମ୍ବାଦିକ ସଂଘ କାର୍ଯ୍ୟାଳୟଠାରେ ଉତ୍କଳ ସାମ୍ବାଦିକ ସଂଘ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶାଖା ସଭାପତି ଶ୍ରୀକାନ୍ତ ଖଟେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ସମ୍ପାଦକ ବୈଦ୍ୟଭୂଷଣ ମହାପାତ୍ର, ଓଡ଼ଗାଁ ବ୍ଲକ ସଭାପତି ଅଶୋକ ମହାପାତ୍ର, ସମ୍ପାଦକ ଗଣେଶ୍ୱର ସାହୁ, କୋଷାଧ୍ୟକ୍ଷ ସାରସ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ସଂଘକୁ ଅଧିକ ସୁସଙ୍ଗଠିତ ଓ ମଜଭୁତ କରିବା ସହିତ ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଥିବା ସାଂଗଠନିକ କାର୍ଯ୍ୟକ୍ରମ ଉପରେ ଜିଲ୍ଲା ସଭାପତି ତଥ୍ୟ ରଖିଥିଲେ। ସଂଘର ଆଗାମୀ କାର୍ଯ୍ୟପନ୍ଥା ଓ ଶୃଙ୍ଖଳା ଗତ କାର୍ଯ୍ୟଧାରା ସମ୍ପର୍କରେ ଆଲୋଚନା କରିବା ସହିତ ସାମ୍ବାଦିକଙ୍କ ସୁରକ୍ଷା ନିମନ୍ତେ ସଂଘର ପ୍ରତିବଦ୍ଧତା ସମ୍ପର୍କରେ ସୂଚନା ଦେଇଥିଲେ । ଆଜିର କାର୍ଯ୍ୟକ୍ରମରେ ଜିଲ୍ଲା ସାମ୍ବାଦିକ ଅନୀଲ କୁମାର ପଣ୍ଡା, ରାମକୃଷ୍ଣ ରଥ, ରଜତ ପଟ୍ଟନାୟକ, ରବୀନ୍ଦ୍ର ଦାଶ, ନିହାର ପଟ୍ଟନାୟକ, ବିଶ୍ୱଜିତ୍ ନାୟକ ,ଦେବବ୍ରତ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସେହିଭଳି ଓଡ଼ଗାଁ ବ୍ଲକରେ କାର୍ଯ୍ୟରତ ସାମ୍ବାଦିକ ସୁନିଲ ପଟ୍ଟନାୟକ, ଫକିର ମହାରଣା, ନାରାୟଣ ପାଣିଗ୍ରାହୀ, ଶ୍ରୀନିବାସ ପ୍ରଧାନ, ବିପିନ ତ୍ରିପାଠୀ, ରିପନ ପଣ୍ଡା, ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ସୁଇମିଂପୁଲ,ବୋଟିଂ ବ୍ୟବସ୍ଥା କେବେ ?

କଲେଜଛକ ଶ୍ମଶାନ ପାର୍କ ଶେଷ ହେବା ନେଇ ଅନିଶ୍ଚିତତା



ଜଗତସିଂହପୁର,୨୯।୯(ସଂଚାର ବ୍ୟୁରୋ): ଜଗତସିଂହପୁର ସହରକୁ ନୂଆ ରୂପ ଦେବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଅନେକ ଗୁଡିଏ ଆକର୍ଷଣୀୟ ପ୍ରକଳ୍ପ ନିର୍ମାଣ କରାଯାଇ ସହରକୁ ସଜେଇବା ପାଇଁ ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଓ ପୂର୍ବତନ ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର ନିର୍ଭର ପ୍ରତିଶୃତି ଦେଇଥିଲେ । ବିଶେଷକରି ଖେରସରେ ନିକଟରେଥିବା କନିଅର ପୁଷ୍କରିଣୀରେ ସୁଇମିଂ ଫୁଲ ସହ ବୋଟିଂ ବ୍ୟବସ୍ଥା ମଧ୍ୟ କରାଯିବା ସହ ପୁଷ୍କରିଣୀ ଚାରି ପାଶ୍ୱର୍ ବନ୍ଧକୁ ସୌନ୍ଦର୍ଯ୍ୟକରଣ କରାଯିବ ସହ ପର୍ଯ୍ୟଟକଙ୍କ ସମେତ ସହରବାସୀଙ୍କ ଆମୋଦ ପ୍ରମୋଦ ପାଇଁ ବ୍ୟବସ୍ଥା ଗ୍ରହଣ କରାଯିବ । କିନ୍ତୁ ଏପର୍ଯ୍ୟନ୍ତ ପୌରପ୍ରଶାସନ ପକ୍ଷରୁ ସହରର ନୂଆ ରୂପ ପାଇବ କି ନାହିଁ ତାକୁ ନେଇ ସନ୍ଦେହରେ ସହରବାସୀ ଜଗତସିଂହପୁର ସହରବାସୀଙ୍କ ସ୍ୱପ୍ନ ଏବେ ଅନିଶ୍ଚିତତା ଭିତରେ ରହିଛି । ଏପଟେ ଦିନକୁ ଦିନ ସହରର ଜନସଂଖ୍ୟା ବଢ଼ିବାରେ ଲାଗିଛି । କିନ୍ତୁ ପିଲାମାନଙ୍କ ମନମୁତାବକ ଆଖିଦୃଷ୍ଟିଆ ପାର୍କଟିଏ ଏପର୍ଯ୍ୟନ୍ତ ସହରରେ ନାହିଁ । କଲେଜ ଛକ ୧୦ ନମ୍ବର ପୋଲ ନିକଟରେ ୨୦୨୨ ରେ ଯୋଜନା ହୋଇଥିଲା ୨ଏକର ୩୦ ଡ଼ିସିମିଲି ଜାଗା ରେ ନୂଆ ଢାଞ୍ଚାରେ ହେବାକୁ ଥିବା ଏହି ପାର୍କ ନିର୍ମାଣରେ ୬୬ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା । ଏହି କଲେଜ ଛକ ଶ୍ମଶାନ ନିକଟରେ ପାର୍କ ନିର୍ମାଣ ଶେଷ ହେଲେ କଲେଜ ଛକର ସୌନ୍ଦର୍ଯ୍ୟକରଣ ବୃଦ୍ଧି ପାଇବ । କଲେକ ଛାତ୍ରଛାତ୍ରୀ କୁନିପିଲାମାନେ ମନମୁତାବକ ମନୋରଞ୍ଜନ କରିପାରିବେ । ଏହି ପାର୍କ କାମ ୨ବର୍ଷ ଅତିକ୍ରାନ୍ତ କରିଥିଲେ ସୁଦ୍ଧା ପାର୍କ କାମ ଖାଲି ଖୁଣ୍ଟରେ ଛିଡା ହୋଇଛି ଏପର୍ଯ୍ୟନ୍ତ ପାର୍କ କାମ ଆଗେଇ ପାରୁନଥିବାରୁ ଯେଉଁଥିପାଇଁ ସହରବାସୀ ଅସନ୍ତୋଷ ପ୍ରକାଶ ପାଉଛି । ବିଶେଷ କରି ଉନ୍ନତମାନର ମାଟି, ଗାଈ, ଗୋବର,ଆଦି ଭର୍ତ୍ତି ସହ ଲନ କରାଯିବ । ତା ସାଙ୍ଗକୁ କାର୍ପେଟ ଚାଦର ପରି କୋରିଆ ଘାସ ବ୍ୟବହାର କରିବା ସହ ବିଭିନ୍ନ ପ୍ରଜାତିର ଗଛ, ଲିମ୍ବ, ଆମ୍ବ, ପଣସ,କଦମ୍ବ,କୃଷ୍ଣଚୂଡ଼ା,ଆଦି ଗଛ ଲାଗିବ । ଲୋକେ ମାନେ ବୁଲାବୁଲି କରିବା ଲାଗି ପାଦଚଲା ରାସ୍ତା ସହ ବିଶ୍ରାମ ନେବାପାଇଁ ଏକାଧିକ ଚେୟାର ଲାଗିବା ପାଇଁ ବ୍ୟବସ୍ଥା ରହିବା ପିଲାମାନଙ୍କ ମନୋରଞ୍ଜନ ପାଇଁ ଏକାଧିକ ଉପକରଣ ଲାଗିବ । ସେଲିଫିଂ ନେବା ପାଇଁ ପଏଣ୍ଟ, ପରିସ୍ରାଗାର,ଓଆଲୋକୀକରଣ କରାଯିବା ଏନେଇ ପାର୍କର ଉନ୍ନତିକରଣ ନିମନ୍ତେ ବ୍ୟଜେଟ ବାବଦରେ ୧୦,୮୦,୮୦୬,ଟଙ୍କା ଖର୍ଚ୍ଚ ବରାଦ ରହିଛି । ସେହିପରି ପାଚେରୀ ବାବଦରେ ୧୧,୪୭,୮୩୫,ପାଦଚଲା ରାସ୍ତା ଲାଗି ୩,୧୧,୮୯୬,ବେଞ୍ଚ ଓ ଡ଼ଷ୍ଟବିନ ୩,୪୧, ୯୫୧, ପିଲାଙ୍କ ମନୋରଞ୍ଜନ ଉପକରଣ ୧୩,୦୨, ୯୩୫,ସେଲ୍ଫି ପଏଣ୍ଟ ୩,୬୦,୬୪୦, ଓ ବକେୟା ଟଏଲେଟ ୧, ୧୭,୩୦୦,ଏହିପରି ମୋଟ ୪୯,୬୩,୩୬୫ ଟଙ୍କା ଖର୍ଚ୍ଚ ହେବ ଆକଳନ କରାଯାଇଥିଲା। ଏହାବାଦ ବିଦ୍ୟୁତ କାମ ପାଇଁ ୫,୭୧,୫୦୫,ପାନୀୟ ଜଳ ଓ ସାନିଟାରି କାମ ପାଇଁ ୩,୦୫, ୧୧୭, ଖର୍ଚ୍ଚ ହେବ ଏହିପରି ମୋଟ ୬୫,୯୯,୨୫୨ ଟଙ୍କା ଖର୍ଚ୍ଚ କରାଯିବାର ପୌରପରିଷଦ ପକ୍ଷରୁ ସୂଚନା ମିଳିଛି । କିନ୍ତୁ ଏହି ପାର୍କ କାମ କେବେ ଆରମ୍ଭ ହୋଇ କେବେ ସରିବ ପାର୍କ ଏନେଇ ଅନିଶ୍ଚିତତା ଭିତରେ ରହିଛି । ଆଗକୁ ଦେଖିବାକୁ ରହିଲା ନୂଆ ପାର୍କ କେବେ କାର୍ଯ୍ୟକ୍ଷମ ହେଇ ଜଗତସିଂହପୁର ସହରବାସୀ କେବେ ପାଇବେ ସହରକୁ ନୂଆ ରୂପରେ ସାଧାରଣରେ ଦାୱୀ ହେଉଛି ।

ବିଧାୟକଙ୍କୁ ଚିହ୍ନିବ କିଏ ?

ସଚିବାଳୟ ଭିତରକୁ ପଶୁଥିବା ଗାଡିରେ ଲାଗିଛି ବିଧାୟକଙ୍କ ପାଶ୍। ଲମ୍ବା ଗାଡି ଆଗରେ ଧଳା ସାର୍ଟ ପିନ୍ଧା ଯୁବକ। ହେଲେ ଲୋକ ଜଣଙ୍କ ବିଧାୟକ କି ଆଉ କିଏ ତାହା କେହି ଜାଣିପାରୁ ନାହାନ୍ତି। କାରଣ ଏଥର ବିଧାନସଭାକୁ ଆସିଥିବା ୮୦ରୁ ଅଧିକ ବିଧାୟକ ହେଉଛନ୍ତି ନୂଆ ମୁହଁ। ଗାଡି କାଚରେ ପାଶ୍ ଲାଗିଥିବା ଦେଖି ଫାଟକରେ ଗାଡି ଅଟକାଇବାକୁ ବି ସାହସ କରୁନାହାନ୍ତି ସୁରକ୍ଷାକର୍ମୀ। ତେବେ କିଛି ଗାଡିରେ ଲାଗିଥିବା ରଙ୍ଗୀନ

ପାଶ୍ ସବୁ ଜେରକ୍ସ ବୋଲି ପଚାର ହେବାପରେ ଏବେ ସୁରକ୍ଷାକର୍ମୀ ଚିନ୍ତାରେ ପଡିଛନ୍ତି। ଏଭଳି ପାଶ୍‌କୁ ତନଖି କରିବେ ନାଁ ବିଧାୟକଙ୍କୁ ଚିହ୍ନିବେ ସେଥିନେଇ ଦ୍ୱନ୍ଦରେ ପଡିଛନ୍ତି। ଏଥିପାଇଁ କୁଆଡେ ବିଧାୟକଙ୍କୁ ଚିହ୍ନିଥିବା କିଛି ପୁଲିସ୍ କର୍ମୀଙ୍କୁ ସଚିବାଳୟ ଗେଟ୍‌ରେ ମୁତୟନ ପାଇଁ ଯୋଜନା ହେଉଛି। ନହେଲେ କେତେବେଳେ କିଏ ଜେରକ୍ସ ପାଶ୍ ଗାଡିରେ ମାରି ପଶି କ'ଣ କରିବ ତାହା କହିହେବ ନାହିଁ। ହେଲେ ଏ ଜେରକ୍ସ ଆଇଡିଆ କାହା ମୁଣ୍ଡକୁ ଆସିଲା ଓ କିଏ ସବୁ ଗାଡିରେ ମାରି ବୁଲୁଛନ୍ତି ତାହାର ଚିହ୍ନଟ ପାଇଁ କୁଆଡେ ଗୁଇନ୍ଦା ପୁଲିସ୍ ଖୋଳତାଡ କରୁଥିବା ନେଇ ଆଲୋଚନା ହେଉଛି।

ବିଏମ୍‌ସିର ଗଛକଟା ମ୍ୟାଡାମ

ବିଏମସି ଅଫିସରେ ଜଣେ ମ୍ୟାଡାମଙ୍କୁ ନେଇ ଚର୍ଚ୍ଚା। ସିଏ ରହୁଥିବା ସରକାରୀ କ୍ୱାଟର୍ସ ଆଖପାଖରେ ଗଛକୁ ରଖେଇ ଦେଉ ନାହାନ୍ତି। ପନ୍ଦର ଦିନ ମାସେ ଅନ୍ତରରେ ଚୁଟି କାଟିଲା ଭଳି ଗଛକୁ କାଟି ଲଣ୍ଡା କରିଦେଲେଣି। ଗଛ କଟାଳିମାନେ ବି ଚିଡି ଗଲେଣି। ଗଛର ଛୋଟ ଛୋଟ ଡାଳ କାଟିବା ବଦଳରେ ମ୍ୟାଡାମଙ୍କ ନିର୍ଦ୍ଦେଶରେ ବଡ ବଡ ଗଣ୍ଡି କାଟି କାଟି ସୋମନେ ହାଲିଆ ହୋଇଗଲେଣି। ଜଣେ ଗଛ କଟାଳି କହୁଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଛଟିଏ ଲଗାଇବାପାଇଁ ମା କେ ନାମ୍ ଏକ ପେଡ୍ ଯୋଜନା କରିଥିବାବେଳେ ଏହି ମ୍ୟାଡାମ କିନ୍ତୁ ଠିକ୍ ତାହାର ବିପରୀତ କାର୍ଯ୍ୟ କରୁଛନ୍ତି। ଗଛଟିଏ ତ ଲଗାଉ ନାହାନ୍ତି, କିନ୍ତୁ ଘର ଆଗରେ ଥିବା ବରଗଛକୁ କାଟି କାଟି ଗାଁ ମୁଣ୍ଡର ଲଣ୍ଡା ବରଗଛ କରିଦେଲେଣି। ଆଖପାଖ କ୍ୱାଟର୍ସରେ ଥିବା ଗଛରେ ବି କରତ ବୁଲାଇ ଦେଲେଣି। ଅବସ୍ଥା ଯାହା କଲେଣି ଏଠାକୁ ଗଛ ସୁରକ୍ଷା କର୍ମୀମାନେ ଖୁବ୍‌ଶୀଘ୍ର ଆସିପାରନ୍ତି। ଉଲ୍ଲେଖନୀୟ ଯେ ମ୍ୟାଡମ ଜଣଙ୍କ ରହୁଥିବା ୟୁନିଟ୍‌ରେ ଅଳ୍ପଦିନ ତଳେ ଗଛ କଟାକୁ ନେଇ ଆନ୍ଦୋଳନ, ଧାରଣା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଥିଲା। ତେବେ ସବୁଜ ସୁନ୍ଦର ସହର ପାଇଁ ସ୍ଲୋଗାନ ଦେଉଥିବା ବିଏମ୍‌ସିର ଏହି ଗଛ କଟା ମ୍ୟାଡାମ କେବେ ଗଛ କାଟିବାରୁ ବିରତ ହେବେ ତାହା ଉପରେ ଏବେ ସ୍ଥାନୀୟ ଲୋକେ ନଜର ରଖିଛନ୍ତି।

ଖାକି ବାବୁଙ୍କର ପୁରୁଣା ରୋଗ

ରାଜଧାନୀର ଜଣେ ଖାକି ବାବୁଙ୍କର ପୁରୁଣା ରୋଗ ବାହାରିଛି। ତାଙ୍କର ଏହି ରୋଗ ପାଇଁ ଲୋକେ ରାସ୍ତାଘାଟରେ ନାକେଦମ ହେଲେଣି। ବାବୁ ଜଣଙ୍କ ସହରର ଟ୍ରାଫିକ ଦାୟିତ୍ୱରେ ଅଛନ୍ତି। ପୂର୍ବ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଦାୟିତ୍ୱରେ କିଛିଦିନ ଥିଲେ। ସେବେକାର ରୋଗରେ ସିଏ ଏବେ ବି ପୀଡିତ। ସେବର ଆଦବ କାଇଦା ସବୁ ଏବେ ଭୁଲିପାରୁ ନାହାନ୍ତି। ପୂର୍ବ ମୁଖ୍ୟମନ୍ତ୍ରୀଙ୍କ ପାଇଁ ରାସ୍ତାରେ ଯେତିକି ପୁଲିସ୍ ମୁତୟନ କରୁଥିଲେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀଙ୍କର ପ୍ରିୟପାତ୍ର ହୋଇ ରାଜଧାନୀରେ ରହିବାପାଇଁ ଅଧିକ ପୁଲିସ୍ ଲଗାଇ ଦେଉଛନ୍ତି। ମୁଖ୍ୟମନ୍ତ୍ରୀ ଯାଉଥିବା ରାସ୍ତାରେ ମାଛି ବସାଇ ଦେଉ ନାହାନ୍ତି। ଭାବିଛନ୍ତି ମୁଖ୍ୟମନ୍ତ୍ରୀ ଖୁସି ହେବେ। ମୁଖ୍ୟମନ୍ତ୍ରୀ ଖୁସି ହୁଅନ୍ତୁ କି ନହୁଅନ୍ତୁ ରାଜଧାନୀବାସୀ କିନ୍ତୁ ରାଗରେ ନିଆଁବାଣ ହେଲେଣି। ନବୀନ ଗଲାବେଳେ ଯେତେକି ହଲାପଟା ହେଉଥିଲେ ମୋହନଙ୍କ ପାଇଁ ଅଧିକ ହଲାପଟା ହେଉଛନ୍ତି। ଆଳୁ ଖୋଳୁ ଖୋଳୁ ମହାଦେବ ଅବସ୍ଥା ଭଳି ଏ ସଂକ୍ରାନ୍ତରେ ଖୋଳତାଡରୁ ଜଣାପଡିଛି ଯେ ଖାକି ବାବୁଙ୍କର ପରୁଣା ରୋଗ ଯୋଗୁଁ ରାଜଧାନୀବାସୀଙ୍କର ଏ ଅବସ୍ଥା। ବର୍ତ୍ତମାନର ସରକାର ଏ ରୋଗର ଶୀଘ୍ର ଉପଚାର ନକଲେ ନୂଆ ମୁଖ୍ୟମନ୍ତ୍ରୀ ଓ ତାଙ୍କ ସରକାର ବଦନାମ ହେବାଟା ଏକ ପ୍ରକାର ଥୟ ବୋଲି ଆଲୋଚନା ହେଉଛି।

ନବୀନଙ୍କ ମନକୁ କଥାଟି ପାଇଲା

ରାଜଧାନୀରେ ଗୋଟିଏ ପୁସ୍ତକ ଉନ୍ମୋଚନ ଉତ୍ସବ ଚାଲିଥାଏ। ଜଣକ ପରେ ଜଣେ ବକ୍ତା ଭାଷଣ ଦେଉଥାନ୍ତି। ସଭାର ମୁଖ୍ୟ ଆକର୍ଷଣ ଥିଲେ ବିରୋଧିଦଳ ନେତା ନବୀନ ପଟ୍ଟନାୟକ। ସବୁଦିନ ଭଳି ଗମ୍ଭୀର ମୁଦ୍ରାରେ ବସିଥାନ୍ତି। ଏତିଡିବେଳେ ମୁଖ୍ୟ ବକ୍ତା ଜଣଙ୍କ ତାଙ୍କ ଭାଷଣରେ କହିଲେ, ବିଜେଡି ଏକ ଦଳ ନୁହେଁ, ଏକ ଗୁରୁକୁଳ। ନବୀନ ହେଉଛନ୍ତି ସେହି ଗୁରୁକୁଳର ଆଚାର୍ଯ୍ୟ। ଗୁରୁକୁଳର କଥାଟି ଶୁଣି ସମସ୍ତେ ହତଚକିତ ହୋଇ ପରସ୍ପରର ମୁହଁକୁ ଅନାଇଲେ। କାରଣ ନବୀନଙ୍କ ୨୪ବର୍ଷର ଶାସନ କାଳରେ ଅନେକ ସଭା ସମିତି ହୋଇଥିଲେ ମଧ୍ୟ ବିଜେଡି ଦଳକୁ କେହି ଗୁରୁକୁଳ ବୋଲି କହିନଥିଲେ। ହଠାତ୍ ଏଭଳି ସମ୍ବୋଷଣ ଶୁଣି କିଛି ଲୋକ ନବୀନଙ୍କ ଆଡକୁ ଚାହିଁଲେ। ଭାବିଥିଲେ ସିଏ ତ ଓଡିଆ ବୁଝନ୍ତି ନାହିଁ, ଗୁରୁକୁଳ ସଂକ୍ରାନ୍ତରେ ଶୁଣି ଲାଭ ବା କ'ଣ। ହେଲେ ନବୀନ କିନ୍ତୁ ଗୁରୁକୁଳ ଓ ଆଚାର୍ଯ୍ୟ କଥାଟି ଶୁଣିବା ମାତ୍ରେ ମୁରୁକି ହସା ଦେଲେ। ଠିକ୍ ଛାତ୍ରଙ୍କ ଠାରୁ ସଠିକ୍ ଉତ୍ତର ପାଇଥିବା ଆଚାର୍ଯ୍ୟାଙ୍କ ଭଳି। ନବୀନଙ୍କ ହସ କାହାକୁ ପ୍ରସନ୍ନ କରୁ କି ନକରୁ ବକ୍ତା କିନ୍ତୁ ତାଙ୍କ ଉଦ୍ୟମରେ ସଫଳ ହୋଇଥିବାରୁ ତାଙ୍କର ମୁଖମଣ୍ଡଳଟି ପ୍ରସନ୍ନ ଦିଶୁଥିଲା। ହେଲେ ସେଠାରେ ଉପସ୍ଥିତ ଥିବା ଗୁରୁକୁଳର ବହୁ ମେଧାବୀ ଛାତ୍ର କିନ୍ତୁ ଆଚାର୍ଯ୍ୟଙ୍କ ଉପରେ ଗର ଗର ହେଉଥିବା ଲକ୍ଷ୍ୟ କରାଯାଇଥିଲା।



କାମ ଦେଲାନି ଲଙ୍କା ଲେମ୍ବୁ

ସକାଳେ ଥାନାରେ ପୂଜାପାଠ କଲେ। ଥାନା ସାରା ଝୁଣାଧୂଆଁ ବୁଲେଇଲେ। ନୂଆ ଫଟୋ ସାଙ୍ଗକୁ ଭଲ ଭୋଗ ଲାଗିଲା। ବ୍ରାହ୍ମଣ ଆସି ମନ୍ତ୍ରପାଠ କଲେ। ପୂଜା ପରେ ଲମ୍ବହୋଇ ମୁଣ୍ଡିଆ ମାରିଲେ ଥାନା ବାବୁ। ଏଥି ସହିତ ପାପ ଗ୍ରହ ଯେଭଳି ଥାନାକୁ ଆଉ ପ୍ରବେଶ ନକରିବେ ସେଥିପାଇଁ ଭରତପୁର ଥାନାର ନୂଆ ଥାନାବାବୁ ନିଜ ହାତରେ କଞ୍ଚାଲଙ୍କା ଓ ଲେମ୍ବୁ ମାଳରେ ସିନ୍ଦୁର ମାରି ଥାନା ଆଗରେ ଟଙ୍ଗାଇଲେ। ହେଲେ ରାତି ପାହିଲା ବେଳକୁ ଗଣମାଧ୍ୟମରେ ଲଙ୍କା ଲେମ୍ବୁ ଟାଙ୍ଗିଥିବା ନୂଆ ଥାନାବାବୁଙ୍କ ବିରୁଦ୍ଧରେ ସାଂଘାତିକ ଖବର ବାହାରିଲା। ଏମିତି ଖବର ଦେଖି ଖୋଦ୍ କମିଶନରେଟ ପୁଲିସ୍‌ର ବଡ ବାବୁମାନେ ତାଜୁବ ହୋଇ ଯାଇଛନ୍ତି। ଦୀନକୃଷ୍ଣ ବିଦା ହେବାପରେ ରାତାରାତି ଦୀପକ ଆସିଥିଲେ। ସମସ୍ତେ ଭାବିଥିଲେ ଭରତପୁର ଥାନା ଉପରେ ଯେଉଁ ଅତୃପ୍ତ ଆତ୍ମାର ଦୃଷ୍ଟି ପଡିଥିଲା ତାହା ଦୂର ହେଲା। ହେଲେ ଲଙ୍କା ଲେମ୍ବୁ ଟାଙ୍ଗିବାର ୨୪ ଘଣ୍ଟା ନପୁରୁଣୁ ଥାନା ବାବୁଙ୍କ ବିରୁଦ୍ଧରେ ଖବର ପ୍ରଚାରିତ ହେଲା। ଏଭଳି ଖବର ପ୍ରକାଶ ପରେ ଏବେ କିଛି ଖାକିବାବୁ ପୂଜାପାଠ କରୁଥିବା ବ୍ରାହ୍ମଣକୁ ପିସିଆର ଲଗେଇ ଖୋଜୁଥିବାବେଳେ ଆଉ କିଛି ଖାକିବାବୁ ଭବିଷ୍ୟତରେ 'ଦ' ଅକ୍ଷରରୁ ନାମ ଆରମ୍ଭ ହେଉଥିବା କୌଣସି ପୁଲିସଙ୍କୁ ଭରତପୁର ଥାନା ଚଉକିରେ ନବସାଇବାକୁ ପରାମର୍ଶ ଦେଇଛନ୍ତି।

'ମନ କୀ ବାତ୍' ରେ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ନେଇ କେନ୍ଦ୍ରମନ୍ତ୍ରୀଙ୍କ ଟ୍ୱିଟ୍

ରାମଜୀତଙ୍କ କାମ ସୃଜନଶୀଳତାର ପ୍ରତୀକ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୯।୯ (ସଂଚାର ବ୍ୟୁରୋ): 'ମନ୍ କୀ ବାତ୍ କାର୍ଯ୍ୟକ୍ରମ'ର ୧୦ ବର୍ଷ ପୂର୍ତ୍ତି ହେବାର ବିଶେଷ ସଂସ୍କରଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମାତୃଭାଷା, ଲିପି ଏବଂ କଥିତ ଭାଷା ଉପରେ ଚର୍ଚ୍ଚା କରିବା ସହ ଜନଜାତି ସମୁଦାୟଙ୍କ କଥିତ ଭାଷା 'ସାନ୍ତାଳୀ'ର ପ୍ରଚାର ପ୍ରସାର କରୁଥିବା ମୟୂରଭଞ୍ଜ ଜିଲ୍ଲାର ରାମଜୀତ ଟୁଡୁଙ୍କ ବିଷୟରେ ଆଲୋଚନା କରିଥିବାରୁ ତାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଶ୍ରୀ ପ୍ରଧାନ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ ରାମଜୀତଙ୍କ କାର୍ଯ୍ୟ ସୃଜନଶୀଳତାର ଏକ ପ୍ରତୀକ। ସାନ୍ତାଳୀ ଭାଷାର ଲିପି 'ଅଲ୍ ଚିକି'ରେ ମୋବାଇଲ ଟାଇପ୍ କରିବାର କୌଶଳକୁ ବିକଶିତ କରିଥିବାରୁ ରାମଜୀତଙ୍କୁ ଧନ୍ୟବାଦ। ଆଜି ତାଙ୍କ ପ୍ରୟାସରେ ସାନ୍ତାଳୀ ଭାଷାରେ

ଲେଖାଯାଉଥିବା ଲେଖାଗୁଡ଼ିକ ଲୋକଙ୍କ ପାଖରେ ପହଞ୍ଚିଛି। ଡିଜିଟାଲ ଇଣ୍ଡିଆ ମାଧ୍ୟମରେ ତାଙ୍କର କାର୍ଯ୍ୟ ପ୍ରେରଣାଦାୟୀ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସାନ୍ତାଳୀ ଭାଷା ସମେତ ଅନେକ ଜନଜାତି ଭାଷାରେ ବର୍ଣ୍ଣମାଳା ପୁସ୍ତକ ପ୍ରକାଶିତ ହୋଇଛି। ମାତୃଭାଷାକୁ ପ୍ରାଥମିକତା ଦେବା ଦିଗରେ ଭାରତ ସରକାରଙ୍କ ପଦକ୍ଷେପ ଛାତ୍ରଛାତ୍ରୀଙ୍କ ପ୍ରତିଭା ଓ ବୌଦ୍ଧିକ କ୍ଷମତାକୁ ପରିପ୍ରକାଶ କରିବ।

ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି ଯେ ଅକ୍ଟୋବର ୩ରେ ମନ୍ କୀ ବାତ୍ କାର୍ଯ୍ୟକ୍ରମ ସଫଳତାପୂର୍ବକ ୧୦ ବର୍ଷ ନବରାତ୍ରୀର ପବିତ୍ର ଅବସରରେ ପୂରଣ ହେବାକୁ ଯାଉଛି। ବିଗତ ବର୍ଷମାନଙ୍କ ମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦୀ ସ୍ୱଚ୍ଛତା, ଜଳ ସଂରକ୍ଷଣ, ଆତ୍ମନିର୍ଭର ଭାରତ, ବେଟି ବଚାଓ-ବେଟି ପଢ଼ାଓ, ହର ଘର ତିରଙ୍ଗା ଓ ଜନସଚେତନ ଅଭିଯାନ ଏବଂ ସାମାଜିକ ପରିବର୍ତ୍ତନ ପ୍ରସଙ୍ଗ 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ଉଠାଇଛନ୍ତି। 'ମନ୍ କି ବାତ୍' କେବଳ ଏକ ରେଡିଓ କାର୍ଯ୍ୟକ୍ରମରେ ସୀମିତ ହୋଇ ରହିନାହିଁ। ପ୍ରଧାନସେବକଙ୍କୁ ଜନସାଧାରଣଙ୍କ ସହ ଯୋଡ଼ିବାର ଏକ ବଡ ମାଧ୍ୟମ ହୋଇଛି। ଆଗାମୀ ବର୍ଷମାନଙ୍କରେ ଏହି କାର୍ଯ୍ୟକ୍ରମ ଦେଶର କୋଟି କୋଟି ଲୋକଙ୍କୁ ପ୍ରେରଣା ଦେବାର ଏକ ଶକ୍ତିଶାଳୀ ଜରିଆ ହେବ।

ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ 'ମେକ୍ ଇନ୍ ଇଣ୍ଡିଆ' ଉତ୍ପାଦ ବ୍ୟବହାର କରିବାକୁ ଏବଂ ଅନ୍ୟମାନଙ୍କୁ 'ମେକ୍ ଇନ୍ ଇଣ୍ଡିଆ' ଅଭିଯାନ ବ୍ୟବହାର କରି ଭାରତକୁ ସମଗ୍ର ବିଶ୍ୱରେ ଉତ୍ପାଦନର ହବରେ ପରିଣତ କରିବା ଏବଂ 'ଆତ୍ମନିର୍ଭର ଭାରତ'ର ସଂକଳ୍ପକୁ ସାକାର କରିବା ପାଇଁ ଅନୁରୋଧ କରିଛନ୍ତି। 'ମେକ୍ ଇନ୍ ଇଣ୍ଡିଆ' କେବଳ ଭାରତକୁ ଏକ ଉତ୍ପାଦନ କେନ୍ଦ୍ରରେ ପରିଣତ କରିବ ନାହିଁ ବରଂ ଆମର ଘରୋଇ ଉତ୍ପାଦକୁ ଏକ ବିଶ୍ୱସ୍ତରୀୟ ପ୍ଲାଟଫର୍ମ ଦେଇ ଭାରତୀୟ ଅର୍ଥନୀତିକୁ ସୁଦୃଢ଼ କରିବ। 'ବିକଶିତ ଭାରତର' ସ୍ୱପ୍ନକୁ ସାକାର କରି ଭାରତକୁ ଏକ ଅର୍ଥନୈତିକ ମହାଶକ୍ତିରେ ପରିଣତ କରିବା ଦିଗରେ 'ମେକ୍ ଇନ୍ ଇଣ୍ଡିଆ' ଅଭିଯାନ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ପ୍ରେରଣାଦାୟକ ପଦକ୍ଷେପ ବୋଲି କେନ୍ଦ୍ରମନ୍ତ୍ରୀ ଟ୍ୱିଟ୍ କରିଛନ୍ତି।

ଭବାନୀଶଙ୍କର ମନ୍ଦିରରେ ସ୍ଥାପିତ ହେଲା ରଥ ଚକ

ଭବାନୀପାଟଣା,୨୯।୯ (ସଂଚାର ବ୍ୟୁରୋ): ପୁରୀରୁ ୩ ରଥର ତିନି ଚକ ଭବାନୀପାଟଣାରେ ପହଞ୍ଚିଛି। ସହରର ପ୍ରବେଶ ଦ୍ୱାରରୁ ବଳଭଦ୍ରଙ୍କ ତାଳଧ୍ୱଜ, ଦେବୀ ସୁଭଦ୍ରାଙ୍କ ଦର୍ପ ଦଳନ ଓ ଜଗନ୍ନାଥଙ୍କ ନନ୍ଦିଘୋଷ ରଥର ଚକକୁ ତିନୋଟି ସୁସଜ୍ଜିତ ଯାନରେ ରଖି ଶ୍ରଦ୍ଧାଳୁମାନେ ଧୂପ ଦୀପରେ ବନ୍ଦାପନା କରି ସ୍ୱାଗତ କରିଥିଲେ। ସଂକୀର୍ତ୍ତନ, ଘଣ୍ଟ ଘଣ୍ଟା ଓ ମାଦଳର ତାଳେ ତାଳେ ଶୋଭାଯାତ୍ରାରେ ତିନୋଟି ରଥର ୩ଟକକୁ ସହର ପରିକ୍ରମା କରାଯାଇ ଭବାନୀଶଙ୍କର ମନ୍ଦିରକୁ ଅଣାଯାଇଥିଲା। ମନ୍ଦିରର ଦ୍ୱାର ଦେଶରେ ରଥ ଚକକୁ ବନ୍ଦାପନା କରି ମନ୍ଦିର ପରିସରକୁ ନିଆ ଯାଇଥିଲା। ରୀତିନୀତି ସହିତ ତିନୋଟି ରଥ ଚକକୁ ପୂଜାର୍ଚ୍ଚନା କରି ମନ୍ଦିର ପରିସରରେ ସ୍ଥାପନ କରାଯାଇଥିଲା। ଭବାନୀଶଙ୍କର ମନ୍ଦିର ପୂଜକ ମନୋଜ କୁମାର ମୁନିଙ୍କ ତତ୍ତ୍ୱାବଧାନରେ ଶ୍ରୀକ୍ଷେତ୍ର ପୁରୀରୁ ଚଳିତବର୍ଷ ରଥ ଯାତ୍ରାର ତିନୋଟି ରଥର ତିନୋଟି ଚକ ଶ୍ରୀମନ୍ଦିର ପ୍ରଶାସନଠାରୁ ନିଲାମ ପ୍ରକ୍ରିୟାରେ ଆଣିବା ପାଇଁ ଭବାନୀପାଟଣାର ଭବାନୀଶଙ୍କର ମନ୍ଦିର ପକ୍ଷରୁ ଆବେଦନ କରାଯାଇଥିଲା। ଜଗନ୍ନାଥ ଜଗତର ନାଥ, ଓଡ଼ିଆମାନଙ୍କ ଆରାଧ୍ୟ ଦେବତା। ଯେଉଁ ରଥରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରା ବିଜେକରି ରଥଯାତ୍ରା କରିଥିଲେ, ସେହି ରଥର ଚକ ଅତ୍ୟନ୍ତ ପବିତ୍ର ଓ ଏହି ତିନି ଠାକୁରଙ୍କ ପ୍ରତୀକ ସଦୃଶ।

ହାତୀ ଆକ୍ରମଣ ଜଣେ ମୃତ, ଲୋକେ ଆତଙ୍କିତ

ଯୋଡା,୨୯।୯ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜ ବାମେବାରୀ ସେକ୍ସନ ଅନ୍ତର୍ଗତ ଖଜୁରୀଡିହି ଗ୍ରାମ ନିକଟ ମିତ୍ତଲ କମ୍ପାନୀ ର ୫ନଂ ଗେଟ୍ ସମ୍ମୁଖରେ ରବିବାର ଭୋର୍ ସମୟରେ ଏକ ଦନ୍ତାହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ସେ ଭୋର୍ ସମୟରେ ଶୌଚ କରିବାକୁ ଯାଇଥିବା ବେଳେ ଦନ୍ତାହାତୀଟି ଦଳି ଦେଇଥିଲା । ଫଳରେ ଘଟଣାସ୍ଥଳରେ ହିଁ ଗୁରୁଚରଣଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ଅଞ୍ଚଳରେ ଉତ୍ତେଜନା ପରିସ୍ଥିତି ଉପୁଜିଥିଲା । ପୂର୍ବରୁ ଏହି ଦନ୍ତାହାତୀଟି ଅଞ୍ଚଳରେ ଉତ୍ପାତ ଓ ଉପଦ୍ରବ ଚଳାଇବା ସହିତ ଅଞ୍ଚଳରେ ଦୁଇ ଜଣଙ୍କୁ ଆକ୍ରମଣ କରି ମୃତ୍ୟୁ ଘଟାଇଥିବା କାରଣରୁ ଲୋକେ ଆତଙ୍କିତ ଥିଲେ । ବନ ବିଭାଗ ଏଥିପ୍ରତି ଗୁରୁତ୍ୱ ଦେବାକୁ ଅଞ୍ଚଳବାସୀ ଦାବି କରି ଆସୁଥିଲେ ହେଁ କିଛି ଦିନ ମଧ୍ୟରେ ପୁନର୍ବାର ହାତୀ ଆକ୍ରମଣରେ ମୃତ୍ୟୁ ଘଟଣା ଘଟିବା ଅଞ୍ଚଳବାସୀଙ୍କୁ ଆହୁରି ଉତ୍ୟକ୍ତ କରି ଦେଇଥିଲା । ଲୋକେ ବନବିଭାଗ କର୍ମଚାରୀ ଘେରି ରହିଥିବା ବେଳେ ବାମେବାରୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା । ଏ ସମ୍ପର୍କରେ ବାମେବାରୀ ଫରେଷ୍ଟର ରାଜେନ୍ଦ୍ର ଜେନାଙ୍କୁ ପଚାରିବାରୁ ସେ କହିଥିଲେ ଯେ,ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ଏହି ଦନ୍ତାହାତୀଟି ନିକଟରେ ୩ ଲୋକଙ୍କର ପ୍ରାଣହାନୀ ଘଟାଇଛି । ତେବେ ଏନେଇ ବନବିଭାଗ କ'ଣ ପଦକ୍ଷେପ ନେବାକୁ ଯାଉଛି ବୋଲି ପ୍ରଶ୍ନ କରାଯିବାରୁ ଉପରିସ୍ଥ ଅଧିକାରୀ ମାନେ ଯାହା ନିଷ୍ପତି ନେବେ ତାହାକୁ ପାଳନ କରାଯିବ ବୋଲି ସେ କହିଥିଲେ ।

ସିରିଜ୍ ଦୁର୍ଘଟଣା; ୨ ଗୁରୁତର

କଟକ,୨୯।୯ (ସଂଚାର ବ୍ୟୁରୋ): ବାରଙ୍ଗ ଥାନା ଗୋଡିସାହି ଗାଁରେ ନିଶାସକ୍ତ ଯୁବକଙ୍କ ଉନ୍ମୁକ୍ତ କାଣ୍ଡ। ନିଶାସକ୍ତ ଅବସ୍ଥାରେ ବୋଲେରୋ ଗାଡି ଚଲାଇ କରିଛନ୍ତି ସିରିଜ ଧକ୍କା। ଗଣେଶ ଭଷାଣୀ ଦେଖିବାକୁ ଆସୁଥିବା ଜଣେ ମହିଳା ଓ ଜଣେ ନାବାଳିକାଙ୍କ ଉପରେ ଗାଡି ଚଢ଼ାଇ ଦେଇଛନ୍ତି। ଦୁଇଜଣଙ୍କୁ ଗୁରୁତର ଅବସ୍ଥାରେ କଟକ ଏସସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇଥିବା ବୋଲେରୋଟି ଏକ ଖାଲରେ ପଡ଼ିଯାଇଛି। ସେଥିରେ ବସିଥିବା ଦୁଇ ଜଣ ଯାତ୍ରୀ ଫେରାର ହୋଇଯାଇଥିବା ବେଳେ ଆଉ ତିନି ଜଣ ନିଶାସକ୍ତ ଯୁବକଙ୍କୁ କାବୁ କରି ପୁଲିସ୍ ଜିମାରେ ଦେଇଛନ୍ତି ସ୍ଥାନୀୟ ଲୋକେ। ଦୁଇଟି ବାଇକକୁ ମଧ୍ୟ ଧକ୍କା ଦେଇଛି ଏହି ବୋଲେରୋ। ଘଟଣାସ୍ଥଳରେ ଉତ୍ତେଜନା ଦେଖା ଦେଇଛି।

କଠୋର ଆହ୍ୱାନ ପରେ ଭଦ୍ରକରେ ଉତ୍ତେଜନା ପ୍ରଶମିତ

ଭଦ୍ରକ, ୨୯।୯ (ସଂଚାର ବ୍ୟୁରୋ):ଭଦ୍ରକରେ ଉତ୍ତେଜନା ପ୍ରସମିତ ହୋଇଛି ହେଲେ ଆଗକୁ ଯେପରି ବିଶୃଙ୍ଖଳାକାରୀ କୌଣସି ଦୁଃସାହସ ନକରନ୍ତି ସେଥିପାଇଁ ଏବେବି ପୁରୁଣା ବଜାର ଅଞ୍ଚଳରେ ମୁତୟନ ଅଛନ୍ତି ୧୨ ପ୍ଲାଟୁନ୍ ପୋଲିସ। ପୁରୁଣା ବଜାର ସମେତ ଧାମନଗର ଏନଏସି ଅଞ୍ଚଳରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଜାରି ରଖାଯାଇଛି ୧୬୩ ଧାରା। ରାତିରେ ପାଟ୍ରୋଲିଂକୁ ବି କଡ଼କଡ଼ି କରାଯାଇଛି। ଗତରାତିରେ ଉତ୍ତେଜନାପୂର୍ଣ୍ଣ ଅଞ୍ଚଳରେ ପ୍ଲାଗମାର୍ଚ୍ଚ କରିଥିଲା ରାପିଡ ଆକ୍ସନ ଫୋର୍ସ। ପରିସ୍ଥିତିକୁ ନଜରରେ ରଖି ୩୦ ତାରିଖ ପର୍ଯ୍ୟନ୍ତ ଇଣ୍ଟରନେଟ୍ ସେବାକୁ ବନ୍ଦ କରାଯାଇଛି। କୌଣସି ଗୁଜବରେ ବିଶ୍ୱାସ ନକରିବାକୁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି ପୂର୍ବାଞ୍ଚଳ ଜିଆଇଜି।

ପୋଲିସର ତ୍ୱରିତ ଆହ୍ୱାନ ଏବଂ ବିଶୃଙ୍ଖଳାକାରୀଙ୍କ ପ୍ରତି କଠୋର ଆଭିମୁଖ୍ୟ ଯୋଗୁଁ ଭଦ୍ରକରେ ଟଳି ଯାଇଛି ଏକ ବଡ଼ ହିଂସା। ଶନିବାର ସୋସିଆଲ ମିଡିଆରେ ବିବାଦୀୟ ମନ୍ତବ୍ୟ ଦେଇଥିବା ଯୁବକଙ୍କୁ ଧୂଷୁରୀ ଅଞ୍ଚଳରୁ ଗିରଫ କରାଯାଇଥିବା ବେଳେ ପୋଲିସ ଉପରେ ଆକ୍ରମଣ କରିଥିବା ୭ ଜଣଙ୍କୁ ଗିରଫ କରାଯାଇଛି। ତେବେ ହିଂସା ପାଇଁ ଉସୁକାଇଥିବା ବିଜେଡି ନେତା ଫିର୍ଦ୍ଦୋଶ ସହ ଅନ୍ୟମାନଙ୍କର ତଲାସୀ ଚାଲିଥିବା ନେଇ ପୋଲିସ ସୂଚନା ଦେଇଛି।

ଶୁକ୍ରବାର ଫିର୍ଦ୍ଦୋଶ ନାମକ ଏହି ଯୁବକ ସୋସିଆଲ ମିଡିଆରେ ପୋଷ୍ଟ କରି ସମସ୍ତଙ୍କୁ ଏକାଠି ହୋଇ ଜାବବ ଦେବାକୁ ଅପିଲ କରିଥିଲା। ଏହାପରେ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର କେତେକ ବିଶୃଙ୍ଖଳାକାରୀ ଯୁବକ ଏକାଠି ହୋଇ ପୋଲିସ ଉପରେ କରିଥିଲେ ଆକ୍ରମଣ। ଏହି ଫିର୍ଦ୍ଦୋଶ ହେଉଛି ଭଦ୍ରକର ପୂର୍ବତନ ବିଧାୟକ ତଥା ଏବେର ଭଣ୍ଡାରିପୋଖରି ବିଜେଡି ବିଧାୟକ ସଂଜୀବ ମଲ୍ଲିକଙ୍କ ଖାସ୍। ତେଣୁ ଜାଣିଶୁଣି ଭଦ୍ରକରେ ଅଶାନ୍ତି ସୃଷ୍ଟି ପାଇଁ ବିଜେଡି ଷଡ଼ଯନ୍ତ୍ର କରିଥିବା ନେଇ ହୋଇଥିଲା ଅଭିଯୋଗ। ଶନିବାର ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ସୋସିଆଲ ମିଡିଆ ଅପପ୍ରଚାରରେ କିଛି ରାଜନୈତିକ ଶକ୍ତି ହସ୍ତକେକ୍ଷେ କରୁଛନ୍ତି। ସେପଟେ ରବିବାର ଭଦ୍ରକରେ ପରିସ୍ଥିତିର ସମୀକ୍ଷା ପରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେଉଁ ବ୍ୟକ୍ତି ଅଶାନ୍ତି ସୃଷ୍ଟି କରୁଛନ୍ତି କାହାକୁ ବି ଛଡ଼ାଯିବ ନାହିଁ। ଭଦ୍ରକରେ ସାମ୍ପ୍ରଦାୟିକ ବିଦ୍ୱେଷ ସୃଷ୍ଟି ପାଇଁ ଯେଉଁ ରାଜନୈତିକ ଷଡ଼ଯନ୍ତ୍ର ରଚାଯାଇଥିଲା ବିଶୃଙ୍ଖଳାକାରୀଙ୍କ ପ୍ରତି ରାଜ୍ୟ ସରକାରଙ୍କର କଠୋର ଆଭିମୁଖ୍ୟ ଏବଂ ପୋଲିସର ତ୍ୱରିତ ଆହ୍ୱାନ ଯୋଗୁଁ ତାହା ଭଣ୍ଡୁର ହୋଇଯାଇଛି। ତେବେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ତଥା ବିଜେଡି ନେତା ଫିର୍ଦ୍ଦୋଶକୁ ଖୋଜୁଛି ପୋଲିସ।

ଇ-କେୱାଇସି ଯାଞ୍ଚ ଜାରି ରହିବ

ଭୁବନେଶ୍ୱର, ୨୯।୯ (ସଂଚାର ବ୍ୟୁରୋ): ପ୍ରକୃତ ରାସନକାର୍ଡ ହିତାଧିକାରୀ ଚିହ୍ନଟ ପାଇଁ ଚାଲିଥିବା ଇ-କେୱାଇସି ଏବେ ବନ୍ଦ ହେବନି। ଯେଉଁ ପର୍ଯ୍ୟନ୍ତ ଶେଷ ବ୍ୟକ୍ତିଙ୍କ ଇ-କେୱାଇସି ସରିନି, ସେଯାଏଁ କାମ ଚାଲୁ ରହିବ ବୋଲି ରବିବାର ସୂଚନା ଦେଇଛନ୍ତି ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ମନ୍ତ୍ରୀ ଆହୁରି କହିଛନ୍ତି, ପାଖାପାଖି ସାଢ଼େ ୩ କୋଟି ଲୋକଙ୍କ ଇ-କେୱାଇସି ହେବ। ଅଦ୍ୟାବଧି ୨ କୋଟି ଲୋକଙ୍କ ଇ-କେୱାଇସି ସରିଛି, ଆଉ ଦେଢ଼ କୋଟି ଲୋକଙ୍କର ବାକି ରହିଛି। ଏଥିପାଇଁ ମାସେ, ଦେଢ଼ମାସ ସମୟ ଲାଗିପାରେ। ଇ-କେୱାଇସିସରିଲା ପରେ କେତେ ଫଲ୍ସ କାର୍ଡ ଥିଲା ତାହା ସ୍ପଷ୍ଟ ହୋଇଯିବ।ସେମାନଙ୍କୁ ଯୋଜନାରୁ କାଟି ଯୋଗ୍ୟ ହିତାଧିକାରୀଙ୍କୁ କାର୍ଡ ବଣ୍ଟା ହେବ ବୋଲି ସ୍ପଷ୍ଟ କରିଛନ୍ତି ମନ୍ତ୍ରୀ।

ବିଜେଡିର ଆରମ୍ଭ ହେବ ଜନ ସଂପର୍କ ପଦଯାତ୍ରା

ଭୁବନେଶ୍ୱର, ୨୯।୯ (ସଂଚାର ବ୍ୟୁରୋ): ବିଜେଡିର ଆରମ୍ଭ ହେବ ଜନ ସଂପର୍କ ପଦଯାତ୍ରା ଅଭିଯାନ । ଗାନ୍ଧୀ ଜୟନ୍ତୀ ଠାରୁ ଆରମ୍ଭ ହେବ ବୋଲି ଦଳ ସୁପ୍ରିମୋ ନବୀନ ପଟ୍ଟନାୟକ ପୂର୍ବରୁ ଘୋଷଣା କରିଥିଲେ । ଏହି ବିଷୟରେ ଦଳ ପକ୍ଷରୁ ନୂତନ ଭାବେ ତିଆରି ହୋଇଥିବା କମିଟି , ରାଜ୍ୟର ସମସ୍ତ କାର୍ଯ୍ୟକର୍ତ୍ତା, ବିଧାୟିକା/ ବିଧାୟକ ପ୍ରାର୍ଥୀ, ବ୍ଲକ ଓ ନଗର କର୍ମକର୍ତ୍ତାଙ୍କ ସହିତ ନିର୍ବାଚନ ମଣ୍ଡଳୀର ନେତାଙ୍କୁ ଜନ ସଂପର୍କ ପଦଯାତ୍ରା ସମ୍ପର୍କରେ ସୂଚିତ କରାଯାଇଛି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର। ଦୁଇଟି

ପର୍ଯ୍ୟାୟରେ ଜନ ସଂପର୍କ ପଦଯାତ୍ରା ହେବା ପାଇଁ ନିଷ୍ପତି ନେଇଛି ବିଜେଡି । ଦୁଇଟି ପର୍ଯ୍ୟାୟରେ ହେବାକୁ ଥିବା ଏହି ପଦଯାତ୍ରାର ପ୍ରଥମ ପର୍ଯ୍ୟାୟ ଅକ୍ଟୋବର ଦୁଇ ତାରିଖରୁଆରମ୍ଭ ହୋଇ ଅକ୍ଟୋବର ୬ତାରିଖ ପର୍ଯ୍ୟନ୍ତ ଚାଲିବ। ପୁଣି ଅକ୍ଟୋବର ୨୧ ରୁ ୩୦ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ଜନସମ୍ପର୍କ ପଦଯାତ୍ରା ଅଭିଯାନ କରାଯିବ ବୋଲି ନିଷ୍ପତି ନେଇଛନ୍ତି ଦଳ ସୁପ୍ରିମୋ ନବୀନ ପଟ୍ଟନାୟକ। ପୁଣ୍ୟାତ୍ମା ଗୋପବନ୍ଧୁଙ୍କ ପବିତ୍ର ତିଥିରେ ବି ବିଜୁ ଜନତା ଦଳର ସଦସ୍ୟତା ଅଭିଯାନକୁ ମଧ୍ୟ ବ୍ୟାପକ କରାଯିବ। ଅକ୍ଟୋବର ୯ରୁ ଆରମ୍ଭ କରିବାକୁ ନିଷ୍ପତି ନେଇଛି ଦଳ। ସେପଟେ ସଦସ୍ୟତା ଅଭିଯାନକୁ ରାଜ୍ୟର ବିଭିନ୍ନ ଜିଲ୍ଲା ଗୁଡିକରେ ଓ କ୍ଷେତ୍ରୀୟ ସ୍ତରରେ ବି ବ୍ୟାପକ କରାଯିବ ବୋଲି ସୂଚନା ଦେଲେ ବିଜୁ ଜନତା ଦଳର ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର ।

ଶୋଇଥିବା ବାପାକୁ ହତ୍ୟା

ରାଉରକେଲା, ୨୯।୯(ସଂଚାର ବ୍ୟୁରୋ): ଲେଫ୍ରିପଡ଼ା ଥାନା ଛଟେନପାଲି ନିକଟ ଫଲସାପଡ଼ାରେ ଜଘନ୍ୟ କାଣ୍ଡ। ଶନିବାର ରାତିରେ ଶୋଇଥିବା ବାପାଙ୍କୁ ପିଟି ପିଟି ପୁଅ ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ବାପା ପିକନାଥ ସା(୬୩)। ଅଭିଯୁକ୍ତ ପୁଅ ଦୀପକ ସା (୩୨)କୁ ପୁଲିସ ଅଟକ ରଖି ପଚରାଉଚରା କରୁଛି।ବିବାହିତ ଦୀପକ ପ୍ରତିଦିନ ମଦ ପିଇ ଘରେ ଝଗଡ଼ା, ମାଡ଼ପିଟ କରି ଆସୁଥିଲା। ସେହି କାରଣରୁ ତା'ସ୍ତ୍ରୀ ବାପା ଘରକୁ ଚାଲି ଯାଇଥିଲେ। ଘରେ ବାପପୁଅ ରହୁଥିଲେ। ଶନିବାର ରାତିରେ ମଦ ପିଇ ମାତାଲ ଅବସ୍ଥାରେ ଘରକୁ ଆସି ଶୋଇଥିବା ବାପାଙ୍କୁ ପିଟି ଶୋଇ ପଡ଼ିଥିଲା। ରବିବାର ସକାଳୁ ଉଠି ଘରେ ତାଲା ଦେଇ କୁଆଡ଼େ ଚାଲି ଯାଇଥିଲା। ଅପରାହ୍ନ ୩ଟାରେ ଘରକୁ ଫେରି ତାଲା ଖୋଲିଲା ବେଳକୁ ପଡ଼ା ଲୋକେ ପିକନାଥଙ୍କ ମୃତ୍ୟୁ ହୋଇଥିବା ଦେଖି ପୁଲିସକୁ ଖବର ଦେଇଥିଲେ।ସୂଚନା ପାଇ ଲେଫ୍ରିପଡ଼ା ଥାନା ଅଧିକାରୀ ଗଗନ ବିହାରୀ ନାୟକ ତାଙ୍କ ଟିମ୍ ସହ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଥିବାବେଳେ ଦୀପକକୁ ଅଟକ ରଖି ପଚରାଉଚରା କରୁଛନ୍ତି। ତେବେ ଏଯାଏ ଥାନାକରେ କେହି ଏତଲା ଦେଇ ନଥିବାରୁ କୌଣସି ମାମଲା ରୁଜୁ ହୋଇ ନଥିବା ସୂଚନା ମିଳିଛି।

୨୪ ବର୍ଷର ସରକାରରେ ଗାଁକୁ ସଂଯୋଗ ହୋଇ ପାରିଲାନି ରାସ୍ତା

କେନ୍ଦୁଝର, ୨୯।୯(ସଂଚାର ବ୍ୟୁରୋ):କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଜୁଙ୍ଗା ପଞ୍ଚାୟତର ଡୁମୁରୀନାଳି ଗାଁ ରାସ୍ତାର ଦୃଶ୍ୟ। ଆଖପାଖ ଅଞ୍ଚଳର ଅଧିକାଂଶ ଲୋକ ଏହି ରାସ୍ତା ଉପରେ ନିର୍ଭର କରୁଥିଓ୍ୱା ଓ୍ୱଳେ ଲଗାଣ ଓ୍ୱର୍ଷା ହେଲେ ରାସ୍ତାର ହାଲ ଓ୍ୱହୋଲ। ସ୍ଥାନୀୟ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନକୁ ଅବଗତ କରିଥିଲେ ସୁଦ୍ଧା କୌଣସି ସୁଫଳ ନ ମିଳିବାରୁ ଅଣ୍ଟା ଭିଡିଛନ୍ତି ଗାଁର ମହିଳା । ଜଙ୍ଗଲ ଜନନୀ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ନିଜ ଖର୍ଚ୍ଚରେ ମରମ ଯୋଗାଡ କରି ହାତରେ କୋଡି, କୋଦାଳ ଧରି, ମୁଣ୍ଡରେ ମରମ ବୋହି ରାସ୍ତା ମରାମତି କରିଛନ୍ତି । ମୁଖ୍ୟରାସ୍ତାକୁ ସଂଯୋଗ କରୁଥିବା ୨ କିଲୋମିଟର ରାସ୍ତା ଆଜି ଯାଏ ନିର୍ମାଣ ହୋଇପାରିନାହିଁ । ରାସ୍ତାର ଦୂରବସ୍ଥା ଯୋଗୁଁ ଗାଁକୁ ଆମ୍ବୁଲାନସ କିମ୍ବା ଅନ୍ୟ ଯାନବାହାନ ଚଳାଚଳ କରିପାରୁନାହିଁ। ଫଳରେ ଲୋକେ ନାହିଁ ନଥିବା ଅସୁବିଧା ଭୋଗ କରୁଛନ୍ତି । ତେଣୁ ଗାଁରେ ଏକ ନିତିଦିନିଆ ରାସ୍ତା ନିର୍ମାଣ ପାଇଁ ଦାବି କରିଛନ୍ତି ଲୋକେ । ସେପଟେ ଏନେଇ ଆମେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ସେ ସମ୍ପୃକ୍ତ ବିଡିଓଙ୍କୁ ଏହାର ଅନୁଧ୍ୟାନ କରି ପଦକ୍ଷେପ ନେବାକୁ ଜଣାଇଥିବା କହିଛନ୍ତି। ତେବେ ବର୍ଷାରେ ଯେଉଁ ରାସ୍ତାରେ ପାଦରେ ଚାଲି କି ଯିବା ଅସମ୍ଭବ ହେଉଥିଲା, ଏବେ ସେହି ରାସ୍ତା ମହିଳାମାନଙ୍କ ଯୋଗୁଁ ବ୍ୟବହାର ଉପଯୋଗୀ ହୋଇପାରିଛି ।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର